ଆମର ପ୍ରତିବଦ୍ଧତା
ସରକାର ଓ ପ୍ରଶାସନ ସହ ଜନସାଧାରଣଙ୍କ ସମ୍ପର୍କର ସେତୁ ନିଷ୍କର୍ଷ

Approved by DAVP Govt. of India

# ନିଷ୍କର୍ଷ
# NISHKARSHA

RNI REGD. No. : ODIODI/2020/78909

QR Code Scan for Play NTv(24X7) Channel on Your Mobile Phone

Email : nishkarsha.media@gmail.com
Email for Advt. : nishkarsha.advt@gmail.com
Youtube Channel : Ntv Nishkarsha @Ntv_Nishkarsha
www.nishkarsha.com
www.nishkarsha.site
www.nishkarsha.in

YouTube

NISHKARSHA MEDIA ENTERTAINMENT & PUBLICATION

♦ VOLUME - 07 ♦ ISSUE- 30 ♦ CUTTACK ♦ WEEKLY ♦ 27 -JULY TO 02 - AUGUST 2026 ♦ 8 PAGE ♦ RATE- 5/- ■ ବର୍ଷ - ୦୭ ♦ ସଂଖ୍ୟା -୩୦ ♦ କଟକ ♦ ସାପ୍ତାହିକ ♦ ୨୭-ଜୁଲାଇ ରୁ ୦୨-ଅଗଷ୍ଟ ୨୦୨୬ ♦ ପୃଷ୍ଠା-୮ ♦ ମୂଲ୍ୟ- ୫ ଟଙ୍କା


## 'ମନ୍ କି ବାତ'ରେ ବଡ଼ କଥା କହିଲେ ପିଏମ୍ ମୋଦି

# କ୍ୟାଚ୍ ଦି ରେନ୍‌ରୁ ନେଇ ବିକ୍ରମ -୧କୁ କଲେ ପ୍ରଶଂସା



**ନୂଆଦିଲ୍ଲୀ(ଏଜେନ୍ସି) :** ୧୩୬ତମ 'ମନ୍ କି ବାତ'ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶବାସୀଙ୍କୁ ସମ୍ବୋଧନ କରିଛନ୍ତି । ଦେଶବାସୀଙ୍କୁ ଉଦ୍ଦେଶ୍ୟରେ ବାର୍ତ୍ତା ଦେଇ ଯୁବପିଢ଼ି ହିଁ ଭାରତର ଶକ୍ତି ବୋଲି କହିଛନ୍ତି ପ୍ରଧାନମନ୍ତ୍ରୀ । ମନ୍ କି ବାତରେ ବିକ୍ରମ-୧ ଲଞ୍ଚକୁ ଐତିହାସିକ ସଫଳତା ବୋଲି କହିବା ସହ କ୍ୟାଚ୍ ଦି ରେନ୍ କାର୍ଯ୍ୟକ୍ରମକୁ ପ୍ରଶଂସା କରିଛନ୍ତି । ଏହା ସହିତ କାର୍ଗିଲ ବିଜୟ ଦିବସର ଶୁଭେଚ୍ଛା ଜଣାଇଛନ୍ତି ପ୍ରଧାନମନ୍ତ୍ରୀ ।

କ୍ୟାଚ୍ ଦି ରେନ୍କୁ ପ୍ରଶଂସା- 'ମନ୍ କି ବାତ'ର ୧୩୬ତମ ଏପିସୋଡରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, 'ବର୍ଷାକୁ ଧରିବା ପାଇଁ, ଜୁଲାଇ ୪ରୁ ସାରା ଦେଶରେ ଏକ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହୋଇଛି । ଏହି ଅଭିଯାନ ଅଧୀନରେ ବର୍ଷାଜଳ ଅମଳ, ଭୂତଳ ଜଳ ପୁନଃଚାର୍ଜ, ପୁରୁଣା ଜଳ ଉତ୍ସର ପୁନରୁଦ୍ଧାର ଏବଂ ବୃକ୍ଷରୋପଣକୁ ଏକ ନୂତନ ପ୍ରେରଣା ଦିଆଯାଉଛି । ମୁଁ ବହୁତ ଖୁସି ଯେ ଲୋକମାନେ ସବୁଠି ଉତ୍ସାହର ସହିତ ଅଂଶଗ୍ରହଣ କରିଛନ୍ତି, ଗାଁ ହେଉ କି ସହର, ପଞ୍ଚାୟତ ହେଉ କି ସାମାଜିକ ସଂଗଠନ ଏହାକୁ ସଫଳତାର ସମ୍ପର୍ଣ୍ଣ କରିଛନ୍ତି । ବର୍ଷା ପାଣିର ଗୋଟିଏ ଗୋଟିଏ ବୁନ୍ଦାକୁ ସଂରକ୍ଷିତ କରି ଜନ ଆନ୍ଦୋଳନରେ ପରିଣତ କରିବାକୁ ଅପିଲ୍ କିରିଥିଲା ଯାହା ସଫଳ ହୋଇଛି । କ୍ୟାଚ୍ ଦି ରେନ୍ କାର୍ଯ୍ୟକ୍ରମ ଅର୍ଥ ବହୁତ ସରଳ, ଯେଉଁଠି ବର୍ଷା ପାଣି ପଡିଲା ତାକୁ ସେହିଠାରେ ସଂରକ୍ଷଣ କରିବା । ଆଜି ସଞ୍ଚିତ ପ୍ରତ୍ୟେକ ବୁନ୍ଦା ଆଗାମୀ ପିଢ଼ିର ଭବିଷ୍ୟତ ପାଇଁ ସବୁଠାରୁ ବଡ଼ ସମ୍ପତ୍ତି ।' ।

ମହାକାଶ କ୍ଷେତ୍ରରେ ବିକ୍ରମ -୧ ଐତିହାସିକ ଲଞ୍ଚ- ମନ୍ କି ବାତ୍ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ କହିଛନ୍ତି, 'ଗତ ରବିବାର, ବିକ୍ରମ-୧ର ସଫଳ ପ୍ରକ୍ଷେପଣ ଦେଶର ପ୍ରତ୍ୟେକ ନାଗରିକଙ୍କୁ ଗର୍ବରେ ଭରି ଦେଇଛି । ଆମେ ସମସ୍ତେ ଭାରତୀୟ ମହାକାଶ କ୍ଷେତ୍ର ପାଇଁ ଏହି ଐତିହାସିକ ମୁହୂର୍ତ୍ତର ସାକ୍ଷୀ । ଏହା ଘରୋଇ କ୍ଷେତ୍ର ଦ୍ୱାରା ବିକଶିତ ଭାରତର ପ୍ରଥମ ରକେଟ୍ । ଆମର ଯୁବ ଉଦ୍ଭାବକମାନେ ଏପରି କିଛି ହାସଲ କରିଛନ୍ତି ଯାହା କଳ୍ପନା କରିବା ମଧ କଷ୍ଟକର ଥିଲା । ସେମାନେ ଆଶ୍ଚର୍ଯ୍ୟଜନକ ଦକ୍ଷତା, ଆଗ୍ରହ ଏବଂ ଧର୍ଯ୍ୟ ଦେଖାଇଛନ୍ତି । ଦୀର୍ଘ ସମୟ ଧରି, ଆମର ମହାକାଶ କ୍ଷେତ୍ର ଘରୋଇ କ୍ଷେତ୍ର ପାଇଁ ବନ୍ଦ ରହିଥିଲା, କିନ୍ତୁ ଯୁବପିଢ଼ିଙ୍କ ଆଗ୍ରହକୁ ଧ୍ୟାନରେ ରଖି, ଆମର ଘରୋଇ କ୍ଷେତ୍ର ମହାକାଶ ପାଇଁ ଖୋଲା ଯାଇଥିଲା । କ୍ରୀଡାରେ ଭାରତୀୟ ଖେଳାଳିଙ୍କ ସଫଳତାକୁ ପ୍ରଶଂସା- ପ୍ରଧାନମନ୍ତ୍ରୀ

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

## ଏଚ୍‌ସିଏଲ୍ କରିବ ଏଆଇ ଡାଟା ସେଣ୍ଟର

# ଓଡ଼ିଶା ସରକାର, ସର୍ବମ୍ ସହ ଏମ୍‌ଓୟୁ ସ୍ୱାକ୍ଷରିତ

### ୨୦୨୮ ସୁଦ୍ଧା କାର୍ଯ୍ୟକ୍ଷମ ହେବ ଡେଭେଲପମେଣ୍ଟ ସେଣ୍ଟର




**ଭୁବନେଶ୍ୱର(ଏନ୍.ଏମ୍.) :** ଦେଶର ଅଗ୍ରଣୀ ଆଇଟି କମ୍ପାନି ଏଚ୍‌ସିଏଲ୍ ଟେକ୍ନୋଲୋଜିସ୍ ଲିମିଟେଡ୍ ଓଡ଼ିଶାରେ ଏକ ଏଆଇ ଡାଟା ସେଣ୍ଟର ସ୍ଥାପନ କରିବ । କମ୍ପାନି ପକ୍ଷରୁ ଏନେଇ ଓଡ଼ିଶା ସରକାର ଓ ଏଆଇ ସଂସ୍ଥା ସର୍ବମ ସହିତ ଏକ ବୁଝାମଣାପତ୍ର ସ୍ୱାକ୍ଷର କରାଯାଇଛି । ଲୋକସେବା ଭବନ ସମ୍ମିଳନୀ ପକ୍ଷରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଏଚ୍‌ସିଏଲ୍ ଟେକ୍ନୋଲୋଜିସର ମୁଖ୍ୟ ରୋଶନୀ ନାଦର ମାଲେହୋତ୍ରା ଓ ସର୍ବମର ସହ ପ୍ରତିଷ୍ଠାତା ପ୍ରତ୍ୟୁଷ କୁମାରଙ୍କ ଉପସ୍ଥିତିରେ ଏହି ବୁଝାମଣା ହୋଇଛି । ଏଚସିଏଲ୍ ଟେକ୍ନୋଲୋଜିସ୍ ଓଡ଼ିଶାରେ ଏହାର ଗ୍ଲୋବାଲ୍ ଟେକ୍ନୋଲୋଜି ସେଣ୍ଟର୍ ଏବଂ ଓଡ଼ିଶା ସୋଭରେନ ଏଆଇ ପାର୍କରେ ଏହାର ପ୍ରଥମ ଏଆଇ ଡାଟା ସେଣ୍ଟର ସ୍ଥାପନ କରିବ । ପ୍ରସ୍ତାବିତ ଡାଟା

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

## 'ପାକିସ୍ତାନକୁ ତାର ଭୁଲ୍ ପାଇଁ ଜବାବ ଦିଆଯିବ'

# କାର୍ଗିଲ ବିଜୟ ଦିବସରେ ପାକିସ୍ତାନକୁ ରାଜନାଥ ସିଂହଙ୍କ ଚେତାବନୀ

**ନୂଆଦିଲ୍ଲୀ (ଏଜେନ୍ସି):** ୨୭ତମ କାର୍ଗିଲ ବିଜୟ ଦିବସ । ବୀର ସହିଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି କେନ୍ଦ୍ର ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ । କାର୍ଗିଲ ଭାରତମାତର ମୁକୁଟରେ ହୀରା ପରି ବୋଲି କହିଛନ୍ତି ପ୍ରତିରକ୍ଷା ମନ୍ତ୍ରୀ । କାର୍ଗିଲ ଦିବସରେ ପାକିସ୍ତାନକୁ କଡ଼ା ଚେତାବନୀ ଦେଇଛନ୍ତି ରାଜନାଥ ସିଂହ । ସେ କହିଛନ୍ତି ଏବେ କେବଳ ପିଓକେ ଉପରେ ଆଲୋଚନା ହେବ । ପିଓକେ ବ୍ୟତୀତ ଅନ୍ୟ କୌଣସି ପ୍ରସଙ୍ଗରେ ଆଲୋଚନା କରାଯିବ ନାହିଁ । ପାକିସ୍ତାନ ଅବୈଧ ଭାବେ ଭାରତୀୟ ଭୂମିକୁ ହଡ଼ପ କରିଛି ତାକୁ ଏହାକୁ ଛାଡିବାକୁ ପଡିବ ବୋଲି କହି କଡ଼ା ସମୋଲୋଚନା କରିଛନ୍ତି ପ୍ରତିରକ୍ଷା ମନ୍ତ୍ରୀ । ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି ଯେ, 'ଦେଶର ସୁରକ୍ଷା ଦେବା ପାଇଁ ନିଜ ଜୀବନ ବଳିଦାନ ଦେଇଥିବା ସମସ୍ତ ସାହସୀ ସୈନିକଙ୍କୁ ମୋର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି । 'ଅପରେସନ ବିଜୟ'ର ୨୭ତମ ବାର୍ଷିକୀରେ ସେ ସମସ୍ତ ଦେଶବାସୀଙ୍କୁ ଅଭିନନ୍ଦନ । କାର୍ଗିଲ ଭାରତ ମାତାର ଏକ ମୂଲ୍ୟବାନ ମଣି ଏବଂ ସେ ଦ୍ରାସର ମାଟିରେ ସୈନିକମାନଙ୍କ ମଧ୍ୟରେ ଠିଆ ହୋଇ ଗର୍ବ ଅନୁଭବ କରୁଛନ୍ତି । ପାକିସ୍ତାନ ଛଳନା, ବିଶ୍ୱାସଘାତକତା କରି ଏହାକୁ କବଜା କରିଥିଲା । କିନ୍ତୁ ଭାରତୀୟ ସେନା ଜବାବ ଦେଇଥିଲା । ଭାରତୀୟ ସୈନିକମାନେ କେବଳ ଦୁର୍ଗମ ଶିଖର ଚଢ଼ି ନଥିଲେ, ବରଂ ମାନବୀୟ ସହନଶୀଳତାର ପ୍ରତ୍ୟେକ ସୀମା ଅତିକ୍ରମ କରି ଶତ୍ରୁକୁ ଉପଯୁକ୍ତ ଜବାବ ଦେଇଥିଲେ ଏବଂ କାରଗିଲ ଶିଖରରେ ତ୍ରିରଙ୍ଗାକୁ ଉଡ଼ାଇଥିଲେ । କାର୍ଗିଲ ଯୁଦ୍ଧ କେବଳ ଏକ ସାମରିକ ବିଜୟ ନୁହେଁ ବରଂ ଭାରତ ପାଇଁ ଏକ କୂଟନୈତିକ ବିଜୟ ଥିଲା । ପାକିସ୍ତାନ

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

# କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା

**ନୂଆଦିଲ୍ଲୀ (ଏଜେନ୍ସି) :** ଦିଲ୍ଲୀରେ ଚାଲିଥିବା ଛାତ୍ର ଆନ୍ଦୋଳନର ଅବସାନ ଘଟିଛି । ନିଟ ପେପର ଲିକ ଘଟଣାରେ ଦେଶରେ ହଟଚମଟ ସୃଷ୍ଟି ହୋଇଥିଲା । ଏହି ଅବସରରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶନିବାର ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି । କେନ୍ଦ୍ର ସରକାର ଏବଂ ସିଜେପି ପ୍ରତିନିଧିମଣ୍ଡଳ ମଧ୍ୟରେ ତୃତୀୟ ପର୍ଯ୍ୟାୟ ଆଲୋଚନା ପୂର୍ବରୁ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନିକଟକୁ ତାଙ୍କର ଇସ୍ତଫାପତ୍ର ପଠାଇ ଦେଇଥିଲେ । ନିଟ୍–ୟୁଜି ପେପର୍ ଲିକ୍ ଏବଂ ଜନ୍ତର ମନ୍ତରରେ ଚାଲିଥିବା ଛାତ୍ର ପ୍ରତିବାଦକୁ ନେଇ ଦେଶବ୍ୟାପୀ ବିବାଦ ମଧ୍ୟରେ ଧର୍ମେନ୍ଦ୍ର ପ୍ରଧାନଙ୍କ ଏହି ନିଷ୍ପତ୍ତି ଆସିଛି । ଧର୍ମେନ୍ଦ୍ର ପ୍ରଧାନ ତାଙ୍କ ଇସ୍ତଫାପତ୍ର ସୋସିଆଲ ମିଡିଆରେ ପୋଷ୍ଟ କରି ଇସ୍ତଫାର କାରଣ ବ୍ୟାଖ୍ୟା କରିଛନ୍ତି ।

ଧର୍ମେନ୍ଦ୍ର ପ୍ରଧାନ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଏକ ପୋଷ୍ଟରେ ତାଙ୍କର ଇସ୍ତଫା ପତ୍ର ପ୍ରକାଶ କରିଛନ୍ତି । ଏଥିରେ ସେ ଲେଖିଛନ୍ତି, "ମୋର ଯୁବ ସାଥୀମାନେ, ମୁଁ ଚାରି ଦଶନ୍ଧିରୁ ଅଧିକ ସମୟ ଧରି ଛାତ୍ର, ଶିକ୍ଷକ ଏବଂ ଶିକ୍ଷା ସଂସ୍କାର ପାଇଁ ଉତ୍ସର୍ଗୀକୃତ । ମୁଁ ସର୍ବଦା ବିଶ୍ୱାସ କରିଆସିଛି ଯେ ଏକ ଦୃଢ଼, ଅନ୍ତର୍ଭୁକ୍ତ ଏବଂ ଦୂରଦୃଷ୍ଟିସମ୍ପନ୍ନ ଶିକ୍ଷା ବ୍ୟବସ୍ଥା ହେଉଛି ଏକ ଦୃଢ଼ ରାଷ୍ଟ୍ରର ମୂଳଦୁଆ ।"

## ଧର୍ମେନ୍ଦ୍ର ପ୍ରଧାନଙ୍କ ରାଜନୈତିକ କ୍ୟାରିୟର :

# ଏବିଭିପି କର୍ମୀରୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ




**ନୂଆଦିଲ୍ଲୀ(ଏଜେନ୍ସି) :** ପ୍ରଶ୍ନପତ୍ର ଲିକ୍ ଓ ପ୍ରତିଯୋଗିତାମୂଳକ ପରୀକ୍ଷାରେ ବ୍ୟାପକ ଅନିୟମିତତା ଅଭିଯୋଗରେ ଦେଶରେ ବ୍ୟାପକ ଛାତ୍ର ଆନ୍ଦୋଳନ ପରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ପଦରୁ ଧର୍ମେନ୍ଦ୍ର ପ୍ରଧାନ ଇସ୍ତଫା ପ୍ରଦାନ କରିଛନ୍ତି । ବିଜେପିର ବରିଷ୍ଠ ନେତା ଧର୍ମେନ୍ଦ୍ର ପ୍ରଧାନ ୧୯୯୮ରେ ବିଜେପିରେ ଯୋଗ ଦେବାପୂର୍ବରୁ କଲେଜ ଜୀବନରୁ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର କର୍ମୀ ଭାବେ ତାଙ୍କ ରାଜନେ ?ତିକ ଜୀବନ ଆରମ୍ଭ କରିଥିଲେ । ପରବର୍ତ୍ତୀ ଦଶନ୍ଧିରେ ସେ ସଙ୍ଗଠନର ବହୁ ପଦପଦବୀରେ ରହିଥିଲେ । ୧୯୯୩ ମସିହାରେ ଏବିଭିପିର ରାଜ୍ୟ ସମ୍ପାଦକ ଓ ୧୯୯୫ ମସିହାରେ ଜାତୀୟ ସମ୍ପାଦକ ଭାବରେ କାର୍ଯ୍ୟ କରିଥିଲେ ।

ଲୋକସଭା ସାଂସଦ ଓ କେନ୍ଦ୍ରମନ୍ତ୍ରୀ ଭାବରେ ବିଭିନ୍ନ ବିଭାଗ ସମ୍ଭାଳି ଥିଲେ । ଜୁଲାଇ ୨୦୨୧ ରେ ଧର୍ମେନ୍ଦ୍ର ପ୍ରଧାନ ଶିକ୍ଷା ମନ୍ତ୍ରୀ ଭାବରେ ଦାୟିତ୍ୱ ଗ୍ରହଣ କରିବା ପୂର୍ବରୁ ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ, ଇସ୍ପାତ ଓ ଦକ୍ଷତା ବିକାଶ ସମେତ ଗୁରୁତ୍ୱପୂର୍ଣ୍ଣ ବିଭାଗରେ କାର୍ଯ୍ୟ କରିଛନ୍ତି । ପ୍ରଧାନ ଓଡ଼ିଶାରେ ନିର୍ବାଚନୀ ରାଜନୀତିରେ ପ୍ରବେଶ କରିଥିଲେ ଓ ୨୦୦୦ ରୁ ୨୦୦୪ ପର୍ଯ୍ୟନ୍ତ ଓଡ଼ିଶା ବିଧାନସଭାର ସଦସ୍ୟ ଭାବରେ କାର୍ଯ୍ୟ କରିଥିଲେ । ପ୍ରଧାନଙ୍କୁ ଓଡ଼ିଶା ବିଧାନସଭାର ସର୍ବୋତ୍ତମ ବିଧାୟକ ପୁରସ୍କାର 'ଉତ୍କଳମଣି ଗୋପବନ୍ଧୁ ପ୍ରତିଭା ସମ୍ମାନ' ମଧ ପ୍ରଦାନ କରାଯାଇଥିଲା । ୨୦୦୧ ମସିହାରେ ଧର୍ମେନ୍ଦ୍ର ପ୍ରଧାନ ଓଡ଼ିଶାରେ ବିଜେପି ଯୁବଶାଖାର ଅଧ୍ୟକ୍ଷ ଓ ୨୦୦୨

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

## ଅଗଷ୍ଟ ୧୭ ପରେ ରାଜ୍ୟ ଦେଖିବ ନୂଆ ଡିଜିପି

# ଡିଜିପି ୱାଇ.ବି. ଖୁରାନିଆଙ୍କ ଅବସର ପାଇଁ ରାଜ୍ୟସରକାରଙ୍କ ଅନୁମତି



**ଭୁବନେଶ୍ୱର(ଏନ୍.ଏମ୍.) :** ରାଜ୍ୟ ପୁଲିସ ମୁଖ୍ୟ ୧୯୯୦ ବ୍ୟାଚର ଆଇପିଏସ୍ ୱାଇ ବି ଖୁରାନିଆ ଆସନ୍ତା ଅଗଷ୍ଟ ୧୬ରେ ଅବସର ନେବେ । ରାଜ୍ୟ ସରକାର ତାଙ୍କୁ ଅବସର ନେବା ପାଇଁ ଅନୁମତି ପ୍ରଦାନ କରିଛନ୍ତି । ଏନେଇ ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ଶ୍ରୀ ଖୁରାନିଆ ୨୦୨୬ ମାର୍ଚ୍ଚ ମାସରେ ୬୦ବର୍ଷ ପୂରଣ କରି ସରକାରୀ ଚାକିରିରୁ ଅବସର ନେବାର ଥିଲା । ପୁଲିସ ଡିଜି ଭାବେ ୨ବର୍ଷ କାର୍ଯ୍ୟକାଳ ପୂରଣର ପ୍ରାବଧାନ ପାଇଁ ତାଙ୍କ କାର୍ଯ୍ୟକାଳ ୨୦୨୬ ଅଗଷ୍ଟ ୧୬ ତାରିଖ ପର୍ଯ୍ୟନ୍ତ ବଢ଼ାଇଥିଲେ ରାଜ୍ୟ ସରକାର । ୟୁପିଏସସି ଗାଇଡ୍‌ଲାଇନ୍ ଅନୁସାରେ ଡିଜିପି ଚୟନ ପାଇଁ ଗତ ମେ' ୧୪ ତାରିଖରେ ୧୧ଜଣ ବରିଷ୍ଠ ଆଇପିଏସ୍‌ଙ୍କ ନାଁ ୟୁପିଏସସିକୁ

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

## ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲରେ ନୂତନ ପଦବିକୁ ମଞ୍ଜୁରି

# ବିଭିନ୍ନ ସୁପର ସ୍ପେଶିଆଲିଟି ବିଭାଗରେ ୧୫୨ଟି ପ୍ରଫେସର, ଆସୋସିଏଟ ପ୍ରଫେସର, ଆସିଷ୍ଟାଣ୍ଟ ପ୍ରଫେସର ,ସିନିୟର ରେସିଡେଣ୍ଟ ପଦବି ମଞ୍ଜୁର



**ଭୁବନେଶ୍ୱର(ଏନ୍.ଏମ୍.) :** ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତରଫରୁ ବିଭିନ୍ନ ସରକାରୀ ମେଡିକାଲ କଲେଜର ସୁପର ସ୍ପେଶିଆଲିଟି ବିଭାଗ ପାଇଁ ୧୫୨ଟି ପ୍ରଫେସର, ସହଯୋଗୀ ପ୍ରାଧ୍ୟାପକ (ଆସୋସିଏଟ ପ୍ରଫେସର), ସହକାରୀ ପ୍ରାଧ୍ୟାପକ (ଆସିଷ୍ଟାଣ୍ଟ ପ୍ରଫେସର), ବରିଷ୍ଠ ଆବାସିକ (ସିନିୟର ରେସିଡେଣ୍ଟ) ପଦବିଗୁଡ଼ିକ ଅନୁମୋଦିତ ହୋଇଛି ।

ମଞ୍ଜୁର ପଦବିଗୁଡିକ ମଧ୍ୟରେ ଭୁବନେଶ୍ୱର ସ୍ଥିତ କ୍ୟାପିଟାଲ ହସ୍ପିଟାଲରେ ହୃତପିଣ୍ଡ ବିଜ୍ଞାନ ବିଭାଗ, ସ୍ନାୟୁ ବିଜ୍ଞାନ ବିଭାଗ, ସ୍ନାୟୁ ଶଲ୍ୟ ଚିକିତ୍ସା ବିଭାଗ , ପ୍ଲାଷ୍ଟିକ ସର୍ଜରୀ ବିଭାଗ, ବୃକକ ଚିକିତ୍ସା ବିଭାଗ, ହୃତପିଣ୍ଡ ଓ ରକ୍ତନଳୀ ଶଲ୍ୟ ଚିକିତ୍ସା ବିଭାଗ । କୋରାପୁଟ ସ୍ଥିତ ସହିଦ ଲକ୍ଷଣ ନାୟକ ମେଡିକାଲ କଲେଜ ଏବଂ ହସ୍ପିଟାଲରେ ହୃତପିଣ୍ଡ ବିଜ୍ଞାନ ବିଭାଗ, ସ୍ନାୟୁ ବିଜ୍ଞାନ ବିଭାଗ, ସ୍ନାୟୁ ଶଲ୍ୟ ଚିକିତ୍ସା ବିଭାଗ, ପ୍ଲାଷ୍ଟିକ ସର୍ଜରୀ ବିଭାଗ, ବୃକକ ଚିକିତ୍ସା ବିଭାଗ । ବାରିପଦା ସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଏବଂ ହସ୍ପିଟାଲରେ ହୃତପିଣ୍ଡ ବିଜ୍ଞାନ ବିଭାଗ, ସ୍ନାୟୁ ବିଜ୍ଞାନ ବିଭାଗ, ସ୍ନାୟୁ ଶଲ୍ୟ ଚିକିତ୍ସା ବିଭାଗ, ପ୍ଲାଷ୍ଟିକ ସର୍ଜରୀ ବିଭାଗ, ବୃକକ ଚିକିତ୍ସା ବିଭାଗ । ବଲାଙ୍ଗିର ସ୍ଥିତ ଭୀମଭୋଇ ମେଡିକାଲ କଲେଜ ଏବଂ ହସ୍ପିଟାଲରେ ହୃତପିଣ୍ଡ ବିଜ୍ଞାନ ବିଭାଗ,ସ୍ନାୟୁ ବିଜ୍ଞାନ ବିଭାଗ,ସ୍ନାୟୁ ଶଲ୍ୟ ଚିକିତ୍ସା ବିଭାଗ, ପ୍ଲାଷ୍ଟିକ ସର୍ଜରୀ ବିଭାଗ, ବୃକକ ଚିକିତ୍ସା ବିଭାଗ । ବାଲେଶ୍ୱର ସ୍ଥିତ ଫକୀରମୋହନ ମେଡିକାଲ

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

## ଶିମିଳିପାଳରେ ବାଘ ସଂଖ୍ୟା ୩୫କୁ ବୃଦ୍ଧି

# କ୍ୟାମେରା ଟ୍ରାପ୍ ସର୍ବେକ୍ଷଣରେ ୧୬ ଶାବକ ଚିହ୍ନଟ



**ବାରିପଦା (ଏନ୍.ଏମ୍.):** ଶିମିଳିପାଳ ଜାତୀୟ ଅଭୟାରଣ୍ୟରେ ବାଘସଂଖ୍ୟା ୩୫କୁ ବୃଦ୍ଧିପାଇଛି । ଏଥିମଧ୍ୟରେ ୧୬ ଶାବକ ଅଛନ୍ତି । ବନବିଭାଗର ସର୍ବଶେଷ କ୍ୟାମେରା ଟ୍ରାପ୍ ସର୍ବେକ୍ଷଣରେ ଏହା ଜଣାପଡ଼ିଛି ବୋଲି ପିସିସିଏଫ୍(ୱାଇଲ୍ଡଲାଇଫ୍) ଓ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ପ୍ରେମ କୁମାର ଝା କହିଛନ୍ତି । ୨୦୨୨ ସର୍ବଭାରତୀୟ ବାଘ ଗଣନା(ଏଆଇଟିଇ)ରେ ଶିମିଳିପାଳରେ ମାତ୍ର ୧୬ଟି ବାଘ ଥିଲ । ୨୦୨୩-୨୪ର ଓଡ଼ିଶା ସରକାରୀ ସର୍ବେକ୍ଷଣରେ ଏହା ୨୭କୁ ବୃଦ୍ଧି ପାଇଥିଲା । ଡିସେମ୍ବର ୨୦୨୪ରୁ ଜାନୁୟାରି ୨୦୨୫ ମଧ୍ୟରେ ହୋଇଥିବା ସର୍ବେକ୍ଷଣରେ ୩୨ଟି ବାଘ ଚିହ୍ନଟ ହୋଇଥିଲେ । ଏବେ ଏହି ସଂଖ୍ୟା ୩୫ରେ ପହଞ୍ଚିଛି । ସୂଚନା ଅନୁସାରେ, ମହାରାଷ୍ଟ୍ରର ତଡ଼ବା-ଆନ୍ଧାରୀ ଟାଇଗର ରିଜର୍ଭରୁ ୨୦୨୪ରେ ଅଣାଯାଇଥିବା ଯମୁନା ଓ ଜୀନତ୍ ବାଘୁଣୀକୁ ମିଶାଇ ମୋଟ ୩୫ଟି ବାଘ ଅଛନ୍ତି । ସେଥିମଧ୍ୟରୁ ୧୭ଟି ପୁରୁଷ ଓ ୧୮ଟି ମାଈ ଅଛନ୍ତି । ତନ୍ମଧ୍ୟରୁ ୧୯ଟି ବାଘ ମ୍ୟୁଡୋ-ମେଲାନିଷ୍ଟିକ୍(କଳାଡୋରା ବାଘ) ଅଛନ୍ତି । ସେହିପରି ଜୀନତର ୪ଟି ଶାବକକୁ ମିଶାଇ ଶିମିଳିପାଳରେ ବାଘଶାବକ ସଂଖ୍ୟା ମଧ ୧୨ରୁ ବଢ଼ି ୧୬ ହୋଇଛି । ବନ୍ୟଜନ୍ତୁ ସଂରକ୍ଷଣ କାର୍ଯ୍ୟକ୍ରମ, ଆବାସ ଉନ୍ନତି ଓ ଶିକାରଜୀବଙ୍କ ସଂଖ୍ୟା ବଢ଼ାଇବା ଯୋଗୁ ବାଘ ବଂଶ ବୃଦ୍ଧି ସମ୍ଭବ ହୋଇଛି ବୋଲି ଶ୍ରୀ ଝା କହିଛନ୍ତି । ଏଥିସହିତ, ଟାଇଗର ସପ୍ଲିମେଣ୍ଟେସନ୍ ପ୍ରୋଗ୍ରାମ ସୁଫଳ ଦେବା ଆରମ୍ଭ କରିଛି । ବନ୍ୟପ୍ରାଣୀ ବିଭାଗ ଶିମିଳିପାଳର ଜେନେଟିକ୍ ବିବିଧତା ଆହୁରି ମଜଭୁତ୍ କରିବା ପାଇଁ ମଧ ଭାରତୀୟ ଲ୍ୟାଣ୍ଡସ୍କେପରୁ ଏକ ପୁରୁଷ ଓ ଏକ ମାଈ ବାଘ ଆଣିବା ପାଇଁ ପ୍ରସ୍ତାବ ରହିଛି । ଏହି ପ୍ରସ୍ତାବ ରାଜ୍ୟ ସରକାର ଓ କେନ୍ଦ୍ର ପରିବେଶ, ବନ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରାଳୟଙ୍କ ଅନୁମୋଦନ ପାଇଁ ପଠାଯିବ ବୋଲି ଶ୍ରୀ ଝା କହିଛନ୍ତି । ଶିମିଳିପାଳର ଏହି ସଫଳତା ଓଡ଼ିଶାର ବନ୍ୟଜନ୍ତୁ ସଂରକ୍ଷଣ କାର୍ଯ୍ୟର ଏକ ଉଜ୍ଜ୍ୱଳ ଉଦାହରଣ ପାଲଟିଛି । ସେହିଭଳି ଆଗରେ ଚାଲିଛି ମା' ଜିନ୍ନତ । ପଛରେ ନିର୍ଭୟରେ ବୁଲୁଛନ୍ତି ୪ ଶାବକ । ମା' ସହ ଏକା ଲୟରେ ଚାଲିଛନ୍ତି । ଏଭଳି କିଛି ଦୃଶ୍ୟ ଦେଖିବାକୁ ମିଳିଛି ଶିମିଳିପାଳରେ । ମହାରାଷ୍ଟ୍ରରୁ ଅଣାଯାଇଥିବା ବାଘୁଣୀ ଜିନ୍ନତ ଛୁଆମାନଙ୍କୁ ନେଇ ଜଙ୍ଗଲରେ ବୁଲୁଥିବା ବେଳର ଫଟୋ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କର୍ତ୍ତୃପକ୍ଷ ସୋସିଆଲ ମିଡିଆ 'ଏକ୍ସ'ରେ ପୋଷ୍ଟ କରିଛନ୍ତି । ଯାହା ଏବେ ଭାଇରାଲ ହେବାରେ ଲାଗିଛି । ବ୍ୟାଘ୍ରପ୍ରେମୀ ଓ ପରିବେଶବିତ ମାନେ ଏହି ଦୃଶ୍ୟକୁ ଖୁବ ପସନ୍ଦ କରିଛନ୍ତି । ଚାରି ବାଘ ଶାବକମାନଙ୍କ ବୟସ ୨ ମାସରୁ କମ୍ ହେବ ଏବଂ ସେମାନେ ଧୀରେଧୀରେ ବଡ଼ ହେଉଛନ୍ତି । ସେମାନେ ମା' ଜିନ୍ନତ ସହ ବୁଲୁଛନ୍ତି ବୋଲି ବନ ବିଭାଗ ପକ୍ଷରୁ ସୂଚନା ମିଳିଛି । ବାଘୁଣୀ ଜିନ୍ନତ ଏବଂ ତା'ର ଶାବକମାନଙ୍କ ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖାଯାଇଛି । ଶିମିଳିପାଳ କର୍ତ୍ତୃପକ୍ଷ ଅଭୟାରଣ୍ୟ ଭିତରେ ୨୦ କିଲୋମିଟର ପରିଧି ମଧ୍ୟରେ ୨୦ରୁ ଅଧିକ ଟ୍ରାପ୍ କ୍ୟାମେରା ଲଗାଇଛନ୍ତି । ଏହା ସହିତ ବାଘୁଣୀ ଜିନ୍ନତର ଗତିବିଧି ଜାଣିବା ପାଇଁ ତାକୁ ଏକ ସାଟେଲାଇଟ୍ କଲାର୍ ପିନ୍ଧାଯାଇଛି ଏବଂ ଭିଏଚଏଫ୍ ଟ୍ରାକିଂ ସିଗ୍ନାଲ୍ ମାଧ୍ୟମରେ ତଦାରଖ କରାଯାଉଛି ।

# ନୂଆ ଶିକ୍ଷାମନ୍ତ୍ରୀ ଦାୟିତ୍ୱ ନେଲେ ପ୍ରହ୍ଲାଦ ଯୋଶୀ



**ନୂଆଦିଲ୍ଲୀ (ଏଜେନ୍ସି) :** କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ପରେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କେନ୍ଦ୍ର ମନ୍ତ୍ରୀ ପ୍ରହ୍ଲାଦ ଯୋଶୀଙ୍କୁ ଶିକ୍ଷା ମନ୍ତ୍ରାଳୟର ଅତିରିକ୍ତ ଦାୟିତ୍ୱରେ ନିଯୁକ୍ତ କରିଛନ୍ତି । ସେ ତାଙ୍କର ବର୍ତ୍ତମାନର ଦାୟିତ୍ୱ ବହନ କରିବା ସହିତ ଶିକ୍ଷା ମନ୍ତ୍ରୀ ପଦ ଗ୍ରହଣ କରିଛନ୍ତି । ପ୍ରଧାନମନ୍ତ୍ରୀଙ୍କ ପରାମର୍ଶ କ୍ରମେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ୨୦୨୬ ଜୁଲାଇ ୨୫ରେ ତୁରନ୍ତ ପ୍ରଭାବରେ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଗ୍ରହଣ କରିଥିଲେ । ପ୍ରହ୍ଲାଦ ଯୋଶୀ ଏକ୍ସରେ ଟ୍ୱିଟ୍ କରି କହିଛନ୍ତି, 'ଆଜି ମୁଁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ପଦ ଗ୍ରହଣ କରିଛି । ମୋତେ ବିଶ୍ୱାସ କରିବା ଏବଂ ଏହି ଦାୟିତ୍ୱ ଦେବା ପାଇଁ ମୁଁ ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନିକଟରେ କୃତଜ୍ଞ । ମୁଁ ଏହାକୁ ନମ୍ରତା ଏବଂ କର୍ତ୍ତବ୍ୟବୋଧର ସହିତ ଗ୍ରହଣ କରୁଛି ।' ଉଲ୍ଲେଖଯୋଗ୍ୟ, ପାଞ୍ଚଥର ସାଂସଦ ନିର୍ବାଚିତ ଯୋଶୀ ୨୦୨୪ରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ମନ୍ତ୍ରୀମଣ୍ଡଳକୁ ଫେରିଥିଲେ । ଯୋଶୀଙ୍କ ଜନ୍ମ ୧୯୬୨ ମସିହାରେ କର୍ଣ୍ଣାଟକର ଏକ ବ୍ରାହ୍ମଣ ପରିବାରେ ହୋଇଥିଲା । ସେ ୨୦୦୪ ମସିହାରେ ଚତୁର୍ଦ୍ଦଶ ଲୋକସଭା ପାଇଁ ନିର୍ବାଚିତ ହେବା ପରେ ଜାତୀୟ ରାଜନୀତିରେ ପାଦ ରଖିଥିଲେ ।

ସୋମବାର,୨୭-ଜୁଲାଇ ରୁ ୦୨-ଅଗଷ୍ଟ ୨୦୨୬
ନିଷ୍କର୍ଷ
NISHKARSHA
ଖୋଲା ସମୟ

'ଶାନ୍ତିପୂର୍ଣ୍ଣ ଜୀବନ ପାଇଁ ଦୁଇଟି ନିୟମ: ବିଫଳତାର ଉଦାସୀନତା କେବେହେଲେ ହୃଦୟକୁ ଯିବା ଅନୁଚିତ; ସଫଳତାର ଅହଂକାର ମସ୍ତିଷ୍କକୁ ଯିବା ଅନୁଚିତ' - ଡ. ଅବଦୁଲ କଲାମ

ଇତିହାସର ଆଇନାରେ

# 'ମୋଗାମ୍ବୋ' ରୋଲ୍ ନମିଳିବାରୁ ଅମରୀଶ ପୁରୀଙ୍କୁ ଈର୍ଷା କରୁଥିଲେ ଅନୁପମ





**ନୂଆଦିଲ୍ଲୀ(ଏନ୍.ଏମ୍.):** ବଲିଉଡ ଅଭିନେତା ଅନିଲ କପୁର ଏବଂ ଶ୍ରୀଦେବୀ ଅଭିନୀତ ଫିଲ୍ମ 'ମିଷ୍ଟର ଇଣ୍ଡିଆ' କୁ ବଲିଉଡର ସର୍ବୋତ୍ତମ ଫିଲ୍ମ ମଧ୍ୟରୁ ଗୋଟିଏ ବୋଲି ବିବେଚନା କରାଯାଏ। ଏହି ଫିଲ୍ମରେ 'ମୋଗାମ୍ବୋ' ଚରିତ୍ରକୁ ଭାରତୀୟ ସିନେମା ଇତିହାସର ସର୍ବଶ୍ରେଷ୍ଠ ଖଳନାୟକ ଭାବରେ ବିବେଚନା କରାଯାଏ। ଏହି ଭୂମିକା ଅମରୀଶ ପୁରୀଙ୍କ ଦ୍ୱାରା ଅଭିନୀତ ହୋଇଥିଲା, ଯଦିଓ ଏହା ପ୍ରଥମେ ଅନୁପମ ଖେରଙ୍କୁ ଅଫର୍ କରାଯାଇଥିଲା। କିନ୍ତୁ, ପରେ ଖେରଙ୍କୁ ଏହି ଭୂମିକା ପାଇଁ ରିଜେକ୍ଟ କରାଯାଇଥିଲା। ଏକ ସାକ୍ଷାତକାରରେ ସେ ପ୍ରକାଶ କରିଥିଲେ ଯେ ଫିଲ୍ମ ପାଇଁ ରିଜେକ୍ଟ ହେବା ପରେ, ସେ ଅମରୀଶ ପୁରୀଙ୍କ ପ୍ରତି ଈର୍ଷା ଅନୁଭବ କରୁଥିଲେ। ଏକ ସାକ୍ଷାତକାରରେ, ଅନୁପମ ଖେର ପ୍ରକାଶ କରିଥିଲେ ଯେ 'ମିଷ୍ଟର ଇଣ୍ଡିଆ' ଫିଲ୍ମରେ ମୋଗାମ୍ବୋ ଭୂମିକା ହରାଇବା ପରେ ସେ ଅମରୀଶ ପୁରୀଙ୍କ ପ୍ରତି ଈର୍ଷା ଅନୁଭବ କରୁଥିଲେ। ସେ କହିଥିଲେ, 'ଯେତେବେଳେ ମୋତେ 'ମିଷ୍ଟର ଇଣ୍ଡିଆ' ରୁ ବାହାର କରାଯାଇଥିଲା ଏବଂ ଅମରୀଶ ପୁରୀଙ୍କୁ ମୋଗାମ୍ବୋ ଭୂମିକାରେ କାଷ୍ଟ କରାଯାଇଥିଲା, ମୁଁ ଈର୍ଷାପରାୟଣ ଏବଂ ଛୋଟ ଅନୁଭବ କରିଥିଲି। ମୁଁ ଭାବିଥିଲି ଯେ ମୋତେ କାହିଁକି ବାହାର କରାଯାଇଛି, ସେ କିପରି ଭୂମିକା ପାଇଲେ ଏବଂ ସେ ମୋ ସ୍ଥାନ କାହିଁକି ନେଲେ।'ସେ ଆହୁରି କହିଛନ୍ତି, 'ଏସବୁ ପରେ, ବ୍ୟକ୍ତି ନିଜକୁ ଛୋଟ ଅନୁଭବ କରିବାକୁ ଆରମ୍ଭ କରେ। ମୁଁ ଫିଲ୍ମଟି ନ ପାଇବା ପାଇଁ ବହୁତ ଖରାପ ଅନୁଭବ କଲି। କିନ୍ତୁ, ଯେତେବେଳେ ମୁଁ ଏହାକୁ ଦେଖିଲି, ମୋତେ ଲାଗିଲା ଯେ ମୁଁ ଅମରୀଶ ପୁରୀଙ୍କ ପରି ମୋଗାମ୍ବୋ ଭୂମିକାରେ ଅଭିନୟ କରିପାରି ନଥାନ୍ତି। ତେବେ 'ମିଷ୍ଟର ଇଣ୍ଡିଆ' ୧୯୮୭ ମସିହାରେ ରିଲିଜ୍ କରିଥିଲା। ଶେଖର କପୁରଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ଅନିଲ କପୁର, ଶ୍ରୀଦେବୀ ଏବଂ ଅମରୀଶ ପୁରୀ ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ। ଅମରୀଶ ପୁରୀଙ୍କ ଦ୍ୱାରା ଅଭିନୀତ 'ମୋଗାମ୍ବୋ' ଚରିତ୍ର ଭାରତୀୟ ସିନେମାର ସବୁଠାରୁ ଭୟଙ୍କର ଖଳନାୟକଙ୍କ ମଧ୍ୟରେ ସ୍ଥାନ ପାଇଛି। ତାଙ୍କର ଡାଏଲଗ୍, 'ମୋଗାମ୍ବୋ ଖୁସି ହୁଆ' ଆଜି ବି ଲୋକପ୍ରିୟ।

# ସୋସିଆଲ ମିଡିଆରେ ଭିଡିଓ ଭାଇରାଲ

## ହିନ୍ଦୀ ଶବ୍ଦକୁ ନେଇ ଟ୍ରୋଲ୍ ହେଲେ ଅନନ୍ୟା



**ନୂଆଦିଲ୍ଲୀ (ଏଜେନ୍ସି):** ସମାଲୋଚନା ସହ ଅନନ୍ୟା ପାଣ୍ଡେଙ୍କ ସମ୍ପର୍କ ଖୁବ୍ ପୁରୁଣା । ପ୍ରତିଦିନ ଯେକୌଣସି କାରଣ ପାଇଁ ସେ ସମାଲୋଚନାର ଶିକାର ହୋଇଥାନ୍ତି। ଏ ଥର ତାଙ୍କର ଏକ ଭିଡିଓ ଚର୍ଚ୍ଚାକୁ ଆସିଛି, ଯେଉଁଥିରେ ତାଙ୍କ ହିନ୍ଦୀ ଜ୍ଞାନ ପାଇଁ ୟୁଜର୍ ତାଙ୍କୁ ସମାଲୋଚନା କରୁଛନ୍ତି। ନିକଟରେ ଅନନ୍ୟା ଏକ ଫ୍ୟାଶନ୍ ଶୋ'ରେ ରାମ୍ପ୍ ୱାକ୍ କରିଥିଲେ । ଏହା ପରେ ଜଣେ କଣ୍ଟେଣ୍ଟ କ୍ରିଏଟ' ତାଙ୍କୁ କିଛି ପ୍ରଶ୍ନ ପଚାରିଥିଲେ। ଅନନ୍ୟାଙ୍କୁ ପଚରାଗଲା, ହିନ୍ଦୀରେ କେଉଁ ଶବ୍ଦ ଉଚ୍ଚାରଣ କରିବା ସବୁଠୁ କଷ୍ଟକର। ଅନନ୍ୟା ବେଶ କିଛି ସମୟ ଏ ବିଷୟରେ ଚିନ୍ତା କଲେ । ତା'ପରେ କହିଲେ 'ରୋଷେଇ ଘର'। ତାଙ୍କ ଅନୁସାରେ, ଏହା ହିନ୍ଦୀର ସବୁଠୁ କଷ୍ଟକର ଶବ୍ଦ ଯାହାକୁ ସହଜରେ କହି ହୁଏ ନାହିଁ । ତାଙ୍କର ଜବାବ ଲୋକଙ୍କୁ ଚକିତ କରିଛି। ସୋସିଆଲ ମିଡିଆରେ ତାଙ୍କ ଭିଡିଓ ଖୁବ୍ ଭାଇରାଲ ହେଉଛି। ତାଙ୍କୁ ଭଲ ହିନ୍ଦୀ ଆସେନାହିଁ, ଏହା ତା'ର ଜ୍ୱଳନ୍ତ ଉଦାହରଣ ବୋଲି ଲୋକେ କହୁଛନ୍ତି । ଆଉ କିଛି ତାଙ୍କ ପିଆର୍ ଟ୍ରେନିଂ ଉପରେ ପ୍ରଶ୍ନ ଉଠାଇଛନ୍ତି । କେଉଁ ପରିସ୍ଥିତିରେ କ'ଣ କୁହାଯିବ ତାଙ୍କୁ ଶିଖାଯାଇ ନାହିଁ ବୋଲି ଚର୍ଚ୍ଚା ହେଉଛି। ତେବେ ନିକଟରେ ମୁକ୍ତିପ୍ରାପ୍ତ ଫିଲ୍ମ 'ଚାନ୍ଦ ମେରା ଦିଲ୍' ପାଇଁ ଅନନ୍ୟା ଖୁବ୍ ଟ୍ରୋଲ୍ ହୋଇଥିଲେ। ଫିଲ୍ମରେ ଭରତନାଟ୍ୟମ୍ ଓ ହିପ୍-ହପ ଫ୍ୟୁଜନ୍ ନୃତ୍ୟ ପାଇଁ ତାଙ୍କୁ ଖୁବ୍ ସମାଲୋଚନା କରାଯାଇଥିଲା।



# ୧୦ ବର୍ଷ ହେବ ଫିଲ୍ମ ଅପେକ୍ଷାରେ ଅର୍ଚ୍ଚନା ପୁରନ

**ମୁମ୍ବାଇ(ଏନ୍.ଏମ୍.):** ଅତ୍ୟାଧୁନିକ ଏଣ୍ଟରଟେନମେଣ୍ଟ ଜଗତରେ ଅର୍ଚ୍ଚନା ପୁରନ ସିଂହଏକ ଜଣାଶୁଣା ନାଁ। ଛୋଟରୁ ବୁଢ଼ା ପର୍ଯ୍ୟନ୍ତ ତାଙ୍କର ପ୍ରଶଂସା କରନ୍ତି। ଟିଭିରୁ ନେଇ ଫିଲ୍ମ ଯାଏ, ସେ ନିଜର ସ୍ୱତନ୍ତ୍ର ସ୍ଥାନ ତିଆରି କରିଛନ୍ତି। ଏବେ ସେ କପିଲ ଶର୍ମାଙ୍କ ଶୋ'ରେ ଜଣେ ଜଜ୍ ଭାବେ ନଜର ଆସୁଛନ୍ତି। ଅଭିନେତ୍ରୀ ୟୁଟ୍ୟୁବରେ ମଧ୍ୟ ଖୁବ୍ ଲୋକପ୍ରିୟ। ତାଙ୍କର ଫ୍ୟାମିଲ ବ୍ଲଗ୍ସ ଟ୍ରେଣ୍ଡରେ ରହିଛି। ହେଲେ ଅର୍ଚ୍ଚନାଙ୍କ ଅଭିଯୋଗ ଯେ, ତାଙ୍କୁ ଫିଲ୍ମରେ କାମ ମିଳୁ ନାହିଁ। ଅର୍ଚ୍ଚନା ପୁରନ 'ଭିକ୍କି ବିଦ୍ୟା କା ୱୋ ୱାଲା ଭିଡିଓ' ଓ 'ଟୋଷ୍ଟର' ଭଳି ଫିଲ୍ମରେ ମଧ୍ୟ ନଜର ଆସି ସାରିଛନ୍ତି। କିନ୍ତୁ ଅଭିନେତ୍ରୀଙ୍କର ଦାବି ଯେ, ତାଙ୍କୁ ଫିଲ୍ମରେ ଅଫର ସେହିଭଳି ମିଳୁ ନାହିଁ, ଯେମିତିକା ସେ ଚାହାନ୍ତି। ନ୍ୟୁଜ୍-୧୮ ସହ ସାକ୍ଷାତକାର ସମୟରେ କଥାବାର୍ତ୍ତା ଛଳରେ ଅର୍ଚ୍ଚନା ନିଜର ହୃଦୟର କଥା କହିଥିଲେ- ମୋତେ ବ୍ରାଣ୍ଡ ଏଣ୍ଡୋର୍ସମେଣ୍ଟର ଅଫର ତ ମିଳୁଛି, କିନ୍ତୁ ଆକ୍ଟିଂର ଅଫର ଏବେ ବି ମୋ ପାଖକୁ ଆସୁ ନାହିଁ। ଏମିତି ନୁହେଁ ଯେ, 'ଟୋଷ୍ଟର' ଫିଲ୍ମ ପରେ ମୋ ପାଖରେ ଅଫରର ଲାଇନ ଲାଗି ଯାଇଛି। ଅର୍ଚ୍ଚନା ଆହୁରି କହିଥିଲେ - ମୁଁ କିଛି ଦିନ ପୂର୍ବେ ଏକ ଫିଲ୍ମର ଅଫର ଏଡେଇ ଦେଇ ଥିଲି, କାରଣ ମୋତେ ସେହି ରୋଲ୍ ପସନ୍ଦ ଆସିଲା ନାହିଁ। ଭଲ ରୋଲ୍ ଏବେସୁଦ୍ଧା ମୋ ପାଖକୁ ଆସୁ ନାହିଁ। ମୁଁ ସବୁ ଫିଲ୍ମମେକର୍ସଙ୍କୁ ଏହି କଥା କହିବାକୁ ଚାହୁଁଛି ଯେ, ମୁଁ ଆକ୍ଟିଂ କରିବାକୁ ଚାହୁଁଛି, କିନ୍ତୁ ଆମର ଇଣ୍ଡଷ୍ଟ୍ରୀ ବହୁତ ଅଲଗା। ଅର୍ଚ୍ଚନା କୁହନ୍ତି , ତାଙ୍କ କ୍ୟାରିୟରର ଚମକ ରୋହିତ ଶେଟ୍ଟୀଙ୍କ ଫିଲ୍ମ 'ବୋଲ ବଚ୍ଚନ'ର ରିଲିଜ ପରେ ଫିକା ପଡ଼ି ଯାଇଛି। ଅଭିନେତ୍ରୀ କହିଛନ୍ତି, ଯଦିଓ ଏହି ଫିଲ୍ମଟି ବକ୍ସ ଅଫିସ୍ ହିଟ୍ ହୋଇ ଥିଲା, ହେଲେ ଏହା ତାଙ୍କ କ୍ୟାରିୟରରେ କୌଣସି କାମରେ ଆସିଲା ନାହିଁ। ଅର୍ଚ୍ଚନା କହିଥିଲେ – ଯେବେ 'ବୋଲ ବଚ୍ଚନ' ରିଲିଜ ହୋଇ ଥିଲା, ତ ମୋଟେ ଟ୍ରେଡ୍ ଆନାଲିଷ୍ଟଙ୍କ ଫୋନ୍ ଆସି ଥିଲା। ସେମାନେ ମୋତେ କହିଥିଲେ ଯେ, ମୋ ପାଖକୁ ଅଫରର ବନ୍ୟା ଛୁଟିବ। ମୁଁ ତାଙ୍କୁ କହି ଥିଲି, ଯେତେବେଳେ ମୁଁ ପ୍ରଥମ ଅଫର ପାଇବି , ତ ଫୋନ କରି ଜଣାଇବି। ଏହି କଥାକୁ ଏବେ ୧୦ ବର୍ଷ ବିତି ସାରିଛି ଏବଂ ତାଙ୍କୁ ଫୋନ୍ କରିବାକୁ ମୋ ପାଖରେ କୌଣସି କାରଣ ହିଁ ନାହିଁ। ଏହି ୧୦ ବର୍ଷ ଭିତରେ ମୋତେ ଗୋଟିଏ ବି ଅଫର ମିଳି ନାହିଁ। ଆମ ଇଣ୍ଡଷ୍ଟ୍ରୀ ସତରେ ବଡ଼ ଅଜବ ବୋଲି ସେ କ୍ଷୋଭର ସହ କହିଥିଲେ। ତେବେ ଅଭିନେତ୍ରୀଙ୍କୁ ଅର୍ଚ୍ଚନାଙ୍କୁ ଯେତେବେଳେ ପଚରା ଗଲା ଯେ, ଏହାର କାରଣ କାହାକୁ ଭାବନ୍ତି, ଅଭିନେତ୍ରୀ କହି ଥିଲେ – ଏହାର ଅନେକ କାରଣ ହୋଇପାରେ। ଅନେକ ଫିଲ୍ମ ମେକରଙ୍କ ବିଶ୍ୱାସ ଯେ, ମୁଁ କମେଡି ଶୋ' କରିବାରେ ବ୍ୟସ୍ତ ,ଏଥିପାଇଁ ମୁଁ ତାଙ୍କୁ ନିଜର ଡେଟ୍ସ ଦେଇ ପାରିବି ନାହିଁ। ଯେବେ ମୁଁ ଟିଭିରେ ଶୋ' କରୁଥିଲି, ସେତେବେଳେ ମୁଁ ସେହି ସବୁ ଫିଲ୍ମକୁ କରିପାରୁ ନଥିଲି, ଯାହା ମୋତେ ଅଫର ହେଉ ଥିଲା।

# ଏ ସପ୍ତାହର ଭାଗ୍ୟବିଚାର

**ମେଷ:** ସୋମବାର: ଜୀବନସାଥୀଙ୍କର ପ୍ରେମ ଓ ସୁଖ ପାଇବେ। ମଙ୍ଗଳ, ବୁଧ ଓ ଗୁରୁବାର: ବ୍ୟବସାୟୀଙ୍କ ଲାଗି ସମୟ ଉତ୍ତମ। ଶୁକ୍ର ଓ ଶନିବାର: ଶିକ୍ଷକଙ୍କର ସହଯୋଗ ପାଇବେ। ରବିବାର ପାରିବାରିକ ସୁଖ ମିଳିବ।

**ବୃଷ:** ସୋମବାର: ପୂର୍ବରୁ କରି ଆସୁଥିବା କାମରେ ଲାଭ ପାଇବେ। ମଙ୍ଗଳ, ବୁଧ ଓ ଗୁରୁବାର: ବ୍ୟବସାୟ ଉପରେ ବିରୋଧୀଙ୍କର ନଜର ରହିବ। ଶୁକ୍ର ଓ ଶନିବାର: ଘରର ପରିବେଶ ଭଲ ରହିବ। ରବିବାର: ଲାଭବାନ ହେବେ।

**ମିଥୁନ:** ସେମାବାର: ମହତ୍ତ୍ୱପୂର୍ଣ୍ଣ ଲୋକଙ୍କ ସାକ୍ଷାତ ହେବ। ମଙ୍ଗଳ, ବୁଧ ଓ ଗୁରୁବାର: କିଛି ନୂଆ କରି ଦେଖାଇବାର ଇଚ୍ଛା ଜାଗିବ। ଶୁକ୍ର ଓ ଶନିବାର: ଆର୍ଥିକ ମାମଲାରେ ହଇରାଣ ହୋଇପାରନ୍ତି। ରବିବାର:ଦୀର୍ଘ ଦିନ ଧରି ଅପେକ୍ଷା କରିଥିବା ବନ୍ଧୁଙ୍କ ସାକ୍ଷାତ ମିଳିବ।

**କର୍କଟ:** ସୋମବାର: ଜୀବନସାଥୀଙ୍କୁ ମନ ଓ ହୃଦୟର କଥା କହିବେ। ମଙ୍ଗଳ, ବୁଧ ଓ ଗୁରୁବାର: ଅଧୁରା ଥିବା କାମ ସଂପୂର୍ଣ୍ଣ ହେବ। ଶୁକ୍ର ଓ ଶନିବାର: ବ୍ୟବସାୟରେ ବିକ୍ରୀ ବଢ଼ିବ। ରବିବାର: ମନବାଞ୍ଛା ପୂର୍ଣ୍ଣ ହେବ।

**ସିଂହ:** ସୋମବାର: ନୂଆ କାମର ସୁଯୋଗ ଲାଗି ପ୍ରସ୍ତୁତ ରହିବେ। ମଙ୍ଗଳ, ବୁଧ ଓ ଗୁରୁବାର: ମନ ଆଧ୍ୟାତ୍ମିକ ଦିଗରେ ଲାଗି ରହିବ। ଶୁକ୍ର ଓ ଶନିବାର: କିଛିନା କିଛି ଇଚ୍ଛା ପୂରା ହେବ। ରବିବାର: ନୂତନ କାର୍ଯ୍ୟରେ ଯୋଗଦେବେ।

**କନ୍ୟା:** ସୋମବାର: କାର୍ଯ୍ୟକ୍ଷେତ୍ର ବୃଦ୍ଧି ଲାଗି ନୂଆ ଅବସର ପାଇବେ। ମଙ୍ଗଳ, ବୁଧ ଓ ଗୁରୁବାର: ପୂର୍ବ କଥାକୁ ନେଇ ଚିନ୍ତିତ ରହିବେ। ଶୁକ୍ର ଓ ଶନିବାର: ପ୍ରେମ ପ୍ରସଙ୍ଗରେ ସବୁ କିଛି ଭଲ ହେବ। ରବିବାର: କର୍ମକ୍ଷେତ୍ରକୁ ନେଇ ଚିନ୍ତିତ ରହିବେ।

**ତୁଳା:** ସୋମବାର: ସ୍ୱାସ୍ଥ୍ୟ ପ୍ରତି ସଚେତନ ରୁହନ୍ତୁ। ମଙ୍ଗଳ, ବୁଧ ଓ ଗୁରୁବାର: ବେକାରଙ୍କୁ ରୋଜଗାର ମିଳିବ। ଶୁକ୍ର ଓ ଶନିବାର: ବିଶେଷ କାମରେ ବାଧା ଉପୁଜିପାରେ। ରବିବାର: ହଠାତ୍ ଅସୁସ୍ଥ ଅନୁଭବ କରିବେ।

**ବିଛା:** ସୋମବାର: ବ୍ୟବସାୟରେ ସବୁ ଭଲ ହେବ। ମଙ୍ଗଳ, ବୁଧ ଓ ଗୁରୁବାର: ଅଫିସ୍ରେ ଆପଣଙ୍କ କାମର ପ୍ରଶଂସା ହେବ। ଶୁକ୍ର ଓ ଶନିବାର: ଜୀବନସାଥୀଙ୍କ ସହିତ ସମ୍ବନ୍ଧ ମଧୁର ହେବ। ରବିବାର: ବ୍ୟବସାୟରେ ଲାଭବାନ ହେବେ।

**ଧନୁ:** ସୋମବାର: କୌଣସି କାମରେ ଅଧିକ ସମୟ ବ୍ୟୟ ହେବ। ମଙ୍ଗଳ, ବୁଧ ଓ ଗୁରୁବାର: ନୂଆ ଲୋକଙ୍କ ସହିତ ସଂପର୍କ ହେବ। ଶୁକ୍ର ଓ ଶନିବାର: କ୍ୟାରିୟରରେ ନୂଆ କୀର୍ତ୍ତିମାନ ସ୍ଥାପିତ କରିବେ। ରବିବାର: ଅଯଥାରେ ସମୟ ଅତିବାହିତ ହେବ।

**ମକର:** ସୋମବାର: ବନ୍ଧୁ ତାଲିକାରେ ଭଲ ଲୋକ ଯୋଡ଼ିବେ। ମଙ୍ଗଳ, ବୁଧ ଓ ଗୁରୁବାର: ଉପାର୍ଜନ ଲାଗି ସୁଯୋଗ ପାଇବେ। ଶୁକ୍ର ଓ ଶନିବାର: କାରବାରରେ ସଫଳତା ପାଇବେ। ରବିବାର: କୌଣସି ବନ୍ଧୁ ସହଯୋଗର ହାତ ବଢ଼ାଇବେ।

**କୁମ୍ଭ:** ସୋମବାର: ସାମାଜିକ କାର୍ଯ୍ୟରେ ସମୟ ଦେବେ। ମଙ୍ଗଳ, ବୁଧ ଓ ଗୁରୁବାର: ଜୀବନକୁ ଉତ୍କୃଷ୍ଟ କରିବା ଲାଗି ସୁଯୋଗ ପାଇବେ। ଶୁକ୍ର ଓ ଶନିବାର: ନୂଆ କାର୍ଯ୍ୟରେ ରୁଚି ବଢ଼ିବ। ରବିବାର: ଧର୍ମାନୁଷ୍ଠାନ କାର୍ଯ୍ୟରେ ସମୟ କଟିବ।

**ମୀନ:** ସୋମବାର: ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆସିବ। ମଙ୍ଗଳ, ବୁଧ ଓ ଗୁରୁବାର: ଅଫିସ୍ରେ ଅଧିକ ପରିଶ୍ରମ କରି ଅବଶିଷ୍ଟ କାମ ପୂରା କରିବେ। ଶୁକ୍ର ଓ ଶନିବାର: ଆୟ ବୃଦ୍ଧି ହେବ। ରବିବାର: ଦୀର୍ଘ ଦିନ ଧରି ଆଶା କରିଥିବା ଫଳ ପ୍ରାପ୍ତି ହୋଇପାରେ।

# ଛାତିରେ ଯନ୍ତ୍ରଣା: କିଭଳି ଜାଣିବା ହୃଦଘାତ ନା ଗ୍ୟାସ

ହୃଦଘାତ ସମୟରେ ଏବଂ ଗ୍ୟାସ୍ ଯୋଗୁଁ ଛାତିରେ ଯନ୍ତ୍ରଣା ହୋଇପାରେ। ଲୋକମାନେ ପ୍ରାୟତଃ ହୃଦଘାତ ସହିତ ଜଡିତ ଯନ୍ତ୍ରଣାକୁ ଗ୍ୟାସ ବୋଲି ଭାବି ଭୁଲ କରନ୍ତି। ହୃଦଘାତ ଯନ୍ତ୍ରଣାକୁ କେବଳ ଗ୍ୟାସ୍ ବୋଲି ଭାବିବା କିମ୍ବା ଏସିଡିଟି ସମ୍ବନ୍ଧୀୟ ଯନ୍ତ୍ରଣାକୁ ଏକ ସାମାନ୍ୟ ସମସ୍ୟା ଭାବରେ ଚିକିତ୍ସା କରିବା – ଏକ ଗୁରୁତର ଭୁଲ ବୋଲି ଅନେକ ସମୟରେ ପ୍ରମାଣିତ ହୁଏ। ଯଦି ହୃଦଘାତର ସତର୍କ ସୂଚନାକୁ ସମୟ ମଧ୍ୟରେ ଚିହ୍ନଟ ନକରାଯାଏ, ତେବେ ଏହା ଘାତକ ମଧ୍ୟ ହୋଇପାରେ। ତେଣୁ, ହୃଦଘାତ ଏବଂ ଗ୍ୟାସ୍ ଯନ୍ତ୍ରଣା ମଧ୍ୟରେ ଥିବା ପାର୍ଥକ୍ୟ କ'ଣ ରହିଛି।

**ହୃଦଘାତ ପାଇଁ ହେଉଥିବା ଯନ୍ତ୍ରଣା :**

ହୃଦଘାତ ଯନ୍ତ୍ରଣା ଛାତିର ମଧ୍ୟଭାଗରେ କିମ୍ବା ବାମ ପାର୍ଶ୍ୱରେ ଅନୁଭୂତ ହୁଏ।
ଛାତିରେ ଚାପ କିମ୍ବା ଭାରୀ ଅନୁଭବ ହୁଏ।
ନିଶ୍ୱାସ ନେବାରେ କଷ୍ଟ ହୁଏ।
ଥଣ୍ଡା ଝାଳ ବାହାରିବା ଆରମ୍ଭ ହୁଏ।
ବାନ୍ତି ଲାଗିଯାଏ, ତା'ପରେ ବାନ୍ତି ହୁଏ।
ହାର୍ଟ ଆଟାକ୍ ଯନ୍ତ୍ରଣା ହଠାତ୍ ଚିନ୍ତା କିମ୍ବା ଆତଙ୍କିତ ହେବା ସହିତ ଆରମ୍ଭ ହୁଏ।
ହଠାତ୍ ଶାରୀରିକ ଦୁର୍ବଳତା ଅନୁଭବ ହୁଏ।
ଗୋଟିଏ କିମ୍ବା ଉଭୟ ବାହୁରେ ଯନ୍ତ୍ରଣା ହୁଏ।
ବାହୁରୁ ବେକ ଏବଂ ପିଠିକୁ ଯନ୍ତ୍ରଣା ବ୍ୟାପିଥାଏ।
ଏହି ଯନ୍ତ୍ରଣା ୫ ମିନିଟରୁ ଅଧିକ ସମୟ ପାଇଁ ରହିଥାଏ ଏବଂ ବିଶ୍ରାମ ନେବା ପରେ ମଧ୍ୟ କମିଯାଏ ନାହିଁ।

**ଗ୍ୟାସ୍ ପାଇଁ ହେଉଥିବା ଯନ୍ତ୍ରଣା :**

ଗ୍ୟାସ୍ କିମ୍ବା ଏସିଡିଟି ଯୋଗୁଁ ହେଉଥିବା ଯନ୍ତ୍ରଣା ପେଟରୁ ଆରମ୍ଭ ହୋଇ ଛାତି ପର୍ଯ୍ୟନ୍ତ ବ୍ୟାପିଥାଏ।
ଏହି ଯନ୍ତ୍ରଣା ସହିତ ଜଳାପୋଡ଼ା ସହ ଖାଇବା ପରେ ଏହା ତୀବ୍ର ହୁଏ।
ପେଟରେ ଗ୍ୟାସ୍ ଜମା ହେବା ଆରମ୍ଭ ହୁଏ।
ଛାତିରେ ଜଳାପୋଡ଼ା ଅନୁଭବ ହୁଏ। ପାଟିରେ ଖଟା ସ୍ୱାଦ ଅନୁଭବ ହୁଏ।
ହେକୁଟି ମାରିବା ପରେ କିମ୍ବା ଔଷଧ ଖାଇବା ପରେ ଯନ୍ତ୍ରଣା କମିବା ଆରମ୍ଭ ହୁଏ।

**ତେବେ ଛାତିରେ ଯନ୍ତ୍ରଣା ହେବା ମାତ୍ରେ ସଂଗେ ସଂଗେ ଡାକ୍ତରଙ୍କ ସହ ଯୋଗାଯୋଗ କରିବା ଉଚିତ । ହୁଏତ ଜୀବନ ରକ୍ଷା ହୋଇଯିବ ।**

## ମା'ରାଣ ଦେହକୁ ନେବେନି...

ପୁଣି କେତେ ହ୍ୱନ୍ତି ଟୁପୁରୁ ଟାପର
ପଦୁଅଁରେ ନୂଆ ନେତା...
କୁଜିନେତାଙ୍କୁ ଯେ ପଚାରେ ବୋଲନ୍ତି
ଜାଣିଥେବେ ଆମ କ୍ରେତା...
ଆରୁଖଙ୍କ ମୁଣ୍ଡ ବ୍ୟଥା...
ମିଛ ଚରଚାରେ କେତେ ସତ,ମିଛ
ଆଗକୁ ଶୁଣିବେ ଶ୍ରୋତା...



- ସମ୍ବିତ ସେନାପତି

# ବୋଉର ରୋଷେଇ ଘର

## ବୁଟ ଡାଲି ନଡ଼ିଆ ବରା



**ଆବଶ୍ୟକ ସାମଗ୍ରୀ:**

ବୁଟ ଡାଲି: ୨ କପ୍, କୋରା ନଡ଼ିଆ: ୧.୫ କପ୍ (ଦେଢ଼ କପ୍), ପିଆଜ: ୧ ଟି (ଛୋଟ ଛୋଟ କଟା ହୋଇଥିବା), କଞ୍ଚା ଲଙ୍କା: ୪ ରୁ ୫ ଟି, ଅଦା: ୧/୨ (ଅଧ) ଇଞ୍ଚ, ରସୁଣ: ୪ରୁ୫ ପାଖୁଡ଼ା, ଜିରା: ୧ ଚାମଚ, ଭୃସଙ୍ଗ ପତ୍ର: ଅଳ୍ପ (କଟା ହୋଇଥିବା), ଲୁଣ: ସ୍ୱାଦ ଅନୁସାରେ, ତେଲ: ଛାଣିବା ପାଇଁ

**ପ୍ରସ୍ତୁତି ପ୍ରଣାଳୀ:**

ପ୍ରଥମେ ବୁଟ ଡାଲିକୁ ଭଲ ଭାବରେ ଧୋଇ ୩ ଘଣ୍ଟା ପାଇଁ ପାଣିରେ ବତୁରାଇ ଦିଅନ୍ତୁ। ଏକ ମିକ୍ସର ବା ବ୍ଲେଣ୍ଡରରେ ବତୁରା ହୋଇଥିବା ବୁଟ ଡାଲି, କୋରା ନଡ଼ିଆ, କଞ୍ଚା ଲଙ୍କା, ଅଦା, ରସୁଣ ଏବଂ ଜିରା ପକାଇ ବାଟି ଦିଅନ୍ତୁ। ଏହାର ଏକ ଚିକ୍କଣ ପେଷ୍ଟ (ମିଶ୍ରଣ) ପ୍ରସ୍ତୁତ କରନ୍ତୁ। ଧ୍ୟାନ ରଖିବେ, ବାଟିବା ବେଳେ ଜମାରୁ ପାଣି ଦେବେ ନାହିଁ। ଏବେ ସେହି ବଟା ମିଶ୍ରଣରେ କଟା ପିଆଜ, କଟା ଭୃସଙ୍ଗ ପତ୍ର ଏବଂ ସ୍ୱାଦ ଅନୁସାରେ ଲୁଣ ପକାଇ ଭଲ ଭାବରେ ଗୋଳାଇ ଦିଅନ୍ତୁ। ଏବେ ଗ୍ୟାସ୍‌ରେ କଡ଼େଇ ବସାଇ ଛାଣିବା ପାଇଁ ତେଲ ଗରମ କରନ୍ତୁ। ତେଲ ଗରମ ହେବା ପରେ, ମିଶ୍ରଣରୁ ଅଳ୍ପ ଅଳ୍ପ ନେଇ ହାତରେ ଛୋଟ ଛୋଟ ଗୋଲା ବନାନ୍ତୁ ଏବଂ ତାକୁ ଟିକେ ଚିପି ଚେପ୍ଟା (ବରା ଆକାର) କରିଦିଅନ୍ତୁ। ଏହି ବରାଗୁଡ଼ିକୁ ମଧ୍ୟମ ଆଞ୍ଚରେ ତେଲରେ ଛାଣନ୍ତୁ। ବରାର ଦୁଇ ପାଖ ହାଲୁକା ସୁନେଲି ରଙ୍ଗ ହେବା ଯାଏଁ ଭଲ ଭାବରେ ଛାଣନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ଆପଣଙ୍କର ସ୍ୱାଦିଷ୍ଟ ବୁଟ ଡାଲି ନଡ଼ିଆ ବରା। ଟମାଟୋ ସସ୍ କିମ୍ବା ଚିଲି ସସ୍ ସହିତ ଏହାକୁ ଗରମ ଗରମ ପରଷନ୍ତୁ।

ନିଷ୍କର୍ଷର ପ୍ରତି ସଂଖ୍ୟାରେ ପ୍ରକାଶ ପାଉଛି ବୋଉର ରୋଷେଇ ଘର । ଏହି ସ୍ତମ୍ଭରେ ଆପଣମାନଙ୍କ ଭଳି ମା' ଭଉଣୀମାନେ ବିଭିନ୍ନ ସୁସ୍ୱାଦୁ ରୋଷେଇ ସମ୍ପର୍କରେ ସବିଶେଷ ତଥ୍ୟ ଦେଇ ଆମ୍ଭ ପାଖକୁ ପଠାଇଥାନ୍ତି ବିଭିନ୍ନ ପ୍ରକାର ବ୍ୟଞ୍ଜନର ପ୍ରସ୍ତୁତି ପଦ୍ଧତି । ଆପଣ ବି ପଠାଇ ପାରିବେ ଆମ୍ଭ ଠିକଣାରେ ।




# ଲୋକସଭାରୁ ଅଗଷ୍ଟ ୧୩ ଯାଏଁ ନିଲମ୍ବିତ ହେଲେ ଟିଏମସି ନେତା କଲ୍ୟାଣ ବାନାର୍ଜୀ



**ନୂଆଦିଲ୍ଲୀ (ଏଜେନ୍ସି):** ତୃଣମୂଳ କଂଗ୍ରେସ (ଟିଏମସି) ସାଂସଦ କଲ୍ୟାଣ ବାନାର୍ଜୀ ଜୁଲାଇ ୨୨ରେ ଅଗଷ୍ଟ ୧୩ତାରିଖରେ ଶେଷ ହେବାକୁଥିବା ମୌସୁମୀ ଅଧିବେଶନର ଅବଶିଷ୍ଟ ସମୟ ପାଇଁ ଲୋକସଭାରୁ ନିଲମ୍ବିତ ହୋଇଛନ୍ତି। ସେ ନ୍ୟାସନାଲ ସିଟିଜେନ୍ ପାର୍ଟି ଅଫ୍ ଇଣ୍ଡିଆ (ଏନସିପିଆଇ) ମହିଳା ସଦସ୍ୟଙ୍କ ସହିତ ଲୋକସଭାରେ ଝଗଡ଼ା କରି ଅଣସାମ୍ବିଧାନିକ ମନ୍ତବ୍ୟ ଦେଇଥିବା ଅଭିଯୋଗ ହୋଇଛି। ଉକ୍ତ ଦିନ ଦ୍ୱିତୀୟ ମୁଲତବୀ ପରେ ଅପରାହ୍ନ ୨ଟାରେ ଲୋକସଭା ପୁନର୍ବାର ଆରମ୍ଭ ହେବା ମାତ୍ରେ, ଅଧ୍ୟକ୍ଷ କୃଷ୍ଣପ୍ରସାଦ ତେନେଟି ବାନାର୍ଜୀଙ୍କ ବିରୋଧରେ ସଦସ୍ୟମାନଙ୍କ ଦ୍ୱାରା ବାଚସ୍ପତିଙ୍କ ନିକଟରେ ଦାଖଲ କରାଯାଇଥିବା ଅଭିଯୋଗକୁ ଉଲ୍ଲେଖ କରିଥିଲେ। ତେନେଟି କହିଛନ୍ତି ଯେ, ବାନାର୍ଜୀଙ୍କ ମନ୍ତବ୍ୟ ଗୃହର ମର୍ଯ୍ୟାଦାକୁ ଗରିମାକୁ କ୍ଷୁଣ୍ଣ କରିଛି ଏବଂ କେନ୍ଦ୍ରମନ୍ତ୍ରୀ ଅର୍ଜୁନ ରାମ ମେଘୱାଲଙ୍କୁ ଟିଏମସି ସାଂସଦଙ୍କୁ ନିଲମ୍ବନ କରିବା ପାଇଁ ଗୃହର ଅନୁମୋଦନ ପାଇଁ ଏକ ପ୍ରସ୍ତାବ ଆଗତ କରିବାକୁ କହିଥିଲେ। ଏନଇଇଟି ପେପର ଲିକ୍ ପ୍ରସଙ୍ଗ ଏବଂ ଅନ୍ୟାନ୍ୟ ପ୍ରସଙ୍ଗରେ ବିରୋଧୀ ସଦସ୍ୟଙ୍କ ସ୍ଲୋଗାନ ମଧ୍ୟରେ ଏହି ପ୍ରସ୍ତାବକୁ ଭଏସ୍ ଭୋଟ୍ ମାଧ୍ୟମରେ ଗୃହୀତ କରାଯାଇଥିଲା। ପ୍ରସ୍ତାବ ଗୃହୀତ ହେବା ପରେ, ତେନେଟି ବାନାର୍ଜୀଙ୍କୁ ଲୋକସଭା ପରିସର ଛାଡିବାକୁ ନିର୍ଦ୍ଦେଶ ଦେଇଥିଲେ। ବିରୋଧୀଙ୍କ ହଟ୍ଟଗୋଳ ପରେ ଗୃହକୁ ମୁଲତବୀ କରାଯିବା ପରେ ସେ ଦିନ ଲୋକସଭା ଚାମ୍ବରରେ ବାନାର୍ଜୀ ତାଙ୍କର କିଛି ପୂର୍ବତନ ଦଳୀୟ ସହଯୋଗୀ ଏବଂ ଏନସିପିଆଇ ସାଂସଦଙ୍କ ସହ ଚଡ଼ାସ୍ୱରରେ ବାର୍ତ୍ତାଳାପ କରିଥିଲେ। ଏହି ବାର୍ତ୍ତାଳାପରେ ସାମିଲ ଥିବା ନ୍ୟାସନାଲିଷ୍ଟ ସିଟିଜେନ୍ସ ପାର୍ଟି ଅଫ୍ ଇଣ୍ଡିଆ ସଦସ୍ୟଙ୍କ ମଧ୍ୟରେ ମିତାଲି ବାଗ, ଶତାବ୍ଦୀ ରାୟ ଏବଂ କାକୋଲି ଘୋଷ ଦସ୍ତିଦାର ଥିଲେ। କ'ଣ ପାଇଁ ଏହି ଉଷ୍ମ କଥାବାର୍ତ୍ତା ହୋଇଥିଲା ତାହା ସ୍ପଷ୍ଟ ହୋଇନାହିଁ। ଗୃହରେ ପ୍ରବଳ ହଟ୍ଟଗୋଳ ପରେ କିଛି ବିରୋଧୀ ସଦସ୍ୟ ହସ୍ତକ୍ଷେପ କରି ଉଭୟ ପକ୍ଷକୁ ଶାନ୍ତ କରିବାକୁ ଚେଷ୍ଟା କରିଥିଲେ। ଯେତେବେଳେ କିଛି ବିରୋଧୀ ସାଂସଦ କଲ୍ୟାଣ ବାନାର୍ଜୀଙ୍କୁ ଘଟଣା ବିଷୟରେ ପଚାରିଥିଲେ, ସେ ଲୋକସଭା ଛାଡି ଚାଲିଯାଇଥିଲେ। ପରେ, ବାଗ ଏବଂ ଦସ୍ତିଦାରଙ୍କ ସମେତ ଏନସିପିଆଇ ସାଂସଦମାନେ, ଅନ୍ୟ କିଛି ସଦସ୍ୟଙ୍କ ସହିତ, ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କୁ ତାଙ୍କ ଚାମ୍ବରରେ ଭେଟି ଏହି ମାମଲା ଉଠାଇଥିଲେ। ସୂତ୍ର ଅନୁସାରେ ବାଚସ୍ପତି ଏନସିପିଆଇକୁ ଘଟଣା ସମ୍ପର୍କରେ ଏକ ଲିଖିତ ଅଭିଯୋଗ ଦାଖଲ କରିବାକୁ କହିଥିଲେ। ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ଦଳର ପରାଜୟ ପରେ ୨୦ଜଣ ଟିଏମସି ସାଂସଦ ଦଳୀୟ ନେତୃତ୍ୱ ବିରୋଧରେ ବିଦ୍ରୋହ କରି ଏନସିପିଆଇରେ ଯୋଗ ଦେଇଥିଲେ। ସେମାନେ ଲୋକସଭାରେ ଟିଏମସି ସାଂସଦମାନଙ୍କ ଠାରୁ ଦୂରରେ ପୃଥକ ଭାବରେ ବସିବା ଆରମ୍ଭ କରିଛନ୍ତି। ଏନସିପିଆଇ ସାଂସଦମାନେ ଶାସକ ମେଣ୍ଟ ଏନଡିଏ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରତି ସେମାନଙ୍କର ଆନୁଗତ୍ୟ ପ୍ରକାଶ କରିଛନ୍ତି।

# ପ୍ରଶ୍ନପତ୍ର ଲିକ୍ ପ୍ରସଙ୍ଗ : ପ୍ରଧାନମନ୍ତ୍ରୀ ସଂସଦରେ ବିବୃତି ଦିଅନ୍ତୁ ବୋଲି ଦାବି କଲା କଂଗ୍ରେସ

**ନୂଆଦିଲ୍ଲୀ(ଏଜେନ୍ସି) :** ପ୍ରଶ୍ନପତ୍ର ଲିକ୍ ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସଂସଦ ବାହାରେ ଏକତରଫା 'ମନ୍ କି ବାତ୍' ନକରି ଗୃହରେ ନିଜର ବିବୃତ୍ତି ରଖନ୍ତୁ ବୋଲି କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡଗେ ଦାବି କରିଛନ୍ତି। ସୋସିଆଲ ମିଡିଆ 'ଏକ୍ସ'ରେ ପ୍ରଧାନମନ୍ତ୍ରୀଙ୍କ ଭିଡିଓ ବାର୍ତ୍ତାକୁ ସମାଲୋଚନା କରି ଖଡଗେ କହିଛନ୍ତି ଯେ, ସଂସଦ ଅଧିବେଶନ ଚାଲିଥିବା ବେଳେ ପ୍ରଧାନମନ୍ତ୍ରୀ ରାତିଅଧିଆ ଭିଡିଓ ଜାରି କରିବା ବଦଳରେ ସଂସଦ ଗୃହରେ ଆସି ଜବାବ ଦେବା ଉଚିତ୍। ଏହାସହ ଖଡଗେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବି କରିବା ସହ ଆନ୍ଦୋଳନରତ ଛାତ୍ରଛାତ୍ରୀଙ୍କ ନିକଟରେ ସରକାର କ୍ଷମା ପ୍ରାର୍ଥନା କରନ୍ତୁ ଏବଂ ସେମାନଙ୍କ ଉପରେ ଲାଠିଚାଳନା ନିର୍ଦ୍ଦେଶ ଦେଇଥିବା ଅଧିକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି କହିଛନ୍ତି। ଏହି ପଦକ୍ଷେପଗୁଡ଼ିକ ଗ୍ରହଣ କରାଯିବା ପରେ ହିଁ ବିରୋଧୀ ଦଳ ଶିକ୍ଷା ବ୍ୟବସ୍ଥା ଉପରେ ବିସ୍ତୃତ ଆଲୋଚନା ପାଇଁ ପ୍ରସ୍ତୁତ ବୋଲି ସେ ସ୍ପଷ୍ଟ କରିଛନ୍ତି। ଅନ୍ୟପଟେ, ଜାରି କରିଥିବା ଭିଡିଓ ବାର୍ତ୍ତାରେ ପ୍ରଧାନମନ୍ତ୍ରୀ ମୋଦୀ ପ୍ରଶ୍ନପତ୍ର ଲିକ୍ ରୋକିବା ପାଇଁ ଆସନ୍ତା ସପ୍ତାହରେ ସଂସଦରେ ଏକ କଠୋର ଆଇନ ଆଗତ କରାଯିବ ବୋଲି ଘୋଷଣା କରିଥିଲେ। ୨୨ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସୁରକ୍ଷିତ ରଖିବାକୁ ସରକାର ତୁରନ୍ତ ପୁନଃ ପରୀକ୍ଷା କରାଇଥିବା ସେ ପ୍ରକାଶ କରିଥିଲେ। ତେବେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ମଧ୍ୟ ତିବ୍ର ସମାଲୋଚନା କରି ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି ଦୋହରାଇଛନ୍ତି।

# ସାମୁଦ୍ରିକ ସ୍ଥିରତା ଆର୍ଥିକ ପ୍ରଗତି ପାଇଁ ମୂଳଦୁଆ

## କ୍ୱାଡ୍ ଦେଶର ବୈଦେଶିକ ମନ୍ତ୍ରୀ ମାନିଲାରେ ଏକଜୁଟ : ଭାରତ-ପ୍ରଶାନ୍ତ ମହାସାଗର ସୁରକ୍ଷାରେ ଏଏସଇଏଏନର ଭୂମିକାକୁ ଦୋହରାଇଲେ



**ମାନିଲା(ଏଜେନ୍ସି) :** ଫିଲିପାଇନ୍ସର ରାଜଧାନୀ ମାନିଲାରେ କ୍ୱାଡ୍ ଗୋଷ୍ଠୀର ବୈଦେଶିକ ମନ୍ତ୍ରୀଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବୁଧବାର ଅନୁଷ୍ଠିତ ହୋଇଛି। ଏହି ଉଚ୍ଚସ୍ତରୀୟ ଆଲୋଚନାରେ ଭାରତ, ଆମେରିକା, ଜାପାନ ଏବଂ ଅଷ୍ଟ୍ରେଲିଆର ପ୍ରତିନିଧିମାନେ ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ଶାନ୍ତି, ସ୍ଥିରତା ଏବଂ ଏକ ଆନ୍ତର୍ଜାତୀୟ ନିୟମ-ଭିତ୍ତିକ ବ୍ୟବସ୍ଥାକୁ ସୁଦୃଢ଼ କରିବା ଉପରେ ଆଲୋଚନା କରିଛନ୍ତି। ବୈଠକର ମୁଖ୍ୟ ଲକ୍ଷ୍ୟ ଥିଲା ଦକ୍ଷିଣ ପୂର୍ବ ଏସୀୟ ରାଷ୍ଟ୍ର ସଂଘ (ଏଏସଇଏଏନ)ର ଏକତା ଏବଂ ଏହି କ୍ଷେତ୍ରରେ ଏହାର କେନ୍ଦ୍ରୀୟ ଭୂମିକା ପ୍ରତି ସମାନ ପ୍ରତିବଦ୍ଧତାକୁ ଦୋହରାଇବା। ବୈଠକରେ ଭାରତର ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର, ଆମେରିକାର ବୈଦେଶିକ ମନ୍ତ୍ରୀ ମାର୍କୋ ରୁବିଓ, ଅଷ୍ଟ୍ରେଲିଆର ବୈଦେଶିକ ମନ୍ତ୍ରୀ ପେନି ୱଙ୍ଗ ଏବଂ ଜାପାନର ବୈଦେଶିକ ମନ୍ତ୍ରୀ ତୋଶିମିସ୍ତୁ ମୋତେଗି ଉପସ୍ଥିତ ଥିଲେ।

ଚାରି ଦେଶର କୂଟନୀତିଜ୍ଞମାନେ ଏଏସଇଏଏନର ବ୍ୟାପକ ରଣନୈତିକ ଅଂଶୀଦାର ଭାବରେ ଏହି କ୍ଷେତ୍ରର ସମୃଦ୍ଧି ଏବଂ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ସର୍ବସମ୍ମତିକ୍ରମେ ସେମାନଙ୍କର ପ୍ରତିବଦ୍ଧତା ପ୍ରକାଶ କରିଛନ୍ତି। ବୈଠକରେ ବୈଦେଶିକ ମନ୍ତ୍ରୀମାନେ ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ର ସାମ୍ନାରେ ଥିବା ବର୍ତ୍ତମାନର ଚ୍ୟାଲେଞ୍ଜ ଏବଂ ଭବିଷ୍ୟତର ସୁଯୋଗଗୁଡ଼ିକୁ ନିକଟରୁ ବିଶ୍ଳେଷଣ କରିଥିଲେ। ବିଶେଷକରି, ସେମାନେ ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ଏଏସଇଏଏନର ଦୃଷ୍ଟିକୋଣକୁ ବ୍ୟବହାରିକ ଭାବରେ କାର୍ଯ୍ୟକାରୀ କରିବାକୁ ସହମତ ହୋଇଛନ୍ତି। ଏହା ଅନ୍ତର୍ଗତ ସାମୁଦ୍ରିକ ସୁରକ୍ଷାକୁ ସୁଦୃଢ଼ କରିବା, ଅନ୍ତର୍ଜାତୀୟ ଅପରାଧକୁ ରୋକିବା ଏବଂ ଗୁରୁତ୍ୱପୂର୍ଣ୍ଣ ଏବଂ ଉଦୀୟମାନ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ସହଭାଗୀତାକୁ ବିସ୍ତାର କରାଯିବ। କ୍ୱାଡ୍ ଦେଶମାନଙ୍କର ମିଳିତ ବିବୃତି ସ୍ପଷ୍ଟ କରିଛି ଯେ, ସାମୁଦ୍ରିକ ସ୍ଥିରତା ହେଉଛି ସମଗ୍ର ଅଞ୍ଚଳରେ ଆର୍ଥିକ ପ୍ରଗତି ପାଇଁ ମୂଳଦୁଆ। ସୁରକ୍ଷା, ଆର୍ଥିକ ସମୃଦ୍ଧି, ମାନବିକ ସହାୟତା ଏବଂ ବିପର୍ଯ୍ୟୟ ସହାୟତା ସମେତ ପ୍ରମୁଖ ମୋର୍ଚ୍ଚାରେ ସମନ୍ୱୟକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରାଯାଇଛି। ଏହି ବୈଠକ ଏପରି ଏକ ସମୟରେ ଅନୁଷ୍ଠିତ ହେଉଛି ଯେତେବେଳେ ଯୋଗାଣ ଶୃଙ୍ଖଳର ସ୍ଥିରତା ଏବଂ ଆଞ୍ଚଳିକ ଭୂରାଜନୈତିକ ଗତିଶୀଳତା ବିଶ୍ୱ ଆଲୋଚନାର କେନ୍ଦ୍ରରେ ଅଛି। ଚାରି ଦେଶ ପୁଣି ଥରେ ମୁକ୍ତ ଏବଂ ଖୋଲା ଭାରତ-ପ୍ରଶାନ୍ତ ମହାସାଗର ନେଇ ସେମାନଙ୍କର ଦୃଷ୍ଟିକୋଣକୁ ଅଂଶୀଦାର କରିଛନ୍ତି। ଏହି ସହଭାଗୀ ପ୍ରାଥମିକତା ହାସଲ କରିବା ପାଇଁ ଏଏସଇଏଏନ ଦେଶଗୁଡ଼ିକ ସହିତ କ୍ୱାଡ୍ ସମନ୍ୱୟକୁ ଆହୁରି ଗଭୀର କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏହି ବୈଠକର ଫଳାଫଳ ଭାରତ-ପ୍ରଶାନ୍ତ ମହାସାଗର କ୍ଷେତ୍ରର ସୁରକ୍ଷା ଏବଂ ବିକାଶରେ ଏକ ନୂତନ ଅଧ୍ୟାୟ ପ୍ରମାଣିତ ହୋଇପାରେ ବୋଲି କୁହାଯାଉଛି।

# ଆଇନ ଅଦାଲତ

## ଆଇଜି, ଡିଆଇଜି ଓ କନ୍ଧମାଳ ଏସପିଙ୍କୁ ବ୍ୟକ୍ତିଗତ ହାଜିରା ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ



**କଟକ(ଏନ୍.ଏମ୍.) :** ଚାକିରିରେ ଜଣେ ପୁଲିସ କନଷ୍ଟେବଳଙ୍କୁ ପୁନର୍ବାର ଅବସ୍ଥାପିତ କରିବା ପ୍ରସଂଗରେ ପୂର୍ବରୁ ପ୍ରଦାନ କରାଯାଇଥିବା ନିର୍ଦ୍ଦେଶ ପାଳନ କରିବା କ୍ଷେତ୍ରରେ କର୍ତ୍ତୃପକ୍ଷଙ୍କ ଅବହେଳାକୁ ହାଇକୋର୍ଟ ଗୁରୁତ୍ୱର ସହିତ ଗ୍ରହଣ କରିଛନ୍ତି। ଏ ସଂପର୍କିତ ଅଦାଲତ ଅବମାନନା ମାମଲାର ପରବର୍ତ୍ତୀ ଶୁଣାଣି ସମୟରେ ଦକ୍ଷିଣାଞ୍ଚଳ ପୁଲିସ ଆଇଜି , ପୁଲିସ ଡିଆଇଜି(କାର୍ମିକ) ଓ କନ୍ଧମାଳ ଏସପିଙ୍କୁ ହାଜର ହେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ କନ୍ଧମାଳ ଜିଲ୍ଲାର ପୂର୍ବତନ କନଷ୍ଟେବଳ ବଂଶୀଧର ବାରିକଙ୍କ ତରଫରୁ ଦାୟର ଅଦାଲତ ଅବମାନନା ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଜୁଲାଇ ୩୧କୁ ମାମଲାର ପରବର୍ତ୍ତୀ ଶୁଣାଣି ଧାର୍ଯ୍ୟ କରାଯାଇଛି। ମାମଲାର ଶୁଣାଣି ସମୟରେ ସରକାରଙ୍କ ତରଫରୁ ପୂର୍ବ ନିର୍ଦ୍ଦେଶ କାର୍ଯ୍ୟକାରୀ ପାଇଁ ଅଧିକ ସମୟ ପ୍ରଦାନ ପାଇଁ ନିବେଦନ କରାଯାଥିବା ବେଳେ ଏହାକୁ ହାଇକୋର୍ଟ ଅଗ୍ରାହ୍ୟ କରିଦେଇଥିଲେ। ଜୁଲାଇ ୩୧ ତାରିଖ ସୁଦ୍ଧା ପୂର୍ବ ନିର୍ଦ୍ଦେଶ କାର୍ଯ୍ୟକାରୀ ସମ୍ପର୍କିତ ସତ୍ୟପାଠ ଦାଖଲ ନ ହେଲେ ପ୍ରତିପକ୍ଷ ଅଧିକାରୀଙ୍କ ବିରୋଧରେ ଅଦାଲତ ଅବମାନନା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ହାଇକୋର୍ଟ କହିଛନ୍ତି। ଉପରୋକ୍ତ ଅଧିକାରୀମାନେ ଭର୍ଚୁଆଲ ବ୍ୟବସ୍ଥାରେ ହାଜର ହେବେ। ଯଦି ଜୁଲାଇ ୩୧ ସୁଦ୍ଧା ନିର୍ଦ୍ଦେଶ କାର୍ଯ୍ୟକାରୀ ସତ୍ୟପାଠ ଦାଖଲ କରାଯାଏ ତେବେ ଏହି ଅଧିକାରୀମାନଙ୍କୁ ହାଜର ହେବାକୁ ପଡ଼ିବ ନାହିଁ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ ଏକ ଫୌଜଦାରୀ ମାମଲାରେ ସଂପୃକ୍ତି ପରେ ଆବେଦନକାରୀ କନଷ୍ଟେବଳଙ୍କୁ ଚାକିରିରୁ ବହିଷ୍କାର କରାଯାଇଥିଲା। ଫୌଜଦାରୀ ମାମଲାରେ ସେ ଦୋଷମୁକ୍ତ ହୋଇଥିଲେ। ଏହାପରେ ସେ ବହିଷ୍କାର ନିର୍ଦ୍ଦେଶକୁ ଚାଲେଞ୍ଜ କରି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ବିଭାଗୀୟ ଦଣ୍ଡାଦେଶକୁ ରଦ୍ଦ କରି ଆବେଦନକାରୀଙ୍କୁ ଚାକିରିରେ ପୁନର୍ବାର ଅବସ୍ଥାପିତ ପାଇଁ ୨୦୨୪, ନଭେମ୍ବର ୨୦ରେ ନିର୍ଦ୍ଦେଶ ଦେଇଥିଲେ। ଜଣିକିଆ ବିଚାରପତିଙ୍କୁ ନେଇ ଗଠିତ ଖଣ୍ଡପୀଠ ପ୍ରଦାନ କରିଥିବା ରାୟକୁ ଚାଲେଞ୍ଜ କରି ରାଜ୍ୟ ସରକାର ହାଇକୋର୍ଟର ଦୁଇ ଜଣିଆ ଖଣ୍ଡପୀଠରେ ଦାୟର କରିଥିବା ରିଟ ଅପିଲ ୨୦୨୬, ମାର୍ଚ୍ଚ ୨୦ରେ ଖାରଜ ହୋଇଥିଲା। ଏହା ପରେ ମଧ୍ୟ ରାଜ୍ୟ ସରକାର ଆବେଦନକାରୀଙ୍କୁ ଚାକିରିରେ ପୁନଃଅବସ୍ଥାପିତ କରି ନଥିଲେ। ଅଦାଲତ ଅବମାନନା ମାମଲାର ଶୁଣାଣି ସମୟରେ ପୂର୍ବ ନିର୍ଦ୍ଦେଶ କାର୍ଯ୍ୟକାରୀ ପାଇଁ ରାଜ୍ୟ ସରକାରଙ୍କ ତରଫରୁ ବାରମ୍ବାର ସମୟ ଲୋଡାଯିବା ଘଟଣାକୁ ନେଇ ହାଇକୋର୍ଟ ଅସନ୍ତୋଷ ପ୍ରକାଶ କରିଛନ୍ତି।

## ଜଳାଶୟ ସୁରକ୍ଷା ଉପରେ ହାଇକୋର୍ଟଙ୍କ ଗୁରୁତ୍ୱାରୋପ

**କଟକ(ଏନ୍.ଏମ୍.) :** ସମ୍ପ୍ରତି ଜଳାଶୟଗୁଡ଼ିକ ପୋତିଦିଆଯିବା ଫଳରେ ଜଳନିଷ୍କାସନର ସମସ୍ୟା ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ଜଳାଶୟ ନରହିବା ଦ୍ୱାରା ପରିବେଶ ମଧ୍ୟ ପ୍ରଦୂଷିତ ହେଉଥିବାରୁ ଜଳାଶୟର ସୁରକ୍ଷା ପାଇଁ ସ୍ୱତନ୍ତ୍ର ନିୟମ ଲାଗୁ ରହିଛି। ଏହି ପରିପ୍ରେକ୍ଷୀରେ ଜଳାଶୟ ସୁରକ୍ଷା ଉପରେ ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି। ମାର୍କେଟ କଂପ୍ଲେକ୍ସ ନିର୍ମାଣ ପାଇଁ ଜଳାଶୟ ପୋତାଯିବା ଅଭିଯୋଗ ନେଇ ଦାୟର ଜନସ୍ୱାର୍ଥ ମାମଲାକୁ ହାଇକୋର୍ଟ ବିଚାର ପାଇଁ ଗ୍ରହଣ କରି ପଞ୍ଚାୟତିରାଜ ବିଭାଗ ସଚିବ, ବାଲେଶ୍ୱର ଜିଲ୍ଲାପାଳ, ବାଲିଆପାଳ ତହସିଲଦାର, ମଧୁପୁରା ଗ୍ରାମ ପଞ୍ଚାୟତ ସରପଞ୍ଚଙ୍କୁ ନୋଟିସ ଜାରି କରିଛନ୍ତି। ଏଭଳି କାର୍ଯ୍ୟ ପରିବେଶ ପ୍ରଣାଳୀରେ ଅସନ୍ତୁଳନ ସୃଷ୍ଟି କରେ। ସାରା ଦେଶରେ ଜଳାଶୟ ପୋତିବା ରୋକିବାକୁ ଆଇନଗତ ବ୍ୟବସ୍ଥା ରହିଛି। ତେଣୁ ଏହା କେବଳ ଏକ ବୈଧାନିକ ଦାୟିତ୍ୱ ନୁହେଁ, ଏହା ସାମ୍ବିଧାନିକ ଆଦେଶ ମଧ୍ୟ।

ସରକାର ଜଳାଶୟ ଗୁଡ଼ିକରେ କୌଣସି ପରିବର୍ତ୍ତନ କିମ୍ବା ହସ୍ତକ୍ଷେପ କରି ପାରିବେ ନାହିଁ ବୋଲି ହାଇକୋର୍ଟ କହିଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦଙ୍କୁ ନେଇ ଗଠିତ ଖଣ୍ଡପୀଠ ମଳୟ କୁମାର ମହାନ୍ତି ଓ ଅନ୍ୟ ଚାରି ଜଣଙ୍କ ତରଫରୁ ଦାୟର ଜନସ୍ୱାର୍ଥ ମାମଲାର ଜୁଲାଇ ୧୭ରେ ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଥିଲେ। ଏହି ମାମଲାରେ ପ୍ରଦାନ କରାଯାଇଥିବା ନିର୍ଦ୍ଦେଶ ୱେବସାଇଟରେ ମଧ୍ୟ ଉପଲବ୍ଧ ହୋଇଛି। ମାମଲାର ବିବରଣୀରୁ ପ୍ରକାଶ ଯେ ବାଲିଆପାଳ ତହସିଲ ଅନ୍ତର୍ଗତ ବଡ଼ସିମିଳିଆ ମୌଜାରେ ମଧୁପୁରା ପଞ୍ଚାୟତରେ ରହିଛି ଏକ ବିରାଟ ପୋଖରୀ। ଏହି ପୋଖରୀକୁ ପୋତି ଦିଆଯାଇ ବ୍ୟବସାୟିକ କାର୍ଯ୍ୟରେ ବ୍ୟବହାର ପାଇଁ ଯୋଜନା କରାଯାଉଛି। ଏପରି କାର୍ଯ୍ୟକୁ ବିରୋଧ କରି ଆବେଦନକାରୀ ହାଇକୋର୍ଟରେ ଏହି ଜନସ୍ୱାର୍ଥ ମାମଲା ରୁଜୁ କରିଛନ୍ତି। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ କ୍ଷୀରୋଦ ରାଉତ ମାମଲା ପରିଚାଳନା କରୁଥିବା ବେଳେ ସୁରେନ୍ଦ୍ର ରାଉତ, ପ୍ରୀତନନ୍ଦା ପଟ୍ଟନାୟକ, ସବିତା କୁମାରୀ ବରାଳ, ସ୍ୱରାଜ, ସମୀକ୍ଷା ସ୍ଥିତପ୍ରଜ୍ଞା ସହାୟତା କରୁଥିଲେ।

## ସ୍ୱାମୀଙ୍କ ସମ୍ପତ୍ତିରେ କେବଳ ପ୍ରଥମ ପତ୍ନୀଙ୍କ ଅଧିକାର ତେବେ ଦୁଇ ପତ୍ନୀଙ୍କ ପିଲାଙ୍କୁ ମିଳିବ ସମ୍ପତ୍ତିର ଅଂଶ

**ମୁମ୍ବାଇ (ଏଜେନ୍ସି):** ଯଦି କୌଣସି ବ୍ୟକ୍ତି ଦୁଇଜଣଙ୍କୁ ବିବାହ କରିଥିବେ, ତେବେ ତାଙ୍କର ଦ୍ୱିତୀୟ ପତ୍ନୀ ସମ୍ପତ୍ତିରେ ଦାବି କରିପାରିବେ ନାହିଁ। କେବଳ ପ୍ରଥମ ପତ୍ନୀ ସ୍ୱାମୀଙ୍କ ସମ୍ପତ୍ତିରୁ ଭାଗ ପାଇପାରିବେ। ତେବେ ଦୁଇ ପତ୍ନୀଙ୍କର ସନ୍ତାନ ସନ୍ତତି ଏହି ସମ୍ପତ୍ତିରେ ଅଂଶୀଦାର ହୋଇପାରିବେ। ଏକ ମାମଲାର ବିଚାର କରି ମୁମ୍ବାଇ ହାଇକୋର୍ଟ ମଙ୍ଗଳବାର ଏପରି ରାୟ ଶୁଣାଇଛନ୍ତି। ଜଷ୍ଟିସ ଏସ ଜେ କଥାୱାଲା ଓ ଜଷ୍ଟିସ ମାଧବ ଜାମଦାରଙ୍କ ଖଣ୍ଡପୀଠ ଏହି ଟିପ୍ପଣୀ ଦେଇଛନ୍ତି। ଘଟଣାଟି ଥିଲା ଏହି ପରି। ମହାରାଷ୍ଟ୍ର ରେଳବାଇ ପୁଲିସର ଜଣେ କର୍ମଚାରୀ ସୁରେଶ ହାଟନକର ଦୁଇଜଣଙ୍କୁ ବିବାହ କରିଥିଲେ। ସୁରେଶ ଗତ ମେ ୩୦ ତାରିଖରେ କୋଭିଡ଼-୧୯ରେ ସଂକ୍ରମିତ ହୋଇ ମୃତ୍ୟୁବରଣ କରିଥିଲେ। ରାଜ୍ୟ ସରକାର ଘୋଷଣା ଅନୁସାରେ କାର୍ଯରତ ଅବସ୍ଥାରେ ମୃତ୍ୟୁବରଣ କରିଥିବା ପୁଲିସ କର୍ମଚାରୀଙ୍କୁ ୬୫ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା। ଏହାପରେ ସୁରେଶଙ୍କ ପତ୍ନୀ ହୋଇଥିବା ଦାବିକରି ଦୁଇ ମହିଳା ଏହି ସହାୟତା ରାଶି ଉପରେ ନିଜର ଅଧିକାର ସାବ୍ୟସ୍ତ କରିଥିଲେ।

ସୁରେଶଙ୍କ ଦ୍ୱିତୀୟ ପତ୍ନୀଙ୍କ ଝିଅ ଶ୍ରଦ୍ଧା ମୁମ୍ବାଇ ହାଇକୋର୍ଟରେ ଏ ସମ୍ପର୍କରେ ଏକ ମାମଲା ରୁଜୁ କରିଥିଲେ। ସୁରେଶଙ୍କ ପତ୍ନୀ ହୋଇଥିବା ଯୋଗୁଁ ତାଙ୍କୁ ମଧ୍ୟ ଏହି ଅର୍ଥରାଶିରୁ ଭାଗ ମିଳିବା ଦରକାର, ଯାହା ଫଳରେ ସେ ନିଜର ଭରଣପୋଷଣ କରିପାରିବେ ବୋଲି ଯୁକ୍ତି ବାଢ଼ିଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ଆଇନଜୀବୀ ଜ୍ୟୋତି ଚୌହ୍ୱାନ ମଙ୍ଗଳବାର ଖଣ୍ଡପୀଠକୁ ଅବଗତ କରିଥିଲେ ଯେ, ଏହି ସହାୟତା ରାଶିର କିଏ ଅଧିକାରୀ ହେବ ତାହା ଅଦାଲତର ରାୟ ଉପରେ ନିର୍ଭର କରୁଛି। ଅଦାଲତ ରାୟ ଯାହା ସପକ୍ଷରେ ଯିବ ତାଙ୍କୁ ରାଜ୍ୟ ସରକାର ସହାୟତା ରାଶି ପ୍ରଦାନ କରିବେ। ଏହି ଅବସରରେ ଜ୍ୟୋତି ଚୌହ୍ୱାନ ସୁପ୍ରିମକୋର୍ଟର ଔରଙ୍ଗାବାଦର ବେଞ୍ଚର ପୂର୍ବ ରାୟ ସମ୍ପର୍କରେ ଅଦାଲତକୁ ଅବଗତ କରିଥିଲେ। ସୁପ୍ରିମକୋର୍ଟଙ୍କ ଔରଙ୍ଗାବାଦ ବେଞ୍ଚ ପୂର୍ବରୁ ସ୍ୱାମୀଙ୍କ ସମ୍ପତ୍ତିରେ ଦ୍ୱିତୀୟ ପତ୍ନୀଙ୍କର କୌଣସି ଭାଗ ନାହିଁ ବୋଲି ରାୟ ଦେଇଥିଲେ। ଏହାପରେ ବିଚାରପତି କହିଥିଲେ ଯେ – ଆଇନ ଅନୁସାରେ ସ୍ୱାମୀଙ୍କ ସମ୍ପତ୍ତିରୁ ଦ୍ୱିତୀୟ ପତ୍ନୀଙ୍କୁ କୌଣସି ଅଂଶ ମିଳିବ ନାହିଁ। ମାତ୍ର ଉଭୟ ପତ୍ନୀଙ୍କଠାରୁ ଜନ୍ମିତ ଝିଅମାନେ ଏହି ସମ୍ପତ୍ତିରୁ ଭାଗ ପାଇପାରିବେ। ମୃତ ପୁଲିସ କର୍ମଚାରୀ ହାଟନକରଙ୍କ ପ୍ରଥମ ପତ୍ନୀ ଶୁଭଦା ଓ ତାଙ୍କ ଝିଅ ସୁରଭି ମଧ୍ୟ ଏହି ଭିଡ଼ିଓ କନଫରେନ୍ସରେ ଉପସ୍ଥିତ ଥିଲେ। ତେବେ ଶୁଭଦା ତାଙ୍କ ସ୍ୱାମୀ ଆଉ ଜଣେ ମହିଳାଙ୍କୁ ବିବାହ କରିଥିବା କେବେ ଜାଣନ୍ତି ନାହିଁ ବୋଲି କହିଥିଲେ।

## ବିବାହ ପୂର୍ବରୁ ଶାରୀରିକ ସମ୍ପର୍କ କଳଙ୍କ ନୁହେଁ-ସୁପ୍ରିମକୋର୍ଟ



**ନୂଆଦିଲ୍ଲୀ (ଏଜେନ୍ସି):** ବିବାହ ପୂର୍ବରୁ ଶାରୀରିକ ସମ୍ପର୍କକୁ ନେଇ ବଡ ନିଷ୍ପତ୍ତି ଦେଇଛନ୍ତି ସୁପ୍ରିମକୋର୍ଟ। ସର୍ବୋଚ୍ଚ ନ୍ୟାୟାଳୟ କହିଛନ୍ତି ଯେ, ଅବିବାହିତ ବୟସ୍କଙ୍କ ମଧ୍ୟରେ ସହମତିରେ ଶାରୀରିକ ସମ୍ପର୍କକୁ 'ନୈତିକ ପତନ' (କଳଙ୍କ) ବୋଲି ବିବେଚନା କରାଯାଇପାରିବ ନାହିଁ। ଏଥିସହିତ ଏହାକୁ ଜଣେ ବ୍ୟକ୍ତିଙ୍କ ଚରିତ୍ର ବିଷୟରେ ନକାରାତ୍ମକ ନିଷ୍କର୍ଷ ବାହାର କରିବା ପାଇଁ ବ୍ୟବହାର କରାଯାଇପାରିବ ନାହିଁ।

ସୁପ୍ରିମକୋର୍ଟ ତାଙ୍କ ରାୟରେ କହିଛନ୍ତି ଯେ, ଦୁଇଜଣ ଅବିବାହିତ ବୟସ୍କଙ୍କ ମଧ୍ୟରେ ସହମତିରେ ଶାରୀରିକ ସମ୍ପର୍କକୁ ଜଣେ ବ୍ୟକ୍ତିଙ୍କ ଚରିତ୍ର ଉପରେ ପ୍ରଶ୍ନ ଉଠାଇବା ପାଇଁ ଆଧାର ଭାବରେ ବ୍ୟବହାର କରାଯାଇପାରିବ ନାହିଁ। ଖଣ୍ଡପୀଠ ଏହି ନିଷ୍ପତ୍ତି ଏପରି ଏକ ମାମଲାରେ ଦେଇଛନ୍ତି ଯେଉଁଥିରେ ତେଲଙ୍ଗାନା ରାଜ୍ୟ ପୁଲିସ ନିଯୁକ୍ତି ବୋର୍ଡ ଏକ ବିଫଳ ପ୍ରେମ ସମ୍ପର୍କ ସହିତ ଜଡିତ ଏକ ପୁରୁଣା ଅପରାଧିକ ମାମଲା ଆଧାରରେ ପ୍ରାର୍ଥୀଙ୍କ ନିଯୁକ୍ତିକୁ ବାତିଲ କରିଥିଲା। ବିଚାରପତି ମନମୋହନ ଏବଂ ବିଚାରପତି ମନୋଜ ମିଶ୍ରଙ୍କ ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି ଯେ, କେବଳ ବିବାହ ପାଇଁ ନୁହେଁ ବୋଲି ସମ୍ପର୍କକୁ ଅବୈଧ ବୋଲି ବିବେଚନା କରାଯାଇପାରିବ ନାହିଁ। କୋର୍ଟ କହିଛନ୍ତି ଯେ, ପ୍ରତ୍ୟେକ ସମ୍ପର୍କ ନିଶ୍ଚିତ ଭାବରେ ବିବାହରେ ପରିଣତ ହେବା ଉଚିତ୍ ନୁହେଁ, ଏବଂ ଏହା ଉଭୟ ପକ୍ଷର ପ୍ରତାରଣାମୂଳକ ଆଚରଣ ନୁହେଁ। ଏପରି କୌଣସି ଆଇନ ନାହିଁ ଯାହା ଦୁଇଜଣ ଅବିବାହିତ ବୟସ୍କଙ୍କୁ ସେମାନଙ୍କ ପସନ୍ଦର ସହମତିରେ ସମ୍ପର୍କ ରଖିବାରୁ ନିଷେଧ କରେ। କେବଳ କାରଣ ଏହି ସମ୍ପର୍କ ବିବାହରେ ପରିଣତ ହୋଇନାହିଁ, ଏହା ବିଶ୍ୱାସ କରିବାର କୌଣସି ଆଧାର ନାହିଁ ଯେ, ଗୋଟିଏ ପକ୍ଷ ଅନ୍ୟ ଜଣଙ୍କୁ ପ୍ରତାରଣା କରିଛି। ସୁପ୍ରିମକୋର୍ଟ କହିଛନ୍ତି ଯେ, ଆବେଦନକାରୀ ଏବଂ ପୀଡିତା ପଡ଼ୋଶୀ ଥିଲେ ଏବଂ ଚାରି ବର୍ଷ ଧରି ସମ୍ପର୍କ ରଖିଥିଲେ। ଯଦି କୌଣସି ଅଭିଯୋଗ ପ୍ରମାଣିତ ନହୁଏ, ତେବେ ଜଣେ ବ୍ୟକ୍ତିଙ୍କୁ ନିର୍ଦ୍ଦୋଷ ବୋଲି ଧରାଯାଏ। କୋର୍ଟ ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ, ବିବାହର ପ୍ରତିଶ୍ରୁତି ସହିତ ଦୁଷ୍କର୍ମ ମାମଲାରେ ଲୋକ ଅଦାଲତରେ ହୋଇଥିବା ଆପୋଷ ବୁଝାମଣାର ଅର୍ଥ ନୁହେଁ ଯେ, ଅଭିଯୁକ୍ତ ତାଙ୍କ ଦୋଷ ସ୍ୱୀକାର କରିଛନ୍ତି। କୋର୍ଟ କହିଛନ୍ତି ଯେ, ଜଣେ ନିଯୁକ୍ତିଦାତା କେବଳ ଏକ ଫୌଜଦାରୀ ମାମଲା ଆପୋଷରେ ଶେଷ ହୋଇଛି ବୋଲି କୌଣସି ନକାରାତ୍ମକ ନିଷ୍କର୍ଷ ବାହାର କରିପାରିବେ ନାହିଁ, ଯଦି ନାହିଁ ଯେ ଅଭିଯୋଗକାରୀଙ୍କୁ ଆପୋଷରେ ଚାପ ପକାଇବାର ପ୍ରମାଣ ନାହିଁ। ବିବାହ ପୂର୍ବ ସମ୍ପର୍କ ପ୍ରସଙ୍ଗରେ, ସୁପ୍ରିମକୋର୍ଟ କହିଛନ୍ତି ଯେ ଏପରି ସମ୍ପର୍କ କ୍ରମଶଃ ସାଧାରଣ ହେବାରେ ଲାଗିଛି ଏବଂ ଯେଉଁଠାରେ ଦୁଇଜଣ ପ୍ରାପ୍ତବୟସ୍କଙ୍କ ମଧ୍ୟରେ ସମ୍ପର୍କ ବହୁତ ସମୟ ପର୍ଯ୍ୟନ୍ତ ରହିଥାଏ, ସେଠାରେ ବୈଧ ସମ୍ମତିର ଅନୁମାନ କରାଯାଏ। କୋର୍ଟ ଉଲ୍ଲେଖ କରିଛନ୍ତି ଯେ ଆବେଦନକାରୀ ଏବଂ ଅଭିଯୋଗକାରୀ ପଡ଼ୋଶୀ ଥିଲେ ଏବଂ ପରସ୍ପରକୁ ବହୁ ବର୍ଷ ଧରି ଜାଣିଥିଲେ। କୋର୍ଟ କହିଛନ୍ତି ଯେ ସମାଧାନ ପାଇଁ ବଳ, ଧମକ କିମ୍ବା ଚାପ ବ୍ୟବହାର କରିବା ପାଇଁ ରେକର୍ଡରେ କୌଣସି ପ୍ରମାଣ ନାହିଁ।




# ସଫଳତାର ସୋପାନରେ ଭାରତୀୟ ଯୁବ ବୈଜ୍ଞାନିକ

ଘରୋଇ ମହାକାଶ ଗବେଷଣା କ୍ଷେତ୍ରରେ ଭାରତକୁ ୧୮ ଜୁଲାଇରେ ବଡ଼ ସଫଳତା ମିଳିଛି । ହାଇଦ୍ରାବାଦର ବେସରକାରୀ ମହାକାଶ ସଂସ୍ଥା ସ୍କାଏରୁଟ୍ ଏରୋସ୍ପେସ୍ ଶ୍ରୀହରିକୋଟାସ୍ଥିତ ସତୀଶ ଧାବନ ମହାକାଶ କେନ୍ଦ୍ରରୁ 'ବିକ୍ରମ୍ ୧' ରକେଟ୍ ମହାକାଶକୁ ପ୍ରେରଣ କରି ଇତିହାସ ରଚିଛି । ଏହା ସମ୍ପୂର୍ଣ୍ଣ ବେସରକାରୀ ବ୍ୟବସ୍ଥାରେ ନିର୍ମିତ ପ୍ରଥମ କକ୍ଷ ରକେଟ । ସ୍କାଏରୁଟ୍ ଏରୋସ୍ପେସ୍‌ର 'ମିଶନ ଆଗମନ'ର ଏହି ପ୍ରାରମ୍ଭିକ ଅଭିଯାନ ସଫଳ ହେବା ପରେ ଭାରତୀୟ ଯୁବ ବୈଜ୍ଞାନିକ ଓ ଇଞ୍ଜିନିୟରଙ୍କ ଉନ୍ନତ ଦକ୍ଷତା ଦିଗବିଦିଗ ହୋଇଛି । ଅନ୍ୟପକ୍ଷରେ ୧୯୬୨ରେ ସଂସ୍ଥାପିତ ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ)ରେ ବହୁସଂଖ୍ୟକ ବୈଜ୍ଞାନିକ ଇସ୍ତଫା ଦେଉଥିବା ବିଷୟ ପଦାକୁ ଆସିଛି । ଏହା ସରକାରୀ ମହାକାଶ ଗବେଷଣା କ୍ଷେତ୍ରକୁ ଆଘାତ ପହଞ୍ଚାଇଛି । କାରଣ ୨୦୨୭ରେ ହେବାକୁ ଥିବା 'ଚନ୍ଦ୍ରାୟନ ୪', ୨୦୨୮ରେ 'ଭେନସ୍ ଅର୍ବିଟର ମିଶନ' ଏବଂ ୨୦୩୦ରେ 'ମାର୍ସ ଲ୍ୟାଣ୍ଡର ମିଶନ' କାର୍ଯ୍ୟର ସମ୍ପାଦନରେ ବୈଜ୍ଞାନିକଙ୍କ ଅଭାବ ଗୁରୁତର ପ୍ରଭାବ ପକାଇବ ବୋଲି ଜଣାପଡ଼ିଛି । ସୂଚନା ଦିଆଯାଇପାରେ ଯେ, ଥିରୁଭାନନ୍ତପୁରମ୍‌ର ବିକ୍ରମ ସରାଭାଇ ସ୍ପେସ୍ ସେଣ୍ଟର (ଭିଏସ୍ ଏସ୍ ସି) ଓ ନେଲୋର ସତୀଶ ଧାବନ ମହାକାଶ କେନ୍ଦ୍ର (ଏସ୍ ଡିଏସ୍ ସି) ସମେତ ଦେଶରେ ଇସ୍ରୋର ୧୪ଟି କେନ୍ଦ୍ର ରହିଛି । ବର୍ତ୍ତମାନ ଏଥିରେ ୧୪,୬୦୦ କର୍ମଚାରୀ କାର୍ଯ୍ୟରତ ଥିବା ବେଳେ ସେମାନଙ୍କ ମଧ୍ୟରୁ ପ୍ରାୟ ୮ ହଜାର ବୈଜ୍ଞାନିକ ଓ ଇଞ୍ଜିନିୟର ଅଛନ୍ତି । ଇସ୍ରୋର କେତେକ ରଣନୀତିକ ଦୃଷ୍ଟିକୋଣରୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ରଗୁଡ଼ିକରୁ କିଛିମାସ ମଧ୍ୟରେ ପ୍ରାୟ ୧୦୦ ଜଣ ବୈଜ୍ଞାନିକ ଚାକିରି ଛାଡ଼ିବା ଚିନ୍ତାର ବିଷୟ ହୋଇଛି । ଏହାଫଳରେ କେନ୍ଦ୍ର ସରକାରଙ୍କ ଡିପାର୍ଟମେଣ୍ଟ ଅଫ୍ ସ୍ପେସ(ଡିଓଏସ୍) ପ୍ରତିକାର ଭାବିବାକୁ ଯାଇ ଇସ୍ତଫା ଗ୍ରହଣ କରିବାରେ ବିଳମ୍ବ ସୃଷ୍ଟି କରିବା ପାଇଁ ପଦ୍ଧତି ଚିନ୍ତା କରିଛି । ଏବେ ସବୁ ଇସ୍ତଫା ଦିଲ୍ଲୀରୁ ସ୍ୱୀକୃତି ପାଇବା ଆବଶ୍ୟକ ହୋଇପଡ଼ିଛି । ସେଥିପାଇଁ ଏଣିକି ଇସ୍ତଫା ଦେବାକୁ ଚାହୁଁଥିବା କର୍ମଚାରୀଙ୍କୁ ସ୍ଥାନୀୟ କେନ୍ଦ୍ରକୁ ଆବେଦନ କରିବା ପରିବର୍ତ୍ତେ ମହାକାଶ ବିଭାଗକୁ କାଗଜ ପଠାଇବାକୁ ପଡ଼ିବ । ଜଣାପଡ଼ିଛି ଯେ, ଗଗନଯାନ ଏବଂ ଅନ୍ୟାନ୍ୟ ପ୍ରମୁଖ କାର୍ଯ୍ୟକ୍ରମ ସହିତ ଜଡ଼ିତ ବୈଜ୍ଞାନିକ ଓ ଇଞ୍ଜିନିୟରମାନଙ୍କୁ ସାଧାରଣ ପ୍ରକ୍ରିୟା ଭାବରେ ସ୍ୱେଚ୍ଛାକୃତ ଅବସର କିମ୍ବା ଇସ୍ତଫା ମାଧ୍ୟମରେ ଚାକିରି ଛାଡ଼ିବାକୁ ଆଉ ଅନୁମତି ଦିଆଯିବ ନାହିଁ । ଏଥିରୁ ସ୍ପଷ୍ଟ ବୁଝି ହେଉଛି ଯେ, ଇସ୍ରୋର ନୂତନ ଅଭିଯାନଗୁଡ଼ିକ ନିଶ୍ଚିତ ଭାବେ ବାଧାପ୍ରାପ୍ତ ହେବ । କାରଣ ଯେଉଁମାନଙ୍କ ଇସ୍ତଫା ଗ୍ରହଣ କରା ନ ଯାଇ ସରକାରୀ ନାଲିଫିତା ତଳେ ଚାପି ହୋଇ ରହିଯିବ, ସେମାନେ କାର୍ଯ୍ୟରେ ଅମନଯୋଗୀ ହେବା ବା ଅନ୍ୟମନସ୍କ ହେବା ଥୟ । ହୃଦୟ ଭିତରୁ କାର୍ଯ୍ୟ କରିବାର ଯେଉଁ ସ୍ପୃହା ଜାତ ହୋଇଥାଏ ତାହା ମଉଳିଯିବ । ବୈଜ୍ଞାନିକ ଓ ଇଞ୍ଜିନିୟରମାନେ ଇସ୍ରୋ ଭଳି ନାମକରା ସଂସ୍ଥାରୁ କାହିଁକି ଚାକିରି ଛାଡୁଛନ୍ତି ତାହା ବଡ଼ ପ୍ରଶ୍ନ ଭାବେ ଉଭା ହୋଇଛି । ହୁଏତ ଗୋଟିଏ କାରଣ ହୋଇପାରେ ଭାରତର ବେସରକାରୀ ମହାକାଶ କ୍ଷେତ୍ରର ଦ୍ରୁତ ଅଭିବୃଦ୍ଧି । ତତ୍ ସହିତ ଏହିଭଳି ବୈଜ୍ଞାନିକମାନଙ୍କ ପାଇଁ ବିଦେଶରେ ମଧ୍ୟ ଯଥେଷ୍ଟ ଚାହିଦା ରହିଛି । କିନ୍ତୁ ଭାରତର କ୍ଷୁଦ୍ର ଜିଡିପିର ମାତ୍ର ୦.୦୪ ରୁ ୦.୦୫ ପ୍ରତିଶତ ମହାକାଶ ଗବେଷଣା ପାଇଁ ଦିଆଯାଉଥିବା ସହିତ କର୍ଯ୍ୟକରିବାର ଶୈଳୀ, ବାତାବରଣ, ପଦୋନ୍ନତି ସୁଯୋଗ ଏବଂ ମୁଣ୍ଡ ଉପରେ ବସିଥିବା ପ୍ରଶାସନିକ ଅଫିସରଙ୍କ ଆଭିମୁଖ୍ୟ ଏହି ବୈଜ୍ଞାନିକମାନଙ୍କୁ ଅଧିକ ନକାରାତ୍ମକ ଭାବେ ପ୍ରଭାବିତ କରୁଥିବ ବୋଲି କୁହାଯାଇପାରେ । କଳାକାରଙ୍କୁ ଯେଉଁଭଳି ଶ୍ରୋତାଙ୍କ ତାଳି, ସମର୍ଥନ ଏବଂ ସମ୍ମାନର ପ୍ରୟୋଜନ ସଦାସର୍ବଦା ରହିଥାଏ, ସେହିଭଳି ଭାରତରେ ରହି ବିଜ୍ଞାନରେ ଗବେଷଣା କରୁଥିବା ବୈଜ୍ଞାନିକ ନିଶ୍ଚିତ ଭାବେ ପ୍ରଶଂସା ମଧ୍ୟ ଶୁଣିବାକୁ ଚାହୁଁଥିବେ । ଏହା ହେଉଛି ମଣିଷର ସ୍ୱାଭାବିକ ଚରିତ୍ର ।

* * *

## କବିତା ଗୁଚ୍ଛ

### ବିଶ୍ୱ ଜନସଂଖ୍ୟା ଦିବସ



ବିଶ୍ୱ ଜନସଂଖ୍ୟା ଦିବସ ପାଳନ
ଲକ୍ଷ୍ୟ ମହତ୍ତ୍ୱର ଅଟେ
ଜନସଂଖ୍ୟା ବୃଦ୍ଧି ରୋକିବା କାରଣ
ସଚେତନତା କୁ ରଟେ ।୧।
ଜୁଲାଇ ଏଗାର ରିଖ ପାଳନର
ସଚେତନ ସାରା ବିଶ୍ୱ
ଜନସଂଖ୍ୟା ବୃଦ୍ଧି ରୋକିବା ସମୃଦ୍ଧି
ହେବ ଶେଷେ ସର୍ବ ନିଶ୍ୱ ।୨।
ଭାରତ ଆମର ସର୍ବ ବୃହତ୍ତର
ଜନସଂଖ୍ୟା ହିସାବରେ
ଦ୍ୱିତୀୟେ ଚାଇନା ସ୍ଥାନ ନିରୂପଣ
ଜନସଂଖ୍ୟା ଗଣନାରେ ।୩।
ଜନସଂଖ୍ୟା ବୃଦ୍ଧି ରୋକିବା ପାଇଁ କି
ଜାତିସଂଘ ଘୋଷଣାରେ
ପ୍ରତ୍ୟେକ ବରଷ ଜୁଲାଇ ଏଗାର
ସଚେତନ ସୃଷ୍ଟି କରେ ।୪।
ସାରା ବିଶ୍ୱ ସ୍ଥିତି ଜନସଂଖ୍ୟା ଭିତ୍ତି
ଆଠଶହ କୋଟି ପାର
ରୋକ ନଲାଗିଲେ ଜନ ବିସ୍ଫୋରଣ
ବଢ଼ାଉଛି ଧରା ଭାର ।୫।
ବିଶ୍ୱ ଜନସଂଖ୍ୟା ଦିବସରେ ଆସ
ସଭିଏଁ ଶପଥ କର
ଜୁଲାଇ ଏଗାର ସଚେତନତା ର
ଲକ୍ଷ୍ୟ ସାଧନରେ ଭର ।୬।

- ଶ୍ୟାମା ପ୍ରସାଦ ବୋଷ
ବେଗୁନିଆଁ , ମଲ୍ଲିକ୍ ସାହି
ପୋ: ଗୋପ୍ , ଜିଲ୍ଲା : ପୁରୀ

# ପରିଚୟରୁ ଉର୍ଦ୍ଧ୍ୱ : ଭାରତର ସମାବେଶୀ ଅଗ୍ରଗତି

ପ୍ରତିବର୍ଷ ଭାରତର ସର୍ବୋଚ୍ଚ ନାଗରିକ ସମ୍ମାନଗୁଡ଼ିକର ଘୋଷଣା କେବଳ ବିଶିଷ୍ଟ ବ୍ୟକ୍ତିମାନଙ୍କ ନାମର ଏକ ତାଲିକା ମାତ୍ର ନୁହେଁ । ଏହା ଦେଶର ପ୍ରାଥମିକତା, ମୂଲ୍ୟବୋଧ ଏବଂ ଆକାଂକ୍ଷାର ଏକ ସ୍ପଷ୍ଟ ପ୍ରତିଛବି ଉପସ୍ଥାପନ କରେ । ପଦ୍ମ ପୁରସ୍କାର ଏବଂ ଅନ୍ୟାନ୍ୟ ପ୍ରତିଷ୍ଠିତ ଜାତୀୟ ସାମ୍ମାନ ସେହି ସମସ୍ତ ବ୍ୟକ୍ତିତ୍ୱଙ୍କୁ ଗୌରବାନ୍ୱିତ କରେ, ଯାହଙ୍କ କାର୍ଯ୍ୟ ଲକ୍ଷ ଲକ୍ଷ ଲୋକଙ୍କ ଜୀବନକୁ ସମୃଦ୍ଧ କରିବା ସହ ଭାରତର ଅଭିବୃଦ୍ଧିର କାହାଣୀକୁ ଆହୁରି ସମୃଦ୍ଧ କରିଛି । ନିକଟରେ ଏହି ସମ୍ମାନ ପ୍ରାପ୍ତ କରିଥିମାନଙ୍କ ମଧ୍ୟରେ ଅନେକ ବିଶିଷ୍ଟ ମୁସଲିମ୍ ବ୍ୟକ୍ତିତ୍ୱ ରହିଛନ୍ତି, ଯାହାଙ୍କ ସଫଳତା ପ୍ରମାଣ କରେ ଯେ ଉତ୍କର୍ଷତା, ନିଷ୍ଠା ଓ ଜନସେବା ପ୍ରତି ସମର୍ପଣକୁ ଭାରତୀୟ ଗଣତନ୍ତ୍ର ସଦା ସମ୍ମାନ ଜଣାଇ ଆସୁଛି । ଯେତେବେଳେ ଭାରତ ଦ୍ରୁତ ଗତିରେ ଏକ ବିଶ୍ୱସ୍ତରୀୟ ଅର୍ଥନୈତିକ ଏବଂ ରଣନୈତିକ ଶକ୍ତିରେ ପରିଣତ ହେଉଛି, ଏହି ସମ୍ମାନ ଏକ ଗୁରୁତ୍ୱପୂର୍ଣ୍ଣ ବାସ୍ତବତାକୁ ଦର୍ଶାଏ, ରାଷ୍ଟ୍ର ନିର୍ମାଣ ଏକ ସାମୂହିକ ପ୍ରୟାସ । ଏହା ବିଭିନ୍ନ ଅଞ୍ଚଳ, ଭାଷା, ସଂସ୍କୃତି ଏବଂ ଧର୍ମର ଲୋକଙ୍କର ଅବଦାନ । ତେଣୁ ଜାତୀୟ ପୁରସ୍କାର ମାଧ୍ୟମରେ ମୁସଲମାନ କୃତିତ୍ୱ ହାସଲକାରୀଙ୍କ ସ୍ୱୀକୃତି କେବଳ ପ୍ରତିନିଧିତ୍ୱର ବିଷୟ ନୁହେଁ; ଏହା ଏକ ଜାତିର ଅନ୍ତର୍ଭୁକ୍ତିମୂଳକ ଆତ୍ମାର ପ୍ରମାଣ ଯାହା ସର୍ବୋପରି ଯୋଗ୍ୟତା ଏବଂ ସେବାକୁ ମୂଲ୍ୟ ଦିଏ । ସାମ୍ପ୍ରତିକ ପଦ୍ମ ପୁରସ୍କାରପ୍ରାପ୍ତମାନଙ୍କ ମଧ୍ୟରେ ସବୁଠାରୁ ଉଲ୍ଲେଖନୀୟ ନାମ ହେଉଛି ପ୍ରଫେସର ଶଫି ଶୌକ, ଜଣେ ପ୍ରତିଷ୍ଠିତ ଶିକ୍ଷାବିତ୍ ଯିଏ ତାଙ୍କ ଜୀବନକୁ ଛାତ୍ରବୃତ୍ତି, ଗବେଷଣା ଏବଂ ଭାଷାଗତ ଏବଂ ସାଂସ୍କୃତିକ ଅଧ୍ୟୟନର ପ୍ରୋତ୍ସାହନ ପାଇଁ ଉତ୍ସର୍ଗ କରିଛନ୍ତି । ତାଙ୍କର ସ୍ୱୀକୃତି ଭାରତ ଜାତୀୟ ବିକାଶର ଏକ ସ୍ତମ୍ଭ ଭାବରେ ଶିକ୍ଷାକୁ କେତେ ଗୁରୁତ୍ୱ ଦିଏ ତାହା ପ୍ରତିଫଳିତ କରେ । ଜ୍ଞାନ ଏବଂ ନବସୃଜନ ଦ୍ୱାରା ପରିଚାଳିତ ଏହି ଯୁଗରେ, ବିଦ୍ୱାନ ଏବଂ ଶିକ୍ଷକମାନେ ଭବିଷ୍ୟତ ପିଢ଼ିକୁ ଗଠନ କରିବାରେ ଏବଂ ଦେଶର ବୌଦ୍ଧିକ ଭିତ୍ତିଭୂମିକୁ ମଜବୁତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି । ଲୋକ କଳାକାର ଗଫରୁଦ୍ଦିନ ମେୱାତି ଯୋଗୀ, ଢୋଲକ ବାଦକ ମୀର ହାଜି କସମ ଏବଂ ମୂର୍ତ୍ତିକାର ନୁରୁଦ୍ଦିନ ଅହମ୍ମଦଙ୍କୁ ମଧ୍ୟ କଳା, ସଙ୍ଗୀତ ଏବଂ ସ୍ଥାନୀୟ ଲୋକ ପରମ୍ପରାର ସଂରକ୍ଷଣ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପଦ୍ମ ପୁରସ୍କାରରେ ସମ୍ମାନିତ କରାଯାଇଛି । ଏହି ସମ୍ମାନର ଗୁରୁତ୍ୱ ବ୍ୟକ୍ତିଗତ ସଫଳତାଠାରୁ ବହୁ ଉର୍ଦ୍ଧ୍ୱରେ । ଏହା ନାଗରିକମାନେ ଦେଶର ପ୍ରଗତିରେ କିପରି ଯୋଗଦାନ ଦିଅନ୍ତି ତାହା ଉପରେ ଆଲୋକପାତ କରେ । ଉଦ୍ୟୋଗୀମାନେ ନିଯୁକ୍ତି ସୃଷ୍ଟି କରନ୍ତି ଏବଂ ଆର୍ଥିକ ଅଭିବୃଦ୍ଧିକୁ ଇନ୍ଧନ ଦିଅନ୍ତି, ଶିକ୍ଷକ ମାନେ ଯୁବ ମନକୁ ପୋଷଣ କରନ୍ତି, କଳାକାରମାନେ ସାଂସ୍କୃତିକ ଐତିହ୍ୟକୁ ସଂରକ୍ଷଣ କରନ୍ତି, ବୈଜ୍ଞାନିକମାନେ ଜ୍ଞାନର ସୀମାକୁ ବିସ୍ତାର କରନ୍ତି ଏବଂ ସାମାଜିକ କର୍ମୀମାନେ ସମ୍ପ୍ରଦାୟକୁ ଉନ୍ନତ କରନ୍ତି । ଜାତୀୟ ପୁରସ୍କାର ଗୁଡ଼ିକ ଏହି ବିବିଧ ଅବଦାନକୁ ସ୍ୱୀକାର କରନ୍ତି ଏବଂ ଏହି ଧାରଣାକୁ ଦୃଢ଼ କରନ୍ତି ଯେ ଦେଶ ପାଇଁ ସେବା ଅନେକ ରୂପ ନେଇପାରେ । ଭାରତର ଗଣତାନ୍ତ୍ରିକ ଢାଞ୍ଚା ସମାଜର ପ୍ରତ୍ୟେକ ବର୍ଗରୁ ପ୍ରତିଭାକୁ ବାହାରିବା ପାଇଁ ଦୀର୍ଘ ସମୟ ଧରି ସୁଯୋଗ ପ୍ରଦାନ କରିଆସିଛି । ପୁରସ୍କାର ପ୍ରାପ୍ତକାରୀଙ୍କ କାହାଣୀଗୁଡ଼ିକ ପ୍ରାୟତଃ ସୁବିଧା ଅପେକ୍ଷା ଦୃଢ଼ତା, କଠିନ ପରିଶ୍ରମ ଏବଂ ପ୍ରତିବଦ୍ଧତା ଦ୍ୱାରା ଚିହ୍ନିତ ଯାତ୍ରାକୁ ଦର୍ଶାଏ । କୌଣସି ଶିକ୍ଷାନୁଷ୍ଠାନର ବିଦ୍ୱାନ ହୁଅନ୍ତୁ, ଶତାବ୍ଦୀ ପୁରୁଣା ପରମ୍ପରାକୁ ବଜାୟ ରଖୁଥିବା କାରିଗର ହୁଅନ୍ତୁ, କିମ୍ବା ତୃଣମୂଳ ସ୍ତରରେ କାମ କରୁଥିବା ଜଣେ ସମାଜ ସଂସ୍କାରକ ହୁଅନ୍ତୁ, ଏଭଳି ବ୍ୟକ୍ତିମାନଙ୍କୁ ମିଳୁଥିବା ସ୍ୱୀକୃତି ଦେଶର ଯେକୌଣସି କୋଣରୁ ଉତ୍କର୍ଷତା ପ୍ରକାଶ ପାଇପାରେ ବୋଲି ଗଣତାନ୍ତ୍ରିକ ନୀତିକୁ ପ୍ରତିଫଳିତ କରେ ।

ଆମ ଦେଶର ଜାତୀୟ ଯାତ୍ରାରେ ଏଠାକାର ମୁସଲମାନ ମାନଙ୍କର ଅବଦାନ ଐତିହାସିକ ଏବଂ ସମସାମୟିକ । ସ୍ୱାଧୀନତା ସଂଗ୍ରାମରୁ ଆଧୁନିକ ଭାରତର ବିକାଶ ପର୍ଯ୍ୟନ୍ତ, ମୁସଲମାନମାନେ ସାର୍ବଜନୀନ ଜୀବନ, ବିଜ୍ଞାନ, ଶିକ୍ଷା, ପ୍ରତିରକ୍ଷା, ସାହିତ୍ୟ, କ୍ରୀଡା ଏବଂ କଳାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି । ପୂର୍ବତନ ରାଷ୍ଟ୍ରପତି ଡକ୍ଟର ଏ.ପି.ଜେ. ଅବଦୁଲ କଲାମଙ୍କ ଜୀବନ ଏହି ଅବଦାନର ସବୁଠାରୁ ବଡ଼ ଉଦାହରଣ ମଧ୍ୟରୁ ଗୋଟିଏ । 'ଜନତାଙ୍କର ରାଷ୍ଟ୍ରପତି' ଭାବରେ ସମ୍ମାନିତ, ଡକ୍ଟର କଲାମ ବିଜ୍ଞାନରେ ତାଙ୍କ କାର୍ଯ୍ୟ ଏବଂ ଶିକ୍ଷା କ୍ଷେତ୍ରରେ ତାଙ୍କର ଅଟଳ ବିଶ୍ୱାସ ମାଧ୍ୟମରେ ଲକ୍ଷ ଲକ୍ଷ ଲୋକଙ୍କୁ ପ୍ରେରଣା ଦେଇଥିଲେ । ତାଙ୍କର ଅବଦାନ ମୁସଲିମ୍ ସମ୍ପ୍ରଦାୟର ଯୁବ ଭାରତୀୟଙ୍କୁ ବଡ଼ ସ୍ୱପ୍ନ ଦେଖିବା ଏବଂ ଦେଶ ସେବା କରିବାକୁ ପ୍ରେରଣା ଦେଇ ଆସୁଛି । ସେହିପରି, ପ୍ରସିଦ୍ଧ ସଂଗୀତଜ୍ଞ ଏ.ଆର. ରହମାନଙ୍କ କାର୍ଯ୍ୟ ମାଧ୍ୟମରେ ଭାରତୀୟ ସଙ୍ଗୀତ ବିଶ୍ୱସ୍ତରୀୟ ସ୍ୱୀକୃତି ପାଇଛି, ଯାହାଙ୍କ ସଫଳତା ବିଶ୍ୱସ୍ତରରେ ଭାରତର ସାଂସ୍କୃତିକ ପ୍ରତିଷ୍ଠାକୁ ବୃଦ୍ଧି କରିଛି । ସିନେମା, ଔଷଧ, ଉଦ୍ୟୋଗ ଏବଂ ସାଧାରଣ ପ୍ରଶାସନ ଭଳି ବିବିଧ କ୍ଷେତ୍ରରେ ଅନେକ ମୁସଲିମ ବୃତ୍ତିଗତ ଭାରତର ବିକାଶ ଏବଂ ଅନ୍ତର୍ଜାତୀୟ ଖ୍ୟାତିରେ ଅବଦାନ ଦେଇ ଆସୁଛନ୍ତି । ମୁସଲିମ କୃତିତ୍ୱ ହାସଲକାରୀଙ୍କ ସାମ୍ପ୍ରତିକ ସ୍ୱୀକୃତି ଦେଶର ଯୁବପିଢ଼ି ପାଇଁ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତା ବହନ କରେ । ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତି କରୁଥିବା, ଉଚ୍ଚଶିକ୍ଷା ଗ୍ରହଣ କରୁଥିବା, ଷ୍ଟାର୍ଟ-ଅପ୍ ଆରମ୍ଭ କରୁଥିବା କିମ୍ବା ସାଧାରଣ ସେବାରେ କ୍ୟାରିଅର ଗଢ଼ିବା ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କ ପାଇଁ ଏହି ସମ୍ମାନଗୁଡ଼ିକ ପ୍ରଦର୍ଶନ କରେ ଯେ, ସମର୍ପଣ ଏବଂ ଉତ୍କର୍ଷତା ସଫଳତାର ସବୁଠାରୁ ନିର୍ଭରଯୋଗ୍ୟ ପଥ । ସ୍କିଲ୍ ଇଣ୍ଡିଆ, ଡିଜିଟାଲ୍ ଇଣ୍ଡିଆ, ଷ୍ଟାର୍ଟଅପ୍ ଇଣ୍ଡିଆ, ମେକ୍ ଇନ୍ ଇଣ୍ଡିଆ ଏବଂ ଜାତୀୟ ଶିକ୍ଷା ନୀତି ଭଳି ପଦକ୍ଷେପ ଉପରେ ସରକାରଙ୍କ ଗୁରୁତ୍ୱ ପରିପ୍ରେକ୍ଷୀରେ ଏହି ବାର୍ତ୍ତା ବିଶେଷ ଭାବରେ ପ୍ରାସଙ୍ଗିକ । ଏହି କାର୍ଯ୍ୟକ୍ରମଗୁଡ଼ିକ ପ୍ରତ୍ୟେକ ନାଗରିକଙ୍କ ସମ୍ଭାବନାକୁ ଉନ୍ମୋଚନ କରିବାକୁ ଏବଂ ଦେଶର ଅଭିବୃଦ୍ଧି କାହାଣୀରେ ଅଂଶଗ୍ରହଣକୁ ଉତ୍ସାହିତ କରେ । ପୁରସ୍କାର ପ୍ରାପ୍ତକର୍ତ୍ତାଙ୍କ ସଫଳତା ଦର୍ଶାଏ ଯେ ବିଭିନ୍ନ ପୃଷ୍ଠଭୂମିର ବ୍ୟକ୍ତିମାନେ କିପରି ଜାତୀୟ ଲକ୍ଷ୍ୟଗୁଡ଼ିକରେ ଯୋଗଦାନ ଦେଇପାରିବେ ଏବଂ ସକାରାତ୍ମକ ପରିବର୍ତ୍ତନର ମାଧ୍ୟମ ହୋଇପାରିବେ । ମୁସଲିମ ସଫଳତା ହାସଲକାରୀଙ୍କ ସ୍ୱୀକୃତିକୁ ଏକ ସଂକୀର୍ଣ୍ଣ ସାମ୍ପ୍ରଦାୟିକ ଦୃଷ୍ଟିକୋଣରୁ ଦେଖାଯିବା ଉଚିତ୍ ନୁହେଁ । ସେମାନଙ୍କର ସଫଳତା ସମଗ୍ର ଦେଶର । ଯେତେବେଳେ ଜଣେ ଶିକ୍ଷକ ଶିକ୍ଷାକୁ ଆଗକୁ ବଢ଼ାନ୍ତି, ଯେତେବେଳେ ଜଣେ କଳାକାର ଭାରତର ସାଂସ୍କୃତିକ ଐତିହ୍ୟକୁ ସଂରକ୍ଷଣ କରନ୍ତି, କିମ୍ବା ଯେତେବେଳେ ଜଣେ ବୈଜ୍ଞାନିକ ନବସୃଜନରେ ଯୋଗଦାନ ଦିଅନ୍ତି, ସମସ୍ତ ନାଗରିକ ଏହାର ଲାଭ ନିଅନ୍ତି । ଭାରତ ୨୦୪୭ ସୁଦ୍ଧା ଏକ ବିକଶିତ ରାଷ୍ଟ୍ର ହେବାର ଦୃଷ୍ଟିକୋଣ ଆଡ଼କୁ ଅଗ୍ରସର ହେଉଥିବାରୁ, ସମାଜର ପ୍ରତ୍ୟେକ ବର୍ଗର ପ୍ରତିଭାବାନ ବ୍ୟକ୍ତିବିଶେଷଙ୍କ ଅବଦାନ ଅପରିହାର୍ଯ୍ୟ । ପ୍ରଯୁକ୍ତିବିଦ୍ୟା, ଶିକ୍ଷା, ଉତ୍ପାଦନ, ସ୍ୱାସ୍ଥ୍ୟସେବା ଏବଂ ନବସୃଜନ କ୍ଷେତ୍ରରେ ଦେଶର ମହତ୍ତ୍ୱାକାଂକ୍ଷା କେବଳ ସମସ୍ତ ନାଗରିକଙ୍କ ଅଂଶଗ୍ରହଣ ଦ୍ୱାରା ସାକାର ହୋଇପାରିବ । ଯେଉଁମାନେ ପୂର୍ବରୁ ପ୍ରେରଣାଦାୟକ ଉଦାହରଣ ସ୍ଥାପନ କରିଛନ୍ତି ସେମାନଙ୍କୁ ସ୍ୱୀକୃତି ଦେଇ ଏହି ଅଂଶଗ୍ରହଣକୁ ଉତ୍ସାହିତ କରିବାରେ ଜାତୀୟ ସମ୍ମାନ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ । ଏହି ପୁରସ୍କାରଗୁଡ଼ିକ ଆକାଂକ୍ଷା, ସୁଯୋଗ ଏବଂ ଅବଦାନର ବୃହତ୍ତର କାହାଣୀ କୁହନ୍ତି । ଭାରତର ସର୍ବବୃହତ ଶକ୍ତି ଏହାର ଲୋକଙ୍କ ମଧ୍ୟରେ ରହିଛି ଏବଂ ଦେଶର ପ୍ରଗତି ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଅଗଣିତ ବ୍ୟକ୍ତିବିଶେଷଙ୍କ ସାମୂହିକ ପ୍ରୟାସ ଉପରେ ଆଧାରିତ । ଏହି କୃତିତ୍ୱ ହାସଲକାରୀଙ୍କୁ ସମ୍ମାନିତ କରି ଭାରତ ଏକ କାଳଜୟୀ ନୀତିକୁ ପୁନଃନିର୍ଦ୍ଦେଶ କରେ । ଜ୍ଞାନ, ସେବା, ନବସୃଜନ ଏବଂ ଜନହିତକର ପ୍ରତି ସମର୍ପଣ ସର୍ବଦା ଗଣତାନ୍ତ୍ରିକ ମୂଲ୍ୟବୋଧ ଏବଂ ସାମୁଦାୟିକ ବିକାଶ ପ୍ରତି ପ୍ରତିବଦ୍ଧ ଏକ ରାଷ୍ଟ୍ରରେ ସ୍ୱୀକୃତି ପାଇବ । ସେମାନଙ୍କର ସଫଳତା ଏକ ଦୃଢ଼, ଅଧିକ ସମୃଦ୍ଧ ଏବଂ ଅଧିକ ଆତ୍ମବିଶ୍ୱାସୀ ଭବିଷ୍ୟତ ଆଡ଼କୁ ବୃହତ ଭାରତୀୟ ଯାତ୍ରାର କାହାଣୀର ଏକ ଅଂଶ ।

- ଇନସା ୱାରସୀ
ଫ୍ରାଙ୍କଫୋନ ଏଣ୍ଡ ଜର୍ନାଲିଜମ୍ ଷ୍ଟଡିଜ୍
ଜାମିଆ ମିଲିଆ ଇସଲାମିଆ

# ବିଶ୍ୱ ପ୍ରସିଦ୍ଧ ଘୋଷଯାତ୍ରା



କୃଷ୍ଣପ୍ରିୟା ବେହେରା



ଉତ୍କଳର ବିଶ୍ୱ ପ୍ରସିଦ୍ଧ ଯାତ୍ରା ହେଉଛି ଘୋଷ ଯାତ୍ରା । ଏହା ପୁରୀଠାରେ ଅବସ୍ଥିତ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ ନେଇ ପାଳିତ ହେଉଥିବା ଏକ ଯାତ୍ରା । ଏହା ସନାତନୀ ହିନ୍ଦୁମାନଙ୍କର ଏକ ବଡ଼ ଯାତ୍ରା । ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥିରେ ଏହି ଯାତ୍ରା ପାଳିତ ହୋଇଥାଏ । ଏହି ଯାତ୍ରାକୁ ରଥ ଯାତ୍ରା, ମହାବେଦୀ ମହୋତ୍ସବ, ପତିତପାବନ ଯାତ୍ରା, ଉତ୍ତରାଭିମୁଖୀ ଯାତ୍ରା, ନବଦିନାତ୍ମକ ଯାତ୍ରା, ଦଶାବତାର ଯାତ୍ରା, ଗୁଣ୍ଡିଚା ମହୋତ୍ସବ ଓ ଆଡ଼ପ ଯାତ୍ରା ମଧ୍ୟ କୁହାଯାଏ । ବିଭିନ୍ନ ଶାସ୍ତ୍ର ମତାନୁଯାୟୀ ଘୋଷ ଯାତ୍ରାର ଆଠଟି ଅଙ୍ଗ ରହିଛି, ଯାହାକୁ ଅଷ୍ଟାଙ୍ଗ ବିଧି କୁହାଯାଏ । - ସ୍ନାନ ଉତ୍ସବ, ଅନବସର, ନବଯୌବନ ଦର୍ଶନ ଓ ନେତ୍ର ଉତ୍ସବ, ଶ୍ରୀ ଗୁଣ୍ଡିଚା, ହେରା ପଞ୍ଚମୀ, ଆଡ଼ପ ପର୍ବ, ବାହୁଡ଼ା ଯାତ୍ରା ଓ ନୀଳାଦ୍ରି ବିଜେ । ପୁନଶ୍ଚ ଘୋଷ ଯାତ୍ରାକୁ ପାଞ୍ଚ ଭାଗରେ ବିଭକ୍ତ କରାଯାଇଛି, ଯଥା - ଅନ୍ତର୍ବେଦୀ, ମହାବେଦୀ ମହୋତ୍ସବ, ଆଡ଼ପ ଉତ୍ସବ, ଦକ୍ଷିଣାମୁଖୀ ଉତ୍ସବ ଓ ନିଳାଦ୍ରୀ ବିଜେ । ଏହାକୁ ଗୁଣ୍ଡିଚା ପଞ୍ଚକ ମଧ୍ୟ କୁହାଯାଏ ।

ଘୋଷ ଯାତ୍ରା କେଉଁ ଅନାଦି କାଳରୁ ଚାଲି ଆସୁଛି । ଋଗ୍ ବେଦ ଓ ଅଥର୍ବ ବେଦ ଇତ୍ୟାଦିରେ ରଥ ଶବ୍ଦର ବ୍ୟବହାର ଦେଖିବାକୁ ମିଳେ । ବେଦ ଓ ପୁରାଣରେ ଅନେକ ପ୍ରକାରର ରଥ ଯାତ୍ରା ସମ୍ପର୍କରେ ବର୍ଣ୍ଣନା କରାଯାଇଛି । କିନ୍ତୁ ଏ ସମସ୍ତଙ୍କ ମଧ୍ୟରୁ ପୁରୁଷୋତ୍ତମ କ୍ଷେତ୍ରର ରଥ ଯାତ୍ରା ବିଶ୍ୱ ବିଦିତ ଓ ଜନାଦୃତ । କିଛି ଗବେଷକ ମତ ଦିଅନ୍ତି ଏହି ଯାତ୍ରା ବୌଦ୍ଧ ପରମ୍ପରାରୁ ସୃଷ୍ଟି ହୋଇଛି । ଏହି ଯାତ୍ରାର ଯେଉଁ ନାମକରଣ ହୋଇଛି ତାହାର ଯଥାର୍ଥତା ଅଛି । ଯେମିତିକି ଏହାର ନାମ ଘୋଷ ଯାତ୍ରା । କାରଣ ମହାପ୍ରଭୁ ଶ୍ରୀ ଜଗନ୍ନାଥ ବିଶ୍ୱ ବ୍ରହ୍ମାଣ୍ଡର ମଙ୍ଗଳ ଉଦ୍ଦେଶ୍ୟରେ ଏହି ଯାତ୍ରା କରିଥାଆନ୍ତି । ଅନ୍ୟ ଏକ କାରଣ ହେଉଛି ଯେହେତୁ ମହାପ୍ରଭୁ ନନ୍ଦିଘୋଷରେ ଯାତ୍ରା କରନ୍ତି, ତେଣୁ ଏହାକୁ ଘୋଷ ଯାତ୍ରା କୁହାଯାଏ । ଏହାର ଅନ୍ୟନାମ ରଥଯାତ୍ରା । ମହାପ୍ରଭୁ ରଥାରୂଢ଼ ହୋଇ ବଡ଼ ଦାଣ୍ଡରେ ଯାତ୍ରା କରିବା ସହ ଭକ୍ତଙ୍କୁ ଦର୍ଶନ ଦେଇ ଆପ୍ୟାୟିତ କରିଥାଆନ୍ତି । ଯେହେତୁ ମହାପ୍ରଭୁ ଗୁଣ୍ଡିଚା ମନ୍ଦିରରେ ଥିବା ଆଡ଼ପ ମଣ୍ଡପରେ ବିଜେ କରନ୍ତି ତେଣୁ ଏହାକୁ ଆଡ଼ପ ଯାତ୍ରା କୁହାଯାଏ । ମହାପ୍ରଭୁଙ୍କର ଜନ୍ମବେଦୀ ଆଡ଼ପ ମଣ୍ଡପ ଠାରେ ହୋଇଥିବାରୁ ଏହାକୁ ଜନ୍ମବେଦୀ ବା ଅନ୍ତର୍ବେଦୀ ଯାତ୍ରା କୁହାଯାଏ । ମହାପ୍ରଭୁ ଗୁଣ୍ଡିଚା ଘରେ ଦଶାବତାର ହୋଇଥାନ୍ତି । ସେଇଥି ପାଇଁ ଏହାକୁ ଦଶାବତାର ଯାତ୍ରା କୁହାଯାଏ । ବାସ୍ତବରେ ଶ୍ରୀକ୍ଷେତ୍ର ନିବାସୀ ପ୍ରଭୁ ଶ୍ରୀ ଜଗନ୍ନାଥ ପତିତମାନଙ୍କୁ ଉଦ୍ଧରିବା ପାଇଁ ବର୍ଷକୁ ଥରେ ମହା ଆଡ଼ମ୍ବରରେ ବଡ଼ ଦାଣ୍ଡରେ ଯାତ୍ରା କରନ୍ତି । ଏଥି ପାଇଁ ଏହି ଯାତ୍ରାକୁ ପତିତପାବନ ଯାତ୍ରା ବୋଲି ନାମକରଣ କରା ଯାଇଛି । ଏହି ଯାତ୍ରା ପ୍ରାୟତଃ ୯ଦିନ ଧରି ହୋଇଥାଏ । ତେଣୁ ଏହାକୁ ନବଦିନାତ୍ମକ ଯାତ୍ରା କୁହାଯାଏ । ମୁଖ୍ୟତଃ ଏହି ଯାତ୍ରା ଗୁଣ୍ଡିଚାଙ୍କ ଘରକୁ ଅଥବା ଗୁଣ୍ଡିଚାଙ୍କୁ ଦେଇଥିବା କଥା ରକ୍ଷା କରିବା ପାଇଁ ମହାପ୍ରଭୁ ଏହି ଯାତ୍ରା କରିଥାନ୍ତି । ସେଇଥି ପାଇଁ ଏହାର ନାମ ଗୁଣ୍ଡିଚା ଯାତ୍ରା ହୋଇଛି । ଅନେକ ପୁରାଣରେ ଘୋଷ ଯାତ୍ରା ସମ୍ପର୍କରେ ବର୍ଣ୍ଣନା କରାଯାଇଛି । ସେମାନଙ୍କ ମଧ୍ୟରେ ବ୍ରହ୍ମ ପୁରାଣ, ନାରଦ ପୁରାଣ, ନିଳାଦ୍ରୀ ମହୋଦୟ, କପିଳ ସଂହିତା, ଜଗନ୍ନାଥ ପୁରାଣ, ଯାତ୍ରା ଭାଗବତ, ପଦ୍ମ ପୁରାଣ, ଚୈତନ୍ୟ ଚରିତାମୃତ, ବାମଦେବ ସଂହିତା ଇତ୍ୟାଦି । ପ୍ରଭୁଙ୍କ ଦ୍ୱାଦଶ ଯାତ୍ରା ସମ୍ପର୍କରେ ଜନାଦୃତ ଶ୍ଳୋକଟି ହେଉଛି,

"ମଞ୍ଚ ସ୍ନାନଂ ରଥବରଗତିଃ ଶାୟନଂ ଚାୟନେ ଦ୍ୱେ - ପାର୍ଶ୍ୱ ବୃତ୍ତିଃ ଶୟନ ନିବୃତ୍ତି ପାବୃତ୍ତେ ପୁଷ୍ୟପୂଜା ଦୋଳଯାତ୍ରା ଦମନକମହୋତ୍ସବ ପୂଜା ତୃତୀୟା - ଚୈତ୍ରଂ ଯାତ୍ରା ବିଧିନିଗଦିତା ଦ୍ୱାଦଶୈତା ନରେନ୍ଦ୍ର ॥"

ସ୍କନ୍ଧ ପୁରାଣର ପୁରୁଷୋତ୍ତମ ମାହାତ୍ମ୍ୟରେ ଏହି ଯାତ୍ରାକୁ ସର୍ବଶ୍ରେଷ୍ଠ ଯାତ୍ରା ଭାବେ ଅଭିହିତ କରାଯାଇଛି । କୁହାଯାଏ ଯେ ଯେଉଁ ଭକ୍ତ ଏହି ମହାବେଦୀ ମହୋତ୍ସବକୁ ନିର୍ମଳ ହୃଦୟରେ ଦର୍ଶନକରେ ତାର ଶତ କୋଟି ଜନ୍ମର ପାପ କ୍ଷଣକରେ କ୍ଷୟ ହୋଇଥାଏ । ଏହି ଯାତ୍ରାକୁ ଦର୍ଶନ କଲେ ଏକ ସହସ୍ର ଅଶ୍ୱମେଧ ଯଜ୍ଞର ଫଳ ମିଳିଥାଏ ବୋଲି ବିଶ୍ୱାସ ଅଛି । ପୁରାଣମାନଙ୍କରେ କୁହାଯାଇଛି ଶ୍ରୀମନ୍ଦିରରେ ଦର୍ଶନ କଲେ ଯେଉଁ ଫଳ ମିଳେ ଗୁଣ୍ଡିଚା ମନ୍ଦିରରେ ଏକ ଦିବସ ଦର୍ଶନ କଲେ ସେଇ ଫଳ ମିଳେ ।

ପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ ବିଭିନ୍ନ ନାମରେ ଡାକନ୍ତି । ସାଧାରଣତଃ ଭକ୍ତମାନେ ପ୍ରଭୁଙ୍କୁ ପତିତପାବନ ବୋଲି ସମ୍ବୋଧନ କରି ଥାଆନ୍ତି । ବାସ୍ତବରେ ସିଏ ପତିତମାନଙ୍କୁ ଉଦ୍ଧାର କରିବା ପାଇଁ ଉଦ୍ଦିଷ୍ଟ । କଳିଯୁଗରେ ପ୍ରଭୁ ଜଗନ୍ନାଥଙ୍କର ଲୀଳା କ୍ଷେତ୍ର ହେଉଛି ପୁରୁଷୋତ୍ତମ ଶ୍ରୀକ୍ଷେତ୍ର । ପତିତ ଅର୍ଥ ଦୁଃଖ କଷ୍ଟରେ ଜର୍ଜରିତ, ପ୍ରପୀଡ଼ିତ ଏବଂ ସମାଜରେ ଅବହେଳିତ ଅବସ୍ଥାରେ ଯେଉଁମାନେ ଅଛନ୍ତି ସେମାନଙ୍କୁ ପାବନ ଅର୍ଥାତ୍ ଉଦ୍ଧାର କରିବା ନିମନ୍ତେ ପ୍ରଭୁ ତାଙ୍କ ଲୀଳା ମାଧ୍ୟମରେ ରଥାରୂଢ଼ ହୋଇ ବଡ଼ ଦାଣ୍ଡରେ ଯାତ୍ରା କରିଥାନ୍ତି । ଏହି ଯାତ୍ରା ସମୟରେ କୌଣସି ବାଛ ବିଚାର ନ ଥାଏ । ଧନୀ ଗରିବ, ଜାତି ଅଜାତି, ଧର୍ମି ବିଧର୍ମୀ ସମସ୍ତେ ଏକାକାର ହୋଇ ଯାଆନ୍ତି । ଏହି ରଥାରୂଢ଼ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କଲେ ମାନବର ପୁନର୍ଜନ୍ମ ହୁଏ ନାହିଁ ଏବଂ ସେ ମୋକ୍ଷ ପ୍ରାପ୍ତ ହୁଏ । ଶାସ୍ତ୍ର ମତରେ -

"ଦୋଳେଚ ଦୋଳଗୋବିନ୍ଦଂ, ଚାପେଚ ମଧୁସୂଦନଂ, ରଥେତୁ ବାମନଂ ଦୃଷ୍ଟ୍ୱା ପୁନର୍ଜନ୍ମ ନ ବିଦ୍ୟତେ ।"

ଦୋଳି ଖେଳୁଥିବା ବେଳେ, ଚାପରେ ବୁଲୁଥିବା ବେଳେ ଓ ରଥାରୂଢ଼ ହୋଇଥିବାବେଳେ ମହାପ୍ରଭୁଙ୍କୁ ଦର୍ଶନ କଲେ ଆଉ ଥରେ ଜନ୍ମ ନେବାକୁ ପଡ଼େ ନାହିଁ ବରଂ ବୈକୁଣ୍ଠ ପ୍ରାପ୍ତି ହୁଏ । ଦୋଳ ପୂର୍ଣ୍ଣିମାରେ ଶ୍ରୀଜଗନ୍ନାଥଙ୍କୁ ଗୋବିନ୍ଦ, ଚାପ ଖେଳ ବେଳେ ମଧୁସୂଦନ ଓ ରଥ ଉପରେ ଥିବା ବେଳେ ବାମନ ନାମରେ ନାମିତ କରାଯାଇ ଥାଏ । ମହାପ୍ରଭୁ ସମସ୍ତଙ୍କର । ସିଏ ସମସ୍ତଙ୍କର ନାଥ । ସିଏ ଭକ୍ତର ଭଗବାନ । ଯିଏ ତାଙ୍କୁ ଭକ୍ତିରେ ଡାକେ, ସିଏ ତା ଡାକ ଶୁଣନ୍ତି । ଭକ୍ତ ସଂସାରର ଯୋଉ କୋଣରେ ବି ଥାଉ ମହାପ୍ରଭୁ ସ୍ୱୟଂ ତା' ପାଖରେ ବିଜେ ହୋଇ ଯାଆନ୍ତି । ପୁଣି କେତେବେଳେ ତାଙ୍କ ଲୀଳା ରଚିବା ପାଇଁ ଭକ୍ତକୁ ବଡ଼ ଦାଣ୍ଡକୁ ଡାକି ଆଣନ୍ତି । ଭାରି ହଟିଆ ଠାକୁର ସିଏ । କେତେବେଳେ କୋଉ ଲୀଳା କରନ୍ତି, ସିଏ ହିଁ ଜାଣନ୍ତି । ଏ ପତିତ ମାନବ ତାଙ୍କୁ ଟିକେ ଦର୍ଶନ କରିବା ପାଇଁ କାହିଁ କେତେ ଦୂରୁ ଧାଇଁ ଆସି ଥାଏ । କୋଟି କୋଟି ଭକ୍ତଙ୍କର ଗୋଟିଏ ସ୍ଥାନରେ ସମାବେଶ ବାସ୍ତବରେ ବଡ଼ ଆଶ୍ଚର୍ଯ୍ୟକର ଘଟଣା । ପୁଣି ଭକ୍ତ କହେ ପ୍ରଭୁ ମୋର । କିନ୍ତୁ ପ୍ରଭୁ କୁହନ୍ତି "ମୁଁ କଣ ଖାଲି ତୋର । ଆରେ ମୁଁ ଏ ସାରା ସଂସାରର । ଏ ପତିତମାନଙ୍କ ପାଇଁ ତ ମୋର ଏ ଯାତ୍ରା । କେତେ ବିକଳରେ ଭକ୍ତ ମୋର ବର୍ଷେ କାଳ ଅପେକ୍ଷା କରି ଥାଏ ମତେ ଦର୍ଶନ କରିବା ପାଇଁ । ମୁଁ କେମିତି ବା ସ୍ଥିର ହୋଇ ରହି ପାରିବି । ଭକ୍ତ ମୋର ଆଉ ମୁଁ ଭକ୍ତର । ଭକ୍ତ ପାଇଁ ତ ମୋର ଏତେ ଲୀଳାଖେଳା ।" ଅନେକ ସମୟରେ ମହାପ୍ରଭୁଙ୍କ ରଥ ବଡ଼ ଦାଣ୍ଡରେ ଗଡୁ ଗଡୁ ଅଟକି ଯାଏ । କେହି କିଛି କହିବା ପୂର୍ବରୁ ଲୋକଙ୍କ ମୁଖରୁ ସ୍ୱତଃ ନିସୃତ ହୁଏ ଯେ ମହାପ୍ରଭୁ ତାଙ୍କର କେଉଁ ଭକ୍ତକୁ ଅପେକ୍ଷା କରିଛନ୍ତି । ଯେମିତି ପ୍ରଭୁ ସ୍ଥିର କରିଛନ୍ତି ଭକ୍ତ ନଆସିବା ଯାଏଁ ତାଙ୍କ ରଥ ଗଡ଼ିବନି । କିଛି ସମୟ ପରେ ଦେଖାଯାଏ ରଥ ମନକୁମନ ଗଡ଼ି ଚାଲେ । ଲୋକେ ଭାବନ୍ତି ସେମାନେ ରଥକୁ ଟାଣୁଛନ୍ତି । ଏହା ସମ୍ପୂର୍ଣ୍ଣ ଭୁଲ୍ କଥା । ପରଂବ୍ରହ୍ମଙ୍କୁ କଣ କିଏ ଟାଣିକି କି ଚଲେଇକି ନେଇ ପାରିବ । ସିଏ ବିଶ୍ୱ ନିୟନ୍ତା । ତାଙ୍କ ନିର୍ଦ୍ଦେଶରେ ଏ ସଂସାର ଚାଲିଛି । ସେ ପୁଣି କାହା କଥାରେ କି ଇଚ୍ଛାରେ ଚାଲିବ, କେବେବି ସମ୍ଭବ ନୁହେଁ । ବାସ୍ତବରେ ସୂକ୍ଷ୍ମ ଦର୍ଶନରେ ମାନବ ଶରୀରରେ ଓ ମନ ମଧ୍ୟରେ ଥିବା ପତିତ ଭାବ ଦୂର ହୋଇ ସାତ୍ତ୍ୱିକ ଭାବ ସୃଷ୍ଟି ହୋଇଥାଏ । ମଣିଷ ପରଂବ୍ରହ୍ମଙ୍କ ସହ ଜଡ଼ିତ ହୋଇ ଯାଏ । ଧୀରେ ଧୀରେ ତା'ରକୁ ବୁଦ୍ଧି ସବୁ ଉଭେଇ ଯାଏ । ସାଂସାରିକ ମୋହ ମାୟାରୁ ଦୁରେଇ ସାଧୁ ସଙ୍ଗରେ ରହିବାକୁ ଭଲ ପାଏ । ଭଜନ କୀର୍ତ୍ତନରେ ଲିପ୍ତ ରହେ । ଏହି ଯାତ୍ରା ମାନବ ମଧ୍ୟରେ ଘୋର ପରିବର୍ତ୍ତନ ଆଣି ଥାଏ । କଠୋପନିଷଦରେ ବର୍ଣ୍ଣିତ ଅଛି, ଶରୀର ଏକ ରଥ ଏବଂ ଆତ୍ମା ହେଉଛି ତାର ଅନ୍ତର୍ନିହିତ ଶକ୍ତି । ଏଠି ବୁଦ୍ଧି ହେଉଛି ସାରଥୀ ଓ ମନ ହେଉଛି ଘୋଡ଼ା ।

"ଆତ୍ମନଂ ରଥିନଂ ବିଦ୍ଧି ଶରୀରଂ ରଥମେବତୁ ; ବୁଦ୍ଧିଂ ତୁ ସାରଥିଂ ବିଦ୍ଧି ମନଃ ପ୍ରଗ୍ରହ ମେବଚ ॥"

ବୁଦ୍ଧି ରୂପକ ଶକ୍ତିରେ ପଞ୍ଚମନ ପଚିଶ ପ୍ରକୃତିକୁ ସୁନିୟନ୍ତିତ କଲେ ମାନବର ପତିତ ଭାବ ଦୁର ହେବା ସମ୍ଭବ ହେବ ଏବଂ ଆତ୍ମାର ପାବନ ଶକ୍ତି ବଳଶାଳୀ ହେବ । ଫଳରେ ମାନବର ପତିତ ସ୍ଥିତି ଅଚିରେ ଦୁର ହୋଇଯିବ । ଏହି ପରିପ୍ରେକ୍ଷୀରେ କବି ଅତ୍ୟନ୍ତ ସୁନ୍ଦର ଭାବେ ଲେଖିଛନ୍ତି,

"ଜଗତେ କେ ଅଛି ଏମନ୍ତ, ଦୁଇ ବାହୁ ପ୍ରସାରି ; ହିଆକୁ ହିଆ ଲଗାଇ, ପ୍ରବୋଧନା ପଚାରି ; ଜଗତଜନଙ୍କୁ ଉଦ୍ଧାରି, ପାପତାପ ନାଶିବେ
ପତିତପାବନ ନାମକୁ, ସ୍ୱଭାବରେ କହିବେ ॥"

ଜଗତ ଉଦ୍ଧାର ପାଇଁ ମହାପ୍ରଭୁ ଦାରୁବ୍ରହ୍ମ ରୂପେ ଧରାପୃଷ୍ଠରେ ଅବତୀର୍ଣ୍ଣ ହୋଇଛନ୍ତି । ସେ ସର୍ବଦା ଦୁଇ ବାହୁ ପ୍ରସାରି ଭକ୍ତକୁ ଆଲିଙ୍ଗନ କରିବା ପାଇଁ ଚାହିଁ ରହିଛନ୍ତି । ସଭିଙ୍କ ପାପ ନାଶ କରି, ଆଶୀର୍ବାଦ କରି ଥାଆନ୍ତି । ମହାପ୍ରଭୁଙ୍କ ଚରଣ ତଳେ ଯିଏ ଶରଣ ଯାଇଛି, ସିଏ ଏ ପାପ ତାପ ସଂସାରରୁ ମୁକ୍ତି ପାଇ ଯାଇଛି । ଏତିକି ବିଶ୍ୱାସ ସେ ନିଶ୍ଚିନ୍ତ ବୈକୁଣ୍ଠ ପ୍ରାପ୍ତ ହୋଇଛି । ମହାପ୍ରଭୁ କେବେ କାହାକୁ ଅଣ ଦେଖା କରନ୍ତି ନାହିଁ । ସଂସାର ଯାହାକୁ ପତିତ କହି ଅବହେଳା କରିଛି, ଅତ୍ୟାଚାର ଆଉ ଶୋଷଣ କରିଛି ପ୍ରଭୁ ତାକୁ ତାଙ୍କ ଦୁଇ ବାହୁରେ ଟେକି ନେଇଛନ୍ତି । ସେ କେବେବି ଅନୁଭବ କରେଇ ଦିଅନ୍ତି ନାହିଁ ଯେ ପତିତ ମାନବ ଏତେ ବଡ଼ ସଂସାରରେ ଏକୁଟିଆ ବୋଲି । ପତିତପାବନ ବାନା ଉଡ଼େଇ ଉଦ୍ ଘୋଷଣା କରୁଛନ୍ତି ମୁଁ ପତିତ କୁ ଉଦ୍ଧାର କରିବା ପାଇଁ ଏ ଯୁଗକୁ ସୃଷ୍ଟି କରିଛି । ସେଇ ପତିତ ମୋର ଅତି ପ୍ରିୟ । ତାରି ପାଇଁ ତ ଏ ଘୋଷ ଯାତ୍ରା ।

ଅଧ୍ୟାପିକା, ଅର୍ଥନୀତି ବିଭାଗ
ଇମର୍ତ୍ତୀ ଦେବୀ ମହିଳା ମହାବିଦ୍ୟାଳୟ, କଟକ
ଫୋନ୍ - ୯୯୩୭୪୩୪୯୨୨




# ବ୍ଲକ୍ ଅଧ୍ୟକ୍ଷଙ୍କୁ ଆକ୍ରମଣ ଘଟଣା: ଜଣେ ଗିରଫ



**ଶେରଗଡ (ଏନ୍.ଏମ୍.):** ପୋଲିସ ବ୍ଲକ୍ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ନାୟକଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ଜଣକୁ ଗିରଫ କରି କୋର୍ଟ ଚାଲାଣ ହୋଇଛି । ସେ ହେଲେ କୁମାର ପାଣି ପଞ୍ଚାୟତ ସରପଞ୍ଚ ଭାଜପା ର ଉଦୟନାଥ ପ୍ରଧାନ । ତାକୁ ଗିରଫ ପରେ ଗିରଫ ସଂଖ୍ୟା ୧୧ରେ ପହଞ୍ଚିଛି । ଘଟଣା ରୁ ପ୍ରକାଶ ଯେ ଗତ ମାର୍ଚ୍ଚ ମାସ ୧୦ ତାରିଖ ସନ୍ଧ୍ୟାରେ ବ୍ଲକ ଅଧ୍ୟକ୍ଷ ଶ୍ରୀ ନାୟକ ନିଜ କାର୍ଯ୍ୟାଳୟରେ ଥିବା ବେଳେ ଅତର୍କିତ ଭାବେ ୧୫ ଜଣ ଆକ୍ରମଣ କରିଥିଲେ ।ସେ ଅଚେତ ହୋଇପଡ଼ିଥିଲେ ବ୍ରହ୍ମପୁର ଏବଂ ଭୁବନେଶ୍ୱର ଠାରେ ଚିକିତ୍ସିତ ହୋଇ ଫେରିଛନ୍ତି । ଉକ୍ତ ଘଟଣା ପରେ ଉଦୟ ପ୍ରଧାନ ଫେରାର ଥିଲେ । ବୁଧବାର ସନ୍ଧ୍ୟାରେ ଉଦୟ ପ୍ରଧାନ ନିଜେ ଶେରଗଡ଼ କୋର୍ଟ ସରେଣ୍ଡର କରିଥିଲେ ।ଉକ୍ତ ଘଟଣାରେ ଶେରଗଡ଼ ପୋଲିସ ୧୦ଜଣଙ୍କୁ ଗିରଫ କରି ସାରିଥିବାବେଳେ ଜଣେ ସରେଣ୍ଡର ହେବା ପରେ ଗିରଫ ସଂଖ୍ୟା ୧୧ ରେ ପହଞ୍ଚିଛି । ଏନେଇ ୮୧/୨୬ ପ୍ରକାରେ ଏକ ମାମଲା ରୁଜୁ ହୋଇଥିଲା । ଉକ୍ତ ମାମଲାରେ ଆଉରି ୪ଜଣଙ୍କ ନାମ ରହିଥିବା ସେମାନଙ୍କୁ ଖୋଜା ଚାଲିଛି ବୋଲି ଥାନାଧିକାରୀ ବିରେନ୍ଦ୍ର ସିଆଳ କହିଛନ୍ତି ।

# ମାଥିଲିରେ ବାହୁଡ଼ା ଯାତ୍ରା ଅବସରରେ ବାଲ୍ୟ ବିବାହ ବିରୋଧୀ ସଚେତନତା ରଥ ପରିକ୍ରମା

**ମାଲକାନଗିରି (ଏନ୍.ଏମ୍.):** ସମାଜରେ ଏବେ ବି ବାଲ୍ୟ ବିବାହ ଭଳି କୁପ୍ରଥା ଜାରି ରହିଛି । ଏହା ଏକ ସାମାଜିକ ବ୍ୟାଧି ହୋଇଥିଲେ ମଧ୍ୟ ଆଜିର ଶିକ୍ଷିତ ସମାଜ ଏଥିରୁ ମୁକୁଳି ପାରୁନାହାନ୍ତି । ତେଣୁ ଏଥିପାଇଁ ଆହୁରି ସଚେତନତାର ଆବଶ୍ୟକତା ରହିଥିବା ମତ ପ୍ରକାଶ ପାଉଛି । ଏହି ପାରିପ୍ରେକ୍ଷୀରେ ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକରେ ଆଜି ପବିତ୍ର ବାହୁଡ଼ା ଯାତ୍ରା ଅବସରରେ ବାଲ୍ୟ ବିବାହର ସମ୍ପୂର୍ଣ୍ଣ ନିରାକରଣ ଏବଂ ଶିଶୁ ସୁରକ୍ଷା ଅଧିକାରକୁ ନେଇ ଏକ ବ୍ୟାପକ ସଚେତନତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ସୋମନାଥ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲ୍ଲା ସମାଜ କଲ୍ୟାଣ ବିଭାଗ, ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ଏବଂ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ , ମାଥିଲିର ମିଳିତ ଆନୁକୂଲ୍ୟରେ ବାଲ୍ୟ ବିବାହ ମୁକ୍ତ ଓ ସୁରକ୍ଷିତ ଶିଶୁ ଶୀର୍ଷକ ଏକ ସ୍ୱତନ୍ତ୍ର



ପ୍ରଚାର ରଥର ଶୁଭାରମ୍ଭ କରାଯାଇଥିଲା । ବାହୁଡ଼ା ଯାତ୍ରା ସମୟରେ ଗ୍ରାମାଞ୍ଚଳରୁ ବହୁ ସଂଖ୍ୟାରେ ଭକ୍ତ ଓ ସାଧାରଣ ଜନତାଙ୍କ ସମାଗମକୁ ଦୃଷ୍ଟିରେ ରଖି ଏହି ଅଭିଯାନର ପରିକଳ୍ପନା କରାଯାଇଥିଲା । ଗ୍ରାମୀଣ ଅଞ୍ଚଳରେ ବ୍ୟାପକ ଭାବେ କାୟା ମେଲାଇଥିବା ବାଲ୍ୟ ବିବାହ ଭଳି କୁପ୍ରଥାକୁ ରୋକିବା ଏବଂ ଶିଶୁମାନଙ୍କ ସୁରକ୍ଷିତ ଭବିଷ୍ୟତ ସମ୍ବନ୍ଧରେ ସାଧାରଣରେ ଜାଗରଣ ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଏହି କାର୍ଯ୍ୟକ୍ରମ ଅଧୀନରେ ପ୍ରଚାର ରଥ ମାଧ୍ୟମରେ ବାଲ୍ୟ ବିବାହର ସାମାଜିକ ତଥା ସ୍ୱାସ୍ଥ୍ୟଗତ କୁପ୍ରଭାବ ଏବଂ ଏହାର ଆଇନଗତ ପରିଣାମ ବିଷୟରେ ମାଇକ୍ ଯୋଗେ ସର୍ବସାଧାରଣଙ୍କୁ ଅବଗତ କରାଯାଇଥିଲା । ଏଥିସହ ଯାତ୍ରା ସ୍ଥଳରେ ଲୋକଙ୍କୁ ଶିଶୁ ସୁରକ୍ଷା ସମ୍ବନ୍ଧୀୟ ପୋଷ୍ଟର, ଲିଫଲେଟ୍ ବଣ୍ଟନ କରାଯିବା ସହ ଜରୁରୀକାଳୀନ ସହାୟତା ନମ୍ବର ୧୦୯୮ (ଚାଇଲ୍ଡଲାଇନ୍), ୧୧୨ ଏବଂ ୧୧୮ ବିଷୟରେ ବ୍ୟାପକ ସୂଚନା ପ୍ରଦାନ କରାଯାଇଥିଲା । ଏହି ଅବସରରେ ଉପସ୍ଥିତ ସମସ୍ତ ଶ୍ରଦ୍ଧାଳୁ ଓ ସାଧାରଣ ନାଗରିକ ବାଲ୍ୟ ବିବାହ କରିବୁ ନାହିଁ, କିମ୍ବା ହେବାକୁ ଦେବୁ ନାହିଁ ବୋଲି ସମୂହ ଶପଥ ଗ୍ରହଣ କରିଥିଲେ । ଯାତ୍ରା ପରିସରରେ ଶିଶୁ ସୁରକ୍ଷା ସମ୍ବନ୍ଧୀୟ ଯେକୌଣସି ଅଭିଯୋଗ ତଥା ତୁରନ୍ତ ଆଇନଗତ ସହାୟତା ଯୋଗାଇଦେବା ପାଇଁ ଏକ ସ୍ୱତନ୍ତ୍ର ହେଲ୍ପ ଡେସ୍କ ମଧ୍ୟ ସ୍ଥାପନ କରାଯାଇଥିଲା । ଧର୍ମ ଓ ସଂସ୍କୃତି ସହିତ ଆମ ପିଲାମାନଙ୍କର ଭବିଷ୍ୟତ ସୁରକ୍ଷିତ ରହିବା ଜରୁରୀ, ଏହି ପ୍ରଚାର ରଥ ମାଧ୍ୟମରେ ଘର ଘରେ ଏହି ବାର୍ତ୍ତା ପହଞ୍ଚିବ ବୋଲି ବିଭାଗୀୟ କର୍ତ୍ତୃପକ୍ଷ ପ୍ରକାଶ କରିଛନ୍ତି । ଏହି ସମଗ୍ର ସଚେତନତା କାର୍ଯ୍ୟକ୍ରମକୁ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ତଥା ଜିଲ୍ଲା ପ୍ରୋଟେକଶନ ଅଫିସର ଟି. ଜୟ ଲକ୍ଷ୍ମୀ ସଫଳତାର ସହ ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସଂଯୋଜିକା ମୀନାକ୍ଷୀ ପ୍ରଧାନ, ଜେଣ୍ଡର ସ୍ପେଶ୍ୟାଲିଷ୍ଟ ମିଶେଲ ରାଜୁ, ବୁଲୁ ଖୋସ୍ଲା, ଚାଇଲ୍ଡ ଲାଇନର ପ୍ରତିନିଧି ଅଭି ପେଦା ଏବଂ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗର ବରିଷ୍ଠ ଅଧିକାରୀ ସୌମ୍ୟ ରଞ୍ଜନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ଏହି ସାମାଜିକ ଅଭିଯାନକୁ ସମ୍ପୂର୍ଣ୍ଣ ରୂପେ ସହଯୋଗ କରିଥିଲେ । ଏହି ସଚେତନତା ଅଭିଯାନ ମାଧ୍ୟମରେ ଶିଶୁ ବିବାହ ନୁହେଁ, ଶିଶୁର ପଢ଼ା ହେଉ ଏବଂ ସୁରକ୍ଷିତ ଶିଶୁ, ସୁନ୍ଦର ଭବିଷ୍ୟତ ବାର୍ତ୍ତାକୁ ସମାଜର ପ୍ରତ୍ୟେକ ସ୍ତରରେ ପହଞ୍ଚାଇବାକୁ ପ୍ରଶାସନ ପକ୍ଷରୁ ସଂକଳ୍ପ ନିଆଯାଇଛି । ଅନୁରୂପ ଭାବେ ସ୍ୱାସ୍ଥ୍ୟ ଏବଂ ଶିକ୍ଷା ବିଭାଗ ପକ୍ଷରୁ ମଧ୍ୟ ସଚେତନତା ରଥ ମାଧ୍ୟମରେ ବାର୍ତ୍ତା ଦିଆଯାଇଛି ।

# ଅବସରପ୍ରାପ୍ତ ଆଦର୍ଶ ଶିକ୍ଷକଙ୍କ ପରଲୋକ



**ତାଳଚେର(ଏନ୍.ଏମ୍.):** ବିଶିଷ୍ଟ ଶିକ୍ଷାବିତ ତଥା ଅନୁଗୋଳ ଜିଲ୍ଲାର ଜଣାଶୁଣା ଦକ୍ଷ ଶିକ୍ଷକଭାବେ ପରିଚିତ ବୃନ୍ଦାବନ ସାହୁଙ୍କ ପରଲୋକ ହୋଇଯିବା ଘଟଣା ତାଳଚେର ଅଞ୍ଚଳରେ ଶୋକଚ୍ଛାୟା ଖେଳାଇ ଦେଇଛି । ସେ ଚାକିରୀରୁ ଅବସର ନେବାପରେ ବିଭିନ୍ନ ଶିକ୍ଷାନୁଷ୍ଠାନ, ପ୍ରତିଷ୍ଠାନରେ ସ୍ୱଇଚ୍ଛା ଭାବେ କାର୍ଯ୍ୟକରି ବେଶ ଅଞ୍ଚଳବାସୀଙ୍କ ମନକୁ ଜିଣିପାରିଥିଲେ । ସ୍ୱର୍ଗତ ବୃନ୍ଦାବନ ସାହୁଙ୍କ ଶିକ୍ଷକତା ଜୀବନ, ପାଠପଢ଼ାଶୈଳୀ ଓ ଶୃଙ୍ଖଳା ସହିତ ଅନୁଶାସନ ଏବଂ ଗୁଣାବଳୀ ଅତି ଉଚ୍ଚକୋଟୀର ଥିଲା । ଏହି ଦୁଃଖଦ ଖବର ପ୍ରଚାରିତ ହେବାପରେ ତାଳଚେର ପୌରାଞ୍ଚଳ ସ୍ଥିତ ଶର୍ମାଛକ ବାସଭବନରେ ବହୁ ବିଶିଷ୍ଟ ବ୍ୟକ୍ତି ପହଞ୍ଚିତାଙ୍କ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜ୍ଞାପନ କରିଥିଲେ । ଏହି ପରିପ୍ରେକ୍ଷୀରେ ଆମପ୍ରତିଭା ଆମ ପରିଚୟ ଅନୁଷ୍ଠାନ ଓ ଆଗେଇବା ପରିବାର ପକ୍ଷରୁ ତାଳଚେର ଦେଉଳବେଡ଼ା ସ୍ଥିତ ପୂର୍ବତନ ସାଂସଦ ମହେଶ ସାହୁଙ୍କ କାର୍ଯ୍ୟାଳୟ ଠାରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା । ବିଶିଷ୍ଟ ଆଇନଜୀବୀ ହରେକୃଷ୍ଣ ପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଶୋକସଭାରେ ଅନୁଷ୍ଠାନର ପ୍ରତିଷ୍ଠାତା ସ୍ୱର୍ଗତ ଶ୍ରୀ ସାହୁଙ୍କ ଶିଷ୍ୟ ତାଳଚେର ପୂର୍ବତନ ବିଧାୟକ ଓ ଢେଙ୍କାନାଳ ପୂର୍ବତନ ସାଂସଦ ଶ୍ରୀ ସାହୁ ନିରବ ପ୍ରାର୍ଥନା କରିବା ସହ ଶ୍ରୀ ସାହୁଙ୍କ ପରଲୋକ ଜିଲ୍ଲାଶିକ୍ଷା ମହଲରେ ଅପୂରଣୀୟ କ୍ଷତି ବୋଲି ମତପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମ ଅନୁଷ୍ଠାନ ସଭାପତି ଉପେନ୍ଦ୍ର ପରିଡ଼ା, ଶିକ୍ଷାବିତ୍ ସରୋଜ ପ୍ରଧାନ, ଶିଳ୍ପାଞ୍ଚଳ ମହିଳା ମହାବିଦ୍ୟାଳୟ ଅବସରପ୍ରାପ୍ତ ଅଧ୍ୟକ୍ଷା ସୌଭାଗିନୀ ଦେବୀ, ବିଜୟ ଦେବତା, ରଶ୍ମି ମିଶ୍ର, ଜିତେନ୍ଦ୍ର ମହାପାତ୍ର ଉପସ୍ଥିତ ଥିଲେ ଓ ତାଙ୍କ ବାସଭବନକୁ ଯାଇ ଶୋକ ସନ୍ତପ୍ତ ପରିବାକୁ ସମବେଦନା ଜଣାଇଥିଲେ ।

# ମା' ରମାଦେବୀଙ୍କ ଶ୍ରାଦ୍ଧୋତ୍ସବ

**କଟକ(ଏନ୍.ଏମ୍.) :** ଉତ୍କଳ ଗ୍ରାମ ସ୍ୱରାଜ୍ୟ ଓ ଚାରିଛକ ସ୍ଥିତ ନିଗମାନନ୍ଦ ମହିଳା ମହାବିଦ୍ୟାଳୟ ମିଳିତ ଆନୁକୁଲ୍ୟରେ ମହାବିଦ୍ୟାଳୟ ପରିସରରେ ଥିବା ମାଆ ରମାଦେବୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ମହାବିଦ୍ୟାଳୟର ସଭାଗୃହରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା । ଉତ୍କଳ ଗ୍ରାମ ସ୍ୱରାଜ୍ୟର ସଭାପତି କଳିଙ୍ଗରତ୍ନ ବ୍ରହ୍ମାନନ୍ଦ ମହାନ୍ତିଙ୍କ ପୌରହିତ୍ୟରେ ଏବଂ ଅଧ୍ୟକ୍ଷ ଡକ୍ଟର ବିଭୂତିଭୂଷଣ ରଥଙ୍କ



ସଭାପତିତ୍ୱରେ ଅନୁଷ୍ଠିତ ସାରସ୍ୱତ ସଭାରେ ଉଦ୍ଘାଟକ ଭାବେ ରେଭେନସା ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡକ୍ଟର ନଟବର ଶତପଥି, ମୁଖ୍ୟ ବକ୍ତା ପ୍ରଫେସର ଡକ୍ଟର ଅର୍ଜୁନୀ ଚରଣ ମଲ୍ଲିକ, ମୁଖ୍ୟଅତିଥି ଭାବେ ସର୍ବଶ୍ରୀ ଶିକ୍ଷାବିତ ଡକ୍ଟର ଆଦିତ୍ୟ ପ୍ରସାଦ ଧଳ,ସମ୍ମାନିତ ଅତିଥି ଭାବେ ଅଧ୍ୟାପିକା ବୈଜୟନ୍ତୀବାଳା ଶତପଥୀ,ଅଧ୍ୟାପିକା ଡକ୍ଟର ମୀରା ବେଉରା, ଅଧ୍ୟାତ୍ମ ଗବେଷକ ତଥା ବିଭୁବୈଭବର ସମ୍ପାଦକ ଲୋକଶିକ୍ଷକ ଡକ୍ଟର ଲକ୍ଷ୍ମୀପ୍ରସାଦ ଆଚାର୍ଯ୍ୟ,ହାସ୍ୟକବି ଡ.ଲକ୍ଷ୍ମୀଛଡା, ଉତ୍କଳ ଗ୍ରାମ ସ୍ୱରାଜ୍ୟର ସମ୍ପାଦକ ଶ୍ରୀଯୁକ୍ତ ସୁଧୀର କୁମାର ନାୟକ ପ୍ରମୁଖ ମାଆ ରମାଦେବୀଙ୍କର ତ୍ୟାଗ ଓ ସେବାର ଭୂୟସୀ ପ୍ରଶଂସା ପୂର୍ବକ ତାଙ୍କର ଜୀବନୀ ସମ୍ପର୍କିତ ବହୁ ତଥ୍ୟ ନିଜନିଜର ବକ୍ତବ୍ୟରେ ପ୍ରକାଶ କରିଥିଲେ । ସୁଧୀର କୁମାର ନାୟକ ସ୍ୱାଗତ ଭାଷଣ ଦେବା ସହିତ ସ୍ୱରଚିତ କବିତା ପାଠ କରିଥିଲେ ।ମହାବିଦ୍ୟାଳୟର ଇଂରାଜୀ ଅଧ୍ୟାପିକା ଡ.କାନନବାଳା ନନ୍ଦ ସମସ୍ତ ଅତିଥିମାନଙ୍କୁ ତଥା ଛାତ୍ରୀ ଓ ସମସ୍ତ କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଜଣାଇଥିଲେ । ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ କର୍ମକର୍ତ୍ତାମାନଙ୍କ ସହଯୋଗରେ ସଭାଟି ସାଫଲ୍ୟ ମଣ୍ଡିତ ହୋଇଥିଲା ।

## ମାତ୍ର ୧ ଟଙ୍କାରେ ମିଳିବ ଲକ୍ଷାଧିକ ଟଙ୍କାର ଫସଲ ବୀମା

# ଜିଲ୍ଲାପାଳଙ୍କ ଦ୍ୱାରା ବୀମା ରଥର ଶୁଭାରମ୍ଭ




**ଜଗତସିଂହପୁର(ଏନ୍.ଏମ୍.) :** ଏଲ୍-ନିନୋ ପ୍ରଭାବରେ ବୃଷ୍ଟିପାତରେ ଅନିଶ୍ଚିତତା ଦେଖାଯାଉଥିବାରୁ ଚାଷବାସ ପର୍ଯ୍ୟାପ୍ତ ପରିମାଣରେ ଆଗେଇ ପାରିନାହିଁ, ତେଣୁ ଏଭଳି ସ୍ଥିତିରେ ଚାଷୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଜଗତସିଂହପୁର ଜିଲ୍ଲାପାଳ ଶ୍ରୀଯୁକ୍ତ ଜେ. ସୋନାଲ୍ ଖରିଫ-୨୦୨୬ 'ବୀମା ରଥ'କୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି, ଯାହା ଜିଲ୍ଲାର ସମସ୍ତ ୮ଟି ଯାକ ବ୍ଲକ ପରିକ୍ରମା କରି ଧାନ ଫସଲର ବୀମା ସମ୍ପର୍କରେ ସଚେତନତା ସୃଷ୍ଟି କରିବ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଶ୍ରୀ ବିଭୁଦତ୍ତ ସାହୁ ଏବଂ ଜିଲ୍ଲା ମୁଖ୍ୟ ସମବାୟ ପ୍ରବନ୍ଧକ ଶ୍ରୀ ପ୍ରଭାତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିବାବେଳେ ବିସି ଶ୍ରୀ ପ୍ରସନ୍ନ ବାରିକ ପରିଚାଳନାରେ ସହଯୋଗ କରିଥିଲେ । ଏହି ଅବସରରେ ଜିଲ୍ଲା ପ୍ରବନ୍ଧକ ଶ୍ରୀ ପ୍ରମୋଦ କୁମାର ନାୟକ ସୂଚନା ଦେଇଛନ୍ତି ଯେ, ଭାରତ ସରକାର ଓ ରାଜ୍ୟ ସରକାରଙ୍କ 'ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା'ରେ ଚାଷୀମାନେ ପ୍ଲଟ୍ ପିଛା ମାତ୍ର ୧ ଟଙ୍କା ଦେଇ ନିକଟସ୍ଥ ଜନସେବା କେନ୍ଦ୍ର, ବ୍ୟାଙ୍କ, ପ୍ରାଥମିକ କୃଷି ସମିତି, ଡାକଘର କିମ୍ବା କୃଷି ବୀମା ପ୍ରତିନିଧିଙ୍କ ସହ ଯୋଗାଯୋଗ କରି ନିଜ ଜମିର ବୀମା କରିପାରିବେ ; ଯାହାଫଳରେ ହେକ୍ଟର ପିଛା ଜଳସେଚିତ ଜମି ପାଇଁ ୧,୦୬,୨୫୦ ଟଙ୍କା ଏବଂ ଅଣ-ଜଳସେଚିତ ଜମି ପାଇଁ ୯୨,୫୦୦ ଟଙ୍କା ପର୍ଯ୍ୟନ୍ତ ବୀମା ସୁବିଧା ମିଳିପାରିବ, ତେବେ ଏହି ବୀମା ପଞ୍ଜୀକରଣର ଶେଷ ତାରିଖ ଆସନ୍ତା ଜୁଲାଇ ୩୧ ଧାର୍ଯ୍ୟ କରାଯାଇଛି ।

# ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ୨୦୨୬ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ

**ଜଗତସିଂହପୁର (ଏନ୍.ଏମ୍.) :** ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦଭାବନା ସଭାଗୃହ ଠାରେ ଜିଲ୍ଲାସ୍ତରୀୟ ୮୦ ତମ ସ୍ୱାଧୀନତା ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ଶ୍ରୀ ଜେ. ସୋନାଲ ଆଗାମୀ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ କୁ ସରସ ସୁନ୍ଦର ଭାବେ ପାଳନ କରିବାକୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ଅଗଷ୍ଟ ୧୫ ପୂର୍ବରୁ ସହରରେ ଥିବା ରାସ୍ତା ମରାମତି କାର୍ଯ୍ୟ ଶେଷ କରିବା ପାଇଁ ସମସ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଏହି ବୈଠକର ନିଷ୍ପତ୍ତି ଅନୁଯାୟୀ ଅଗଷ୍ଟ ୧୫ ଦିନ ପ୍ରାତଃ ଘ. ୪.୩୦ ମି ରେ ରାମଧୂନ, ପ୍ରଭାତ ଫେରି ସକାଳ ୬ ଘଟିକା ,ବିଭିନ୍ନ ଅନୁଷ୍ଠାନ ମାନଙ୍କରେ ଜାତୀୟ ପତାକା ଉତ୍ତୋଳନ ସକାଳ ୭ଘ.୩୦ ମିନିଟ ଏବଂ ଜିଲ୍ଲାସ୍ତରୀୟ ପତାକା ଉତ୍ତୋଳନ ପୂର୍ବାହ୍ନ ଘ ୯.୧୫ ମିନିଟ ସମୟରେ ଅନୁଷ୍ଠିତ ହେବ । ପ୍ରତ୍ୟେକ କାର୍ଯ୍ୟାଳୟର ମୁଖ୍ୟମାନେ ଅଗଷ୍ଟ ୧୫ ତାରିଖ ଦିନ ନିଜ ନିଜ କାର୍ଯ୍ୟାଳୟ ରେ ଉପସ୍ଥିତ ରହି ନୂତନ ଓ ଉନ୍ନତ ମାନର ଜାତୀୟ ପତାକା ବ୍ୟବହାର କରି ପତାକା ଉତ୍ତୋଳନ କରିବାକୁ ଜିଲ୍ଲାପାଳ ସମସ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ




ଦେଇଥିଲେ । ଅଗଷ୍ଟ ୧୧ ଓ ୧୨ ତାରିଖ ଅପରାହ୍ନ ୩ ଘଟିକା ଓ ୧୩ ତାରିଖ ସକାଳ ୭ଘ.୩୦ ମି ସମୟରେ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମ୍ ଠାରେ ଅଭ୍ୟାସ ପ୍ୟାରେଡ ଅନୁଷ୍ଠିତ ହେବ । ପ୍ୟାରେଡ ରେ କେବଳ ଅଷ୍ଟମରୁ ଦଶମ ଓ କଲେଜ ଛାତ୍ରଛାତ୍ରୀ ମାନେ ଅଂଶ ଗ୍ରହଣ କରିବେ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା । ପ୍ରଥମ ରୁ ତୃତୀୟ, ୪ର୍ଥ ରୁ ୫ମ, ୬ଷ୍ଠ ରୁ ୮ମ, ହାଇସ୍କୁଲ ଓ କଲେଜ ସ୍ତରରେ ବକ୍ତୃତା, ଦେଶାତ୍ମ ବୋଧକ ସଙ୍ଗୀତ ପ୍ରତିଯୋଗିତା ଏବଂ ହାଇସ୍କୁଲ ଓ କଲେଜ ସ୍ତରରେ କୁଇଜ୍ ପ୍ରତିଯୋଗିତା ବ୍ଲକ ଓ ପୌର ପରିଷଦ ମଧ୍ୟରେ ୦୭.୦୮.୨୦୨୬ ରିଖ ଓ ଜିଲ୍ଲାସ୍ତରରେ ତା ୧୦.୦୮.୨୦୨୬ ରିଖରେ ଅନୁଷ୍ଠିତ ହେବ । ପ୍ୟାରେଡ ପଡ଼ିଆରେ ଅନୁଷ୍ଠିତ ହେବାକୁ ଥିବା ସଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀ ବିଭିନ୍ନ ବିଦ୍ୟାଳୟ ମଧ୍ୟରେ ପ୍ରତିଯୋଗିତା କରି ୪ ଗୋଟି ସଂସ୍କୃତିକ ଦଳକୁ ବାଛିବେ । ସନ୍ଧ୍ୟାରେ ସ୍ଥାନୀୟ ଆଦିକବି ସାରଳା ଦାସ ସଂସ୍କୃତି ଭବନ ଠାରେ ସ୍ଥାନୀୟ ଅନୁଷ୍ଠାନ ମାନଙ୍କୁ ନେଇ ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ । ସ୍ୱାଧୀନତା ଦିବସ ପାଳନ ଅବସରରେ ସମସ୍ତ ସରକାରୀ କାର୍ଯ୍ୟାଳୟ ଗୁଡ଼ିକ ଆଲୋକ ସଜ୍ଜା କରାଯିବା ସହ ସହରରେ ଥିବା ସମସ୍ତ ବ୍ୟବସାୟ ପ୍ରତିଷ୍ଠାନ ଓ ଘରୋଇ ଅନୁଷ୍ଠାନ ଗୁଡ଼ିକ ଆଲୋକ ସଜ୍ଜା କରାଯିବା ନେଇ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ବିଭିନ୍ନ ବିଭାଗ ଓ ପାରାଦ୍ୱୀପ ର ପ୍ରମୁଖ ଶିଳ୍ପ ସଂସ୍ଥାମାନଙ୍କ ଦ୍ୱାରା ପ୍ରଜ୍ଞାପନ ମେଢ଼ ପ୍ୟାରେଡ୍ ସମୟରେ ପ୍ରଦର୍ଶିତ ହେବ । ପାଞ୍ଚଜନ୍ୟ ସାଂସ୍କୃତିକ ଓ ସାମାଜିକ ପରିଷଦ, ପୂର୍ଣ୍ଣଚନ୍ଦ୍ର ସ୍ମାରକ ମେଧାବୃତ୍ତି ଓ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ର ପୁରାତନ ଛାତ୍ରୀ ସଂସଦ ପକ୍ଷରୁ ଜିଲ୍ଲାର ମାଟ୍ରିକ ଟପର ଙ୍କୁ ପୁରସ୍କୃତ କରାଯିବ । ଜେଲର ଅନ୍ତେବାସୀ ଓ ମୁଖ୍ୟ ଚିକିତ୍ସାଳୟର ରୋଗୀମାନଙ୍କୁ ସ୍ୱାଧୀନତା ଦିବସ ଦିନ ମୁଖ୍ୟ ଅତିଥିଙ୍କ ଦ୍ୱାରା ଫଳ ବଣ୍ଟନ କରାଯିବ । ପ୍ୟାରେଡ ପଡ଼ିଆର ସାଜସଜ୍ଜା, ନିମନ୍ତ୍ରିତ ଅତିଥି ମାନଙ୍କ ପାଇଁ ବସିବା ବ୍ୟବସ୍ଥା, ବ୍ୟାରିକେଡ ନିର୍ମାଣ, ପ୍ୟାରେଡ ପଡ଼ିଆ ସମତୁଲ, କଲେଜ ଛକ ଠାରୁ ଷ୍ଟାଡିୟମ ପର୍ଯ୍ୟନ୍ତ ରାସ୍ତା ମରାମତି ଓ ଷ୍ଟାଡିୟମ ରଙ୍ଗ ଇତ୍ୟାଦି କାର୍ଯ୍ୟ ରାସ୍ତା ଓ କୋଠାବାଡ଼ି ବିଭାଗ ଦ୍ୱାରା ସମ୍ପାଦନ କରାଯିବ । ଏହି ବୈଠକରେ ଆରକ୍ଷୀ ଅଧିକ୍ଷକ ଶ୍ରୀ ଅଙ୍କିତ କୁମାର ବର୍ମା, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସମ୍ମିତ କୁମାର ରାଉତ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଜ୍ୟୋତି ଶଙ୍କର ରାୟ, ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ଶ୍ରୀ ଅକ୍ଷୟ ପିଲ୍ଲେ, ଉପ ଜିଲ୍ଲାପାଳ ଶ୍ରୀ ପ୍ରଶାନ୍ତ କୁମାର ତରାଇ, ଜିଲ୍ଲାସ୍ତରୀୟ ଅଧିକାରୀ, ବିଭିନ୍ନ ବିଭାଗର ଅଧିକ୍ଷଣ ଯନ୍ତ୍ରୀ, କ୍ଷେତ୍ରୀୟ ଅଧିକାରୀ, ସହରର ମାନ୍ୟଗଣ୍ୟ ବ୍ୟକ୍ତି , ବୁଦ୍ଧିଜୀବୀ, ଆଇନଜୀବୀ, ଶିକ୍ଷକ ଶିକ୍ଷୟତ୍ରୀ, ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ପ୍ରାରମ୍ଭରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରତିଟୀ ତନୟା ମହାନ୍ତି ସ୍ୱାଗତ ଭାଷଣ ଦେବା ସହ ଜିଲ୍ଲାପାଳଙ୍କ ଆଦେଶ ମତେ କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନା କରି ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

# ବାଘୁଣୀ ଯମୁନା ସହ ଲଢ଼ି ଯୁବକ ଗୁରୁତର



**ନୀଳଗିରି (ଏନ୍.ଏମ୍.) :** ବଦଳ ଖୋଜିବାକୁ ଯାଇ ବାଘ ଆକ୍ରମଣର ଶିକାର ହେଲେ ଯୁବକ । ବାଘୁଣୀ ଆକ୍ରମଣରେ ଯୁବକ ଗୁରୁତର । ବାଲେଶ୍ୱର ଜିଲ୍ଲା ନୀଳଗିରି କୁଲଡିହା ଅଭୟାରଣ୍ୟ ବାଲିଆନାଳ ନଟାପଡ଼ାରୁ ଆସିଛି ଏଭଳି ଖବର । ଗୁରୁତର ହୋଇଥିବା ଯୁବକ ଜଣକ ହେଲେ ସୁନୀଲ କୁମାର ସିଂହ । ଏବେ ସେ ବାଲେଶ୍ୱର ମେଡିକାଲରେ ଚିକିତ୍ସିତ ହେଉଛନ୍ତି । ସୂଚନା ଅନୁସାରେ, ସୁନୀଲ ବିଲରେ ହଳ କରୁଥିବାବେଳେ ତାଙ୍କ ବଦଳ ଜଙ୍ଗଲ ଭିତରକୁ ଚାଲିଗଲେ । ସେ ଅଭୟାରଣ୍ୟ ଭିତରେ ବଳଦକୁ ଖୋଜୁଥିବାବେଳେ ବାଘୁଣୀ ଯମୁନା ତାଙ୍କ ଅତର୍କିତ ଭାବେ ଆକ୍ରମଣ କରିଥିଲା । ସେ ନିଜକୁ ବଞ୍ଚାଇବାକୁ ସବୁ ଉଦ୍ୟମ କରିଥିଲେ । ଏହାସହ ବଡ଼ ପାଟିରେ ଚିତ୍କାର କରିଥିବାବେଳେ ପାଖରେ ବିଲରେ କାମ କରୁଥିବା ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରିଥିଲେ ।

# ଏସ୍.ଆଇ.ଆର୍. ପ୍ରକ୍ରିୟାର ଅଗ୍ରଗତିର ସମୀକ୍ଷା କଲେ ଆର୍ଥିକ ପରାମର୍ଶଦାତା ତଥା ଅତିରିକ୍ତ ସଚିବ

**ରାଉରକେଲା (ଏନ୍.ଏମ୍.):** ଗୃହ (ନିର୍ବାଚନ) ବିଭାଗ, ଓଡ଼ିଶା ର ଆର୍ଥିକ ପରାମର୍ଶଦାତା ତଥା ଅତିରିକ୍ତ ସଚିବ ଶ୍ରୀ ସଞ୍ଜୟ ଲୁଗୁନ ସୁନ୍ଦରଗଡ଼ ଜିଲ୍ଲା ଗସ୍ତ କରି ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିବା ସହିତ ବିଭାଗୀୟ ଅଧିକାରୀ ମାନଙ୍କ ସହିତ ସମୀକ୍ଷା ବୈଠକ ମଧ୍ୟ କରିଥିଲେ । ସେହିଭଳି ଟାଙ୍ଗରପାଲି ଏବଂ ଲେଫ୍ରିପଡ଼ା ବ୍ଲକ ଗସ୍ତ କରି ଏସ ଆଇ ଆର୍ ପ୍ରକ୍ରିୟାର ଆପତ୍ତି, ଅଭିଯୋଗ ଶୁଣାଣି ଶିବିର ପରିଦର୍ଶନ କରିଥିଲେ । ସେ ଶିବିରରେ ଆପତ୍ତି ଗ୍ରହଣ, ଶୁଣାଣି ଓ ଆବେଦନର ନିଷ୍ପତ୍ତି ପ୍ରକ୍ରିୟାର ଅନୁଧ୍ୟାନ କରିବା ସହ ସ୍ୱଚ୍ଛ, ନିରପେକ୍ଷ ଓ ସମୟରେ ସମସ୍ତ କାର୍ଯ୍ୟ ସମ୍ପାଦନ କରିବାକୁ ପରାମର୍ଶ ଦେଇଥିଲେ । ପରେ ପରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଙ୍କ ସମ୍ମିଳନୀ କକ୍ଷ ଠାରେ ସୁନ୍ଦରଗଡ଼ ଜିଲ୍ଲାରେ ଚାଲିଥିବା ଏସ ଆଇ ଆର୍ ପ୍ରକ୍ରିୟାର ଅଗ୍ରଗତି ସମ୍ପର୍କରେ ବିଭାଗୀୟ ଅଧିକାରୀ ମାନଙ୍କ ସହ ଏକ ସମୀକ୍ଷା ବୈଠକ କରିଥିଲେ । ବୈଠକରେ ଅତିରିକ୍ତ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଏବଂ ବୁଥ୍ ସ୍ତରୀୟ ଅଧିକାରୀ ମାନଙ୍କ ସହ ବିସ୍ତୃତ ଆଲୋଚନା କରି କ୍ଷେତ୍ରସ୍ତରରେ କାର୍ଯ୍ୟାନ୍ୱୟନର ସ୍ଥିତି ସମୀକ୍ଷା କରିଥିଲେ । ବିଶେଷକରି, ବି ଏଲ ଓ



ମାନଙ୍କ ସହ ସିଧାସଳଖ କଥାବାର୍ତ୍ତା କରି ସେମାନଙ୍କ କାର୍ଯ୍ୟ ଅନୁଭୂତି, କ୍ଷେତ୍ରରେ ସମ୍ମୁଖୀନ ହେଉଥିବା ସମସ୍ୟା ଏବଂ ସୁଧାର ପାଇଁ ମତାମତ ଓ ପରାମର୍ଶ ଲୋଡ଼ିଥିଲେ । ଅତିରିକ୍ତ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଏବଂ ବିଏଲଓ ମାନେ ନିଜ ନିଜର ଅନୁଭୂତି ବାଣ୍ଟି ଥିଲେ । ବୈଠକରେ ଜିଲ୍ଲାରେ ଚାଲୁଥିବା ଏସ୍.ଆଇ.ଆର୍. ପ୍ରକ୍ରିୟାର ବର୍ତ୍ତମାନ ସ୍ଥିତି, ଅଗ୍ରଗତି ଓ ଆଗାମୀ କାର୍ଯ୍ୟଯୋଜନା ସମ୍ପର୍କରେ ପିପିଟି ମାଧ୍ୟମରେ ଉପସ୍ଥାପନା କରାଯାଇଥିଲା । ଶ୍ରୀ ଲୁଗୁନ ସମସ୍ତ ଅଧିକାରୀଙ୍କୁ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶାବଳୀକୁ କଡ଼ାକଡ଼ି ପାଳନ କରିବା ସହିତ ଯୋଗ୍ୟ ଭୋଟର ମାନଙ୍କୁ ଭୋଟର ତାଲିକା ରେ ଅନ୍ତର୍ଭୁକ୍ତୀକରଣ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସୂରଜ ପଟ୍ଟନାୟକ, ଡେପୁଟି କଲେକ୍ଟର (ନିର୍ବାଚନ) ସୁଶ୍ରୀ ପ୍ରଧାନ, ଅତିରିକ୍ତ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ତଥା ସଦର ଗୋଷ୍ଠୀ ଉନ୍ନୟନ ଅଧିକାରୀ ମୋତିଲାଲ ଶୁଲିଆ, ସଦର ତହସିଲଦାର କୁଳମଣି ରନବିଡ଼ା, ସୁନ୍ଦରଗଡ଼ ପୌରପାଳିକାର ନିର୍ବାହୀ ଅଧିକାରୀ ବିକାଶ ମୁଣ୍ଡାରୀ ଏବଂ ଅନ୍ୟାନ୍ୟ ଅଧିକାରୀ, କର୍ମଚାରୀ ତଥା ବିଏଲଓମାନେ ଉପସ୍ଥିତ ରହିଥିଲେ ।




## ସଠିକ ତଦନ୍ତ କରିବ କି କେନ୍ଦ୍ରାପଡ଼ା ପୋଲିସ ?

# ବେଙ୍ଗାଲୁରୁଠାରେ କେନ୍ଦ୍ରାପଡ଼ା ଝିଅକୁ ହତ୍ୟା

**କେନ୍ଦ୍ରପଡ଼ା (ଏନ୍.ଏମ୍.) :** ନିକିରାଇ ଥାନା ଅନ୍ତର୍ଗତ ଢ଼ୋଲ ପଞ୍ଚାୟତ ଅଧିନସ୍ଥ ଜମରା ଗ୍ରାମର ରମାକାନ୍ତ ସ୍ୱାଇଁଙ୍କ ଝିଅ ବର୍ଷାରାଣୀ ସ୍ୱାଇଁ (୨୦)ଙ୍କ ପଟ୍ଟାମୁଣ୍ଡାଇ ଥାନା ଅଧୀନସ୍ଥ ଅଣ୍ଡରା ଗ୍ରାମର ବିଷ୍ଣୁ ଚରଣ ମଲ୍ଲିକଙ୍କ ପୁଅ ପ୍ରବୋଧ ମଲ୍ଲିକ (୪୧)ଙ୍କ ସହିତ ୨୦୨୫ ମସିହାରେ ବୈଦିକ ରୀତିରେ ବିବାହ ହୋଇଥିଲା । ବିବାହ ପରେ ଉଭୟ ସ୍ୱାମୀ ଓ ସ୍ତ୍ରୀ ଏବଂ ଦେଢ଼ଶୁର ପ୍ରତାପ ମଲ୍ଲିକ ଓ ବଡ଼ଯାଆ ମଞ୍ଜୁଲତା ମଲ୍ଲିକଙ୍କ ସହିତ ମିଶିକରି ବେଙ୍ଗାଲୁରୁ ସ୍ଥିତ ବୈିସ୍ୱାନାହାଲି ଥାନା ଅନ୍ତର୍ଗତ କ୍ରିଷ୍ଣାୟାପଲାୟା ଠାରେ ଗୋଟିଏ ଜାଗାରେ ଭଡ଼ାଘରେ ରହୁଥିଲେ । ସ୍ୱାମୀ ପ୍ରବୋଧ ମଲ୍ଲିକ ସେଠାରେ ପ୍ଲମ୍ବିଂ ମିସ୍ତ୍ରୀ ଭାବେ କାମ କରୁଥିଲା ଏବଂ ନିଜ ଶଳା ଜ୍ୟୋତିପ୍ରକାଶ ସ୍ୱାଇଁଙ୍କୁ ପାଖରେ ରଖି ପ୍ଲମ୍ବିଂ ହେଲ୍ପର ଭାବେ କାମରେ ଲଗାଉଥିଲା । ବିବାହର କିଛି ମାସ ପରେ ସ୍ୱାମୀ ପ୍ରବୋଧ, ଦେଢ଼ଶୁର ପ୍ରତାପ ଓ ବଡ଼ଯାଆ ମଞ୍ଜୁଲତା ସମସ୍ତେ ମିଶି ବର୍ଷାରାଣୀଙ୍କ ଉପରେ ଆରମ୍ଭ କରିଥିଲେ ନିର୍ଯ୍ୟାତନା । ବାପଘରୁ ଯୌତୁକ ଆଣିବାକୁ ଦାବି କରି ଶାଶୁଘର ଲୋକେ ବେଙ୍ଗାଲୁରୁରେ ରହି ବାରମ୍ବାର ଅତ୍ୟାଚାର କରୁଥିଲେ । ଦିନକୁ ଦିନ ଅସହ୍ୟ ହୋଇଥିଲା ନିର୍ଯ୍ୟାତନା । ଏଭଳି ପରିସ୍ଥିତିରେ ୩ ମାସ ତଳେ ସେ ଏକ ପୁତ୍ର ସନ୍ତାନକୁ ଜନ୍ମ ଦେଇଥିଲା । ଘର ଠାରୁ ବାହାରେ ରହୁଥିବାରୁ ନିରୁପାୟ ହୋଇଯାଇଥିଲା ବର୍ଷାରାଣୀ । ସେପଟେ ଭାଉଜ ମଞ୍ଜୁଲତାଙ୍କ ସହ ପ୍ରବୋଧଙ୍କ ଥିଲା ଅବୈଧ ପ୍ରେମ ସମ୍ପର୍କ । ଯେଉଁ କାରଣରୁ ପରିବାରରେ ବଢ଼ିଯାଇଥିଲା ଆହୁରି ବିବାଦ । ଦିଅର ଓ ଭାଉଜଙ୍କ ପାପ ସମ୍ପର୍କରେ ବଳି ପଡ଼ିଗଲା ସ୍ତ୍ରୀର ଜୀବନ । ଅଭିଯୋଗ ଅନୁଯାୟୀ, ଜୁଲାଇ ମାସ ଗତ ୧୭ ତାରିଖ ଶୁକ୍ରବାର ଦିନ ଶଳା ଜ୍ୟୋତିପ୍ରକାଶ ପ୍ଲମ୍ବିଂ କାମରେ ଯାଇଥିବା ସମୟରେ ଦିନ ୧୧ଟା ବେଳେ ଭିଣୋଇ ପ୍ରବୋଧ ତା ପାଖରେ ପହଞ୍ଚି ତାକୁ କହିଥିଲା ତୋ ଭଉଣୀ ପୂଜା ସିଲିଂ ଫ୍ୟାନରେ ରଶି ଲଗାଇ ଆତ୍ମହତ୍ୟା କରିଛି । ସେ ଘରେ ଆସି ଦେଖିଲା ବେଳକୁ ତା ଭଉଣୀ ମୃତ ଅବସ୍ଥାରେ ଫ୍ୟାନରେ ଝୁଲୁଛି । ତାହାର ପାଦ ଚଟାଣ ଠାରୁ ମାତ୍ର ୨ଇଞ୍ଚ ଉପରେ ରହିଛି, ତା ପାଟି ଓ ନାକରୁ ରକ୍ତସ୍ରାବ ହୋଇଛି । ଯୋଜନା ମୁତାବକ ଏହା ଏକ ସଂଘବଦ୍ଧ ଭାବେ ହତ୍ୟା କରାଯାଇଛି ବୋଲି ସେ ଜାଣିପାରିଲା । ଯାହାକୁ ଦେଖି ସେ ସଂଜ୍ଞାହୀନ ହୋଇପଡ଼ିଥିଲା । ବର୍ତ୍ତମାନ ୩ ମାସର ପୁଅର ଅବସ୍ଥା ଜଟିଳ ସ୍ଥିତିରେ ରହିଛି । ଖବର ପାଇ ସ୍ଥାନୀୟ ବୈସ୍ୱାନାହାଲି ଥାନା ପୁଲିସ ଦିନ ୧୨ଟା ସମୟରେ ଘଟଣାସ୍ଥଳରେ ପହଞ୍ଚି ଶବକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ନିକଟସ୍ଥ ହସ୍ପିଟାଲକୁ ପଠାଇଥିଲେ । ଘଟଣା ପରେ ଘର ମାଲିକ ଶଳା ଜ୍ୟୋତିପ୍ରକାଶକୁ ବିଭିନ୍ନ ପ୍ରକାର ଧମକ ଦେଇଥିଲେ ଯେ ସେମାନେ କହିବା ଅନୁସାରେ ଥାନାରେ ଅଭିଯୋଗ ଦାଖଲ କରିବାକୁ । ହେଲେ ବେଙ୍ଗାଲୁରୁରେ ବହୁ କଷ୍ଟରେ ଦୁଇଦିନ ରହିଲା ପରେ ଲୁଚିକରି ଘରକୁ ପଳାଇ ଆସି ଭଉଣୀର ହତ୍ୟା ଅଭିଯୋଗରେ ସ୍ୱାମୀ ପ୍ରବୋଧ, ଦେଢ଼ଶୁର ପ୍ରତାପ, ବଡ଼ଯାଆ ମଞ୍ଜୁଲତାଙ୍କ ନାମରେ ବେଙ୍ଗାଲୁରୁ ପୋଲିସ ଡିଜିପି, ବେଙ୍ଗାଲୁରୁ ପୋଲିସ କମିଶନର, ଓ ବୈସ୍ୱାନାହାଲି ଥାନା ସମେତ ଓଡ଼ିଶା ପୋଲିସ ଡିଜିପି, ଏସପି କେନ୍ଦ୍ରପଡ଼ା ଓ ନିକିରାଇ ଥାନାରେ ଲିଖିତ ଏତଲା ଦେଇଛନ୍ତି ।



- ଯୌତୁକ ଯନ୍ତ୍ରଣା ପରେ ହତ୍ୟା କରି ଟାଙ୍ଗିଦେଲେ

- ଝିଅ ପରିବାର ପକ୍ଷରୁ ଥାନାରେ ଏତଲା

## ସାଥିରେ ଭାଇ, ଭଉଣୀଙ୍କୁ ନେଇ ବାହୁଡ଼ିଲେ ମହାବାହୁ

**ତାଳଚେର (ଏନ୍.ଏମ୍.) :** କେଉଁ ଆବାହମାନ କାଳରୁ ରାଜା ରାଜୁଡ଼ା ଅମଳରୁ ତାଳଚେର ପ୍ରସିଦ୍ଧ ରଥଯାତ୍ରା ପାଳନ ହୋଇ ଆସୁଅଛି । ପୂର୍ବରୁ ରଥଯାତ୍ରା ସମୟରେ ୧୫ଦିନ ଆଗରୁ ତାଳଚେରରେ ରଥନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇ ଯାତ୍ରା ପୂର୍ବଦିନ ସମ୍ପୂର୍ଣ୍ଣ କରାଯାଇଥାଏ ଏବଂ ଜଗତରନାଥ ଜଗନ୍ନାଥ ଯେତେ ବେଳେ ୧୦୮ ଯୋଡ଼ା ଜଳ ସ୍ନାନ କରି ଜ୍ୱରରେ ବଡ଼ଦେଉଳରେ ପଡ଼ିଥାନ୍ତି । ବିଧି ଅନୁସାରେ ସେବକମାନେ ପ୍ରଭୁଙ୍କୁ ୧୦ମୂଳ ଖୁଆଇ ଦେହ ସୁସ୍ଥ କରାନ୍ତି ବୋଲି ଯାହା ପୁସ୍ତିକାରେ ଲେଖା ଅଛି । ତେବେ ପ୍ରଭୁଙ୍କ ଦେହ ସୁସ୍ଥ ହେଲାପରେ ବର୍ଷକ ଥରେ ତାଙ୍କର ଜନ୍ମସ୍ଥାନ ଗୁଣ୍ଡିଚାମନ୍ଦିରକୁ ରଥାରୁଢ଼ ହୋଇ ଆସନ୍ତି, ବାଟରେ ଆସିବା ଭିତରେ ତାଙ୍କର ମାଉସୀ ମା'ଙ୍କ ମନ୍ଦିର ପଡ଼ିଥାଏ, ସେଠି ସେ କିଛି ସମୟ ରହି ମାଉସୀମା'ଙ୍କ ହାତରୁ ପୋଡ଼ପିଠା ଭୋଜନ କରି ଗୁଣ୍ଡିଚା ମନ୍ଦିର ଅଭିମୁଖେ ଯାତ୍ରା କରନ୍ତି ଏବଂ ଏହି ଯାତ୍ରା ପଭୁଙ୍କର କେବଳ ଏକବର୍ଷରେ ନଅ ଦିନ ହୋଇଥାଏ । ସେ ବଡ଼ ଦେଉଳକୁ ଛାଡ଼ି ୯ଦିନ ପାଇଁ ଗୁଣ୍ଡିଚା ମନ୍ଦିରକୁ ବୁଲିବାକୁ ଆସିଥାନ୍ତି । ତେଣୁ ପ୍ରଭୁଙ୍କ ଏହି ଯାତ୍ରାକୁ ଏକ ଐତିହାସିକ ରଥଯାତ୍ରାରେ ରୂପେ ପୂର୍ବପୁରୁଷ ମାନେ ପାଳନ କରି ଆସିଛନ୍ତି । ପୁସ୍ତିକାରେ ଲେଖାଯାଇଥିବା ଲେଖନୀରୁ, ପ୍ରଭୁ ମା'ଲକ୍ଷ୍ମୀଙ୍କୁ ୬ଦିନ କହି ୯ଦିନ ଯାତ୍ରା କରିବା ପ୍ରଥା ମାତା ଲକ୍ଷ୍ମୀଙ୍କ ଦେହରେ ନଯାଇ ସେ ରାଗରଷା ଓ ଅଭିମାନ କରି ହେରାପଞ୍ଚମୀ ଦିନ ବଡ଼ଦେଉଳରୁ ଗୁଣ୍ଡିଚା ମନ୍ଦିରରେ ପହଞ୍ଚି ଯାଆନ୍ତି, ପ୍ରଭୁଙ୍କ ସହ ରାଗରଷା କରିବାକୁ । ତେବେ ପ୍ରଭୁ ରଥଯାତ୍ରା ଠାରୁ ଆରମ୍ଭ କରି ବାହୁଡ଼ା ଯାତ୍ରା ଓ ଏକାଦଶୀ ସାରି ପୁଣି ବଡ଼ଦେଉଳକୁ ବିଜେ କରିଥାନ୍ତି । ମା'ଲକ୍ଷ୍ମୀଙ୍କର ରାଗରଷା ଶିଖରରେ ପହଞ୍ଚି ଯାଇଥିବାରୁ ମା'ଙ୍କ ରାଗ ଶାନ୍ତ କରିବାକୁ ପ୍ରଭୁ ତାଙ୍କ ପାଇଁ ସ୍ନେହର ସହ କିଛି ରସଗୋଲା ସାଥିରେ ନେଇ ବଡ଼ଦେଉଳ ଅଭିମୁଖେ ଯାତ୍ରା କରନ୍ତି । ଆଉ ଗୋଟିଏ କଥା ରଥଯାତ୍ରାରେ ଭକ୍ତଙ୍କ ଭୂମିକା ସର୍ବୋପରି କାରଣ ରଥକୁ ଭକ୍ତମାନେ ହିଁ ଟାଣିଥାନ୍ତି । ରଥଯାତ୍ରା ବେଳେ ବୃକ୍ଷରୋପଣ କରାଯିବାର ପ୍ରଥା ଓଡ଼ିଶା ସମତେ ସମଗ୍ର ଭାରତରେ ବହୁ ପ୍ରାଚୀନ ଯୁଗରୁ ରହି ଆସିଛି । ଏହାର କାରଣ ହେଲା ଜୁନର ମଝାମଝି ପୂର୍ବ ଭାରତର ମୌସୁମୀ ଆସିଯାଏ । ତେଣୁ ଚାଷବାସ ବୃକ୍ଷରୋପଣ ପାଇଁ ପରିବେଶ ଅନୁକୂଳ ହୁଏ । ତେଣୁ ଲୋକମାନଙ୍କର ଏହି ଯାତ୍ରା ଉପରେ ବିଶ୍ୱାସ ଏକ ଉଚ୍ଚକୋଟୀର ହୋଇଥାଏ ।



## ଅନ୍ତିମ ଭୋଟର ତାଲିକା ପ୍ରକାଶନ ପାଇଁ ୨୧,୮୯,୫୩୩ଟି ଆବେଦନ ସଂରକ୍ଷିତ




**ବ୍ରହ୍ମପୁର (ଏନ୍.ଏମ୍.) :** ଗଞ୍ଜାମ ଜିଲ୍ଲାର ୧୩ଟି ବିଧାନସଭା ନିର୍ବାଚନମଣ୍ଡଳୀରେ ସ୍ୱତନ୍ତ୍ର ସଘନ ସଂଶୋଧନ -୨୦୨୬ ଅଧୀନରେ ଚାଲିଥିବା ଭୋଟର ତାଲିକା ସମ୍ପର୍କିତ ଆପତ୍ତି, ଅଭିଯୋଗ, ଯାଞ୍ଚ ଓ ଶୁଣାଣି ପ୍ରକ୍ରିୟାକୁ ଅଧିକ କ୍ରିୟାଶୀଳ କରାଯାଇଛି । ଜିଲ୍ଲାରେ ଭୋଟର ତାଲିକା ସଂଶୋଧନ ପାଇଁ ମୋଟ ୫,୨୯,୦୮୬ଟି ନୋଟିସ୍ ସଫଳତାର ସହ ସୃଷ୍ଟି କରାଯାଇଛି । ସେଥିମଧ୍ୟରୁ ୨,୦୦,୭୩୬ଟି ନୋଟିସ୍ ବିତରଣ କରାଯାଇଥିବାବେଳେ, ଅବଶିଷ୍ଟ ୩,୨୮,୩୫୦ଟି ନୋଟିସ୍ ବିଏଲ୍ଓ ଓ ନିର୍ବାଚନ କର୍ମଚାରୀମାନେ ଘରକୁ ଘର ଯାଇ ଶୀଘ୍ର ବିତରଣ କରିବାକୁ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଭି. କୀର୍ତ୍ତି ଭାସନ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲାରେ ନୋଟିସ୍‌ଗୁଡ଼ିକର ଶୁଣାଣି ପ୍ରକ୍ରିୟା ମଧ ସୁଚାରୁ ଭାବେ ଚାଲିଛି । ଏପର୍ଯ୍ୟନ୍ତ ୫୫,୮୩୧ଟି ନୋଟିସ୍‌ର ଶୁଣାଣି ସମ୍ପନ୍ନ ହୋଇଥିବାବେଳେ ୧,୭୬୨ଟି ମାମଲା ବିଚାରାଧୀନ ରହିଛି । ଯାଞ୍ଚ ପରେ ୩୦୫ଟି ମାମଲାକୁ ଅଯୋଗ୍ୟ ବିବେଚନା କରାଯାଇଛି । ଗଞ୍ଜାମ ଜିଲ୍ଲାର ୧୩ଟି ବିଧାନସଭା ନିର୍ବାଚନମଣ୍ଡଳୀରେ ମୋଟ ୨୧,୮୯,୫୩୩ଟି ଆବେଦନ ଅନ୍ତିମ ଭୋଟର ତାଲିକା ପ୍ରକାଶନ ପାଇଁ ସଂରକ୍ଷିତ ରହିଛି । ସେଥିମଧ୍ୟରୁ ପୋଲସରା ବିଧାନସଭା ନିର୍ବାଚନମଣ୍ଡଳୀରେ ସର୍ବାଧିକ ୨,୦୦,୪୮୩ଟି ଆବେଦନ ସଂରକ୍ଷିତ ରହିଛି । ସମସ୍ତ ବିଧିବଦ୍ଧ ଯାଞ୍ଚ , ଶୁଣାଣି ଓ ଅନ୍ୟାନ୍ୟ ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବା ପରେ ଏହି ଆବେଦନଗୁଡ଼ିକୁ ଅନ୍ତିମ ଭୋଟର ତାଲିକାରେ ସ୍ଥାନ ଦିଆଯିବ । ଜିଲ୍ଲାର ସମସ୍ତ ବିଏଲ୍ଓ, ନିର୍ବାଚନ କର୍ମଚାରୀ ଓ ତଦାରଖକାରୀ ଅଧିକାରୀମାନେ ନୋଟିସ୍ ବିତରଣ, କ୍ଷେତ୍ରସ୍ତରୀୟ ଯାଞ୍ଚ ଓ ଶୁଣାଣି କାର୍ଯ୍ୟକୁ ନିଷ୍ଠାର ସହ ସମ୍ପାଦନ କରୁଥିବାରୁ ଜିଲ୍ଲାପାଳ ସେମାନଙ୍କୁ ସାଧୁବାଦ ଜଣାଇଛନ୍ତି । ଅବଶିଷ୍ଟ କାର୍ଯ୍ୟକୁ ମଧ ସମାନ ତତ୍ପରତା ଓ ନିଷ୍ଠାର ସହ ସମାପ୍ତ କରିବାକୁ ସେ ପରାମର୍ଶ ଦେଇଛନ୍ତି ।

### ବିଜେପି ପକ୍ଷରୁ ପ୍ରତିବାଦ ସଭା

## ରାହୁଲ ଓ ନବୀନଙ୍କ କୁଶ ପୁତ୍ତଳିକା ଦାହ

**ପାଲଲହଡ଼ା (ଏନ୍.ଏମ୍.) :** କଂଗ୍ରେସ ଏବଂ ବିଜେଡି ପକ୍ଷରୁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବିକୁ ପାଲଲହଡା ବିଜେପି ପକ୍ଷରୁ ଜୋର ଦାର ବିରୋଧ କରାଯିବା ସହିତ ବିରୋଧୀ କଂଗ୍ରେସ ଦଳ ନେତା ରାହୁଲ ଗାନ୍ଧୀ ଏବଂ ବିଜେଡିନେତା ନବୀନ ପଟ୍ଟନାୟକଙ୍କ କୁଶ ପୁତ୍ତଳିକା ଦାହ କରାଯାଇଛି । ମଣ୍ଡଳ ସଭାପତି ଆଶିଷ ସାମଲଙ୍କ ନେତୃତ୍ୱରେ ଏକ ବିରାଟ ରାଲିରେ ଯାଇ ମା କୁଣ୍ଢେଇବିରାଙ୍କ ଛକରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇ ଥିଲା । ପୂର୍ବରୁ କେନ୍ଦ୍ର ରେ କଂଗ୍ରେସ ଏବଂ ରାଜ୍ୟରେ ବିଜେଡି ସରକାର ସମୟରେ ବହୁବାର ପ୍ରଶ୍ନ ପତ୍ର ଲିକ, ବେକାରୀ ନିଯୁକ୍ତି ଦେବା କ୍ଷେତ୍ରରେ ପ୍ରବଳ ଦୁର୍ନୀତି ଘଟଣା ସହିତ ଶତାଧିକ ଦୁଷ୍କର୍ମ ଘଟଣା ଘଟିଥିଲେ ମଧ ସେତେବେଳେ କୌଣସି ମନ୍ତ୍ରୀ କିମ୍ବା ଅଧିକାରୀ ଇସ୍ତଫା ଦେଇ ନଥିବା ବେଳେ ଏବେ ସେମାନେ କେନ୍ଦ୍ର ଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି କରିବା ହାସ୍ୟାସ୍ପଦ ବୋଲି ବିଜେପି ନେତୃ ବୃନ୍ଦ କଟୁ ସମାଲୋଚନା କରି ଥିଲେ । ହାଏ, ହାଏ, କଂଗ୍ରେସ ବିଜେଡି ଦୁଇ ଭାଇ ନାରା ଦେବା ସହିତ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଦେଶ ବାହାରେ ଭାରତ ବିରୋଧୀ ମନ୍ତବ୍ୟକୁ ବିଜେପି ପକ୍ଷରୁ ଦୃଢ ନିନ୍ଦା କରାଯାଇଥିଲା । ପ୍ରତିବାଦ ସଭାରେ ନିର୍ବାଚନ ମଣ୍ଡଳୀ ପ୍ରଭାରୀ ଶ୍ରୀ ସାମଲ. ବରିଷ୍ଠ ବିଜେପି ନେତା ତନ୍ମୟ କୁମାର ସାହୁ, ଲିଙ୍ଗରାଜ ଦାଶ, ପଞ୍ଚାନନ ସାହୁ , ସମିତି ସଭ୍ୟ ଗୌରୀ ହାଇବ୍ରୁ ସମେତ ମହିଳା ମୋର୍ଚ୍ଚା, ଯୁବ ମୋର୍ଚ୍ଚାର ଶତାଧିକ କାର୍ଯ୍ୟ କର୍ତ୍ତା ସାମିଲ ହୋଇ ଥିଲେ ।




## ଶିମିଳିପାଳ ଅଭୟାରଣ୍ୟରୁ ୪ ଗିରଫ, ୨ଦେଶୀ ବନ୍ଧୁକ ଜବତ

**ବାରିପଦା(ଏନ୍.ଏମ୍.) :** ବିଶ୍ୱପ୍ରସିଦ୍ଧ ଶିମିଳିପାଳ ଅଭୟାରଣ୍ୟରେ ବନ୍ୟଜନ୍ତୁ ଶିକାର କରିବା ଉଦ୍ଦେଶ୍ୟରେ ପ୍ରବେଶ କରୁଥିବା ୪ ଜଣ ଶିକାରୀଙ୍କୁ ବନ ବିଭାଗ ଗିରଫ କରି ଜେଲକୁ ପଠାଇଛି । ଶିମିଳିପାଳ ଦକ୍ଷିଣ ବନ୍ୟପ୍ରାଣୀ ଡିଭିଜନ ଅନ୍ତର୍ଗତ ଜଙ୍ଗଲରେ ଏହି ବେଆଇନ ପ୍ରବେଶ ଘଟଣା ସାମ୍ନାକୁ ଆସିଛି । ଶିମିଳିପାଳ ବ୍ୟାଘ୍ର ସୁରକ୍ଷା ବଳ ଏବଂ ବନ ବିଭାଗର ମିଳିତ ଚଢ଼ାଉ ଦ୍ୱାରା ଏହି ବଡ଼ ସଫଳତା ମିଳିଛି । ଶିକାରୀମାନଙ୍କ ନିକଟରୁ ଦୁଇଟି ଦେଶୀ ହାତ ତିଆରି ବନ୍ଧୁକ ସମେତ ବିପୁଳ ପରିମାଣର ମରଣାସ୍ତ୍ର ଜବତ କରାଯାଇଛି । ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର (ଦକ୍ଷିଣ) ଉପନିର୍ଦ୍ଦେଶକ ସୁମିତ କୁମାର କରଙ୍କ ସୂଚନା ଅନୁସାରେ, ଶିକାରୀମାନେ ଅଭୟାରଣ୍ୟ ମଧ୍ୟକୁ ବେଆଇନ ଭାବେ ପ୍ରବେଶ କରୁଥିବା ସମୟରେ ଜଙ୍ଗଲରେ ଲଗାଯାଇଥିବା ଅତ୍ୟାଧୁନିକ ଟ୍ରେଲଗାର୍ଡ ଏଆଇ କ୍ୟାମେରାରେ ସେମାନଙ୍କର ଫଟୋ କଏଦ ହୋଇଥିଲା । କ୍ୟାମେରା ପକ୍ଷରୁ ସତର୍କ ସୂଚନା ମିଳିବା କ୍ଷଣି ବନ ବିଭାଗର ମୋବାଇଲ୍ ସ୍କ୍ୱାର୍ଡ ଘଟଣାସ୍ଥଳରେ ପହଞ୍ଚି ଚଢ଼ାଉ କରିଥିଲା । ଏହି ତ୍ୱରିତ କାର୍ଯ୍ୟାନୁଷ୍ଠାନ ଯୋଗୁଁ ଏକ ବଡ଼ଧରଣର ବନ୍ୟଜନ୍ତୁ ଶିକାରକୁ ରୋକାଯାଇପାରିଛି । ଚଢ଼ାଉ ସମୟରେ ବନ ବିଭାଗ ୪ ଜଣ ଶିକାରୀଙ୍କୁ କାବୁ କରିବାରେ ସଫଳ ହୋଇଛି । ଗିରଫ ଅଭିଯୁକ୍ତମାନେ ହେଲେ ବଡ଼ଜୁଣପାଳ ଗ୍ରାମର ଫାଗୁରାମ ଟୁଡୁ (୨୩) , ରାମଚନ୍ଦ୍ର କିସ୍କୁ (୫୬), ରଞ୍ଜନ କିସ୍କୁ (୨୬) ଓ ସାନଜୁଣପାଳ ଗ୍ରାମର ବିଶ୍ୱନାଥ ହାଁସଦା (୬୫) ।

## ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାର ସାମାଜିକ ସମୀକ୍ଷା ବୈଠକ




**ନୀଳଗିରି (ଏନ୍.ଏମ୍.) :** ଅଦ୍ୟ ନୀଳଗିରି ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାର ସାମାଜିକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ସାମାଜିକ ସମୀକ୍ଷା ବୈଠକରେ ଉପଜିଲ୍ଲାପାଳ ଶ୍ରୀମତୀ ଶୁଭଶ୍ରୀ ରଥ, ପଞ୍ଚାୟତ ସମିତି ଅଧକ୍ଷା ଶ୍ରୀମତୀ ଶୁଭଲକ୍ଷ୍ମୀ ମାଝୀ, ଉପାଧକ୍ଷ ଜ୍ୟୋତିର୍ମୟ ପୋଥାଳ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିକ୍ରମ କେଶରୀ ପରିଡ଼ା, ସହକାରୀ ନିର୍ବାହୀ ଯନ୍ତ୍ରୀ ଇଁ. ଗୟାଧର ସିଂ ପ୍ରମୁଖ ମଞ୍ଚାସିନ ଥିଲେ । ଏହି ବ୍ଲକ୍ ସ୍ତରୀୟ ଜନ ଶୁଣାଣି ଆର୍ଥିକ ବର୍ଷ ୨୦୨୬-୨୭ର ପ୍ରଥମ ପର୍ଯ୍ୟାୟ ଗତ ୧ ଅକ୍ଟୋବର ୨୦୨୫-୩୧ ମାର୍ଚ୍ଚ୨୦୨୬ ମଧ୍ୟରେ ସମ୍ପାଦିତ ସମସ୍ତ କାର୍ଯ୍ୟର ସାମାଜିକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ନୀଳଗିରି ପଞ୍ଚାୟତ ସମିତି ଅନ୍ତର୍ଗତ ବିଭିନ୍ନ ଗ୍ରାମ ପଞ୍ଚାୟତ ମାନଙ୍କରେ ସରକାରଙ୍କ ପକ୍ଷରୁ ଅନୁଦାନ ରାଶିରେ ବିଭିନ୍ନ କ୍ଷେତ୍ରରେ ଉନ୍ନୟନ ମୂଳକ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରାଯାଇଥିଲା । ପଞ୍ଚାୟତ ସମିତି ଅନ୍ତର୍ଗତ ବିଭିନ୍ନ ଗ୍ରାମାଞ୍ଚଳରେ ହିତାଧିକାରୀଙ୍କ ଆବାସ ଯୋଜନାରେ ଘର, ସାମାଜିକ ବନୀ କରଣ ଏବଂ ଗ୍ରାମ ସଭା ଉପରେ ଗୁରୁତ୍ୱ ଆରୋପ କରାଯାଇଥିଲା । ଏହି ସାମାଜିକ ସମୀକ୍ଷାରେ ବିଭିନ୍ନ ପଞ୍ଚାୟତରୁ ନିର୍ବାଚିତ ଜନ ପ୍ରତିନିଧି, ଜବ୍ କାର୍ଡ ଧାରୀ ଶ୍ରମିକ,ସମାଜସେବୀ, ବିଭିନ୍ନ ବିଭାଗୀୟ ଅଧିକାରୀ, ଏନ୍.ଜି.ଓ., ଜନସାଧାରଣ ଏବଂ ଗଣ ମାଧ୍ୟମର ପ୍ରତିନିଧିଗଣ ଯୋଗ ଦେଇଥିଲେ ।

## ମଣିଷ-ହାତୀ ସଂଘର୍ଷ ପ୍ରଶମନକୁ ସୁଦୃଢ଼ କରିବା ପାଇଁ ପ୍ରୟାସ



**କେନ୍ଦୁଝର(ଏନ୍.ଏମ୍.) :** ରାଜ୍ୟର ବିଭିନ୍ନ ସ୍ଥାନରେ ଏବେ ଦେଖିବାକୁ ମିଳିଛି ମଣିଷ ହାତୀ ମଧ୍ୟରେ ସଂଘର୍ଷ । ଉଭୟେ ନିଜ ଜୀବନ ବଞ୍ଚାଇବା ପାଇଁ ଏହି ସଂଘର୍ଷ ଚଳାଇଛନ୍ତି । ଏହି ସଂଘର୍ଷ ମଧ୍ୟରେ କେତେବେଳେ ହାତୀ ତ କେତେବେଳେ ମଣିଷ ବଳି ପଡ଼ିଯାଉଛି । ତେବେ ଏହାକୁ କିଭଳି ସବୁଦିନ ପାଇଁ ରୋକାଯାଇ ପାରିବ ସେ ନେଇ ଯୋଜନା ଆରମ୍ଭ ହୋଇଛି । ଏହି ପରିପ୍ରେକ୍ଷୀରେ କେନ୍ଦୁଝର ବନଖଣ୍ଡରେ କେନ୍ଦୁଝରର ଡିଏଫ୍‌ଓ ଧନରାଜ ଏଚଡିଙ୍କ ଅଧକ୍ଷତାରେ ମଣିଷ-ହାତୀ ସଂଘର୍ଷ ପ୍ରଶମନ ଉପରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । କେନ୍ଦୁଝରର ସମସ୍ତ ଏସିଏଫ, ରେଞ୍ଜ ଅଧିକାରୀ, ସହଯୋଗୀ ଏନଜିଓ, ସେମାନଙ୍କର ଜିଲ୍ଲା ଅଧିକାରୀ ଏବଂ ଟିମ୍ ଲିଡର୍ସ ଯୋଗ ଦେଇଥିଲେ । ବୈଠକରେ ଗତ ତିନି ମାସ ମଧ୍ୟରେ ହୋଇଥିବା କାର୍ଯ୍ୟକ୍ରମର ଅଗ୍ରଗତି ଉପରେ ସମୀକ୍ଷା କରାଯାଇଥିଲା । ଅନ୍ୟାନ୍ୟ ବିଭାଗ ସହିତ ସମନ୍ୱୟ ରକ୍ଷା କରି ସଚେତନତା କାର୍ଯ୍ୟକ୍ରମ, ଜୀବିକା ସୃଷ୍ଟି କରିବା ପାଇଁ ନିଆଯାଇଥିବା ପଦକ୍ଷେପ, ଅନୁକମ୍ପା ଆବେଦନରେ ପ୍ରଦାନ କରାଯାଇଥିବା ସହାୟତା ଏବଂ ସହଯୋଗୀ ଏନଜିଓ ଦ୍ୱାରା ଅନ୍ୟାନ୍ୟ ଉଲ୍ଲେଖନୀୟ ସଫଳତା ଉପରେ ଆଲୋଚନା ହୋଇଥିଲା ।

## ସ୍ୱାଧୀନତା ସଂଗ୍ରାମୀ ବିମ୍ବାଧର ମୁଦୁଲିଙ୍କ ପରଲୋକ

### ସରକାରୀ ସମ୍ମାନ ସହ ଗାର୍ଡ ଅଫ୍ ଅନର ପ୍ରଦାନ



**କେନ୍ଦ୍ରାପଡ଼ା (ଏନ୍.ଏମ୍.) :** ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ସମାଜସେବୀ, କେନ୍ଦ୍ରାପଡ଼ା ଜିଲ୍ଲା ସ୍ୱାଧୀନତା ସଂଗ୍ରାମୀ ସମିତିର ସଭାପତି ତଥା ରାଜ୍ୟ ସ୍ୱାଧୀନତା ସଂଗ୍ରାମୀ ସମିତିର ପୂର୍ବତନ ସଭାପତି ବିମ୍ବାଧର ମୁଦୁଲିଙ୍କର ଶୁକ୍ରବାର ଭୋର ସମୟରେ କଟକସ୍ଥିତ ଏସ୍.ସି.ବି. ମେଡିକାଲ କଲେଜ ଓ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି । ମୃତ୍ୟୁବେଳକୁ ତାଙ୍କୁ ୧୦୨ ବର୍ଷ ବୟସ ହୋଇଥିଲା । ସେ ୨୩ ଡିସେମ୍ବର, ୧୯୨୩ ମସିହାରେ ଜନ୍ମଗ୍ରହଣ କରିଥିଲେ । ସ୍ୱର୍ଗତ ଶ୍ରୀ ମୁଦୁଲି ଦେଶର ସ୍ୱାଧୀନତା ସଂଗ୍ରାମରେ ସକ୍ରିୟ ଭାବେ ଭାଗ ନେଇଥିବା ସହ ସ୍ୱାଧୀନତା ପରବର୍ତ୍ତୀ ସମୟରେ ମଧ ସମାଜସେବା ଏବଂ ସ୍ୱାଧୀନତା ସଂଗ୍ରାମୀମାନଙ୍କ କଲ୍ୟାଣ ପାଇଁ ନିରନ୍ତର କାର୍ଯ୍ୟ କରିଆସୁଥିଲେ । ସେ ରାଜ୍ୟ ସ୍ୱାଧୀନତା ସଂଗ୍ରାମୀ ସମିତିର ସଭାପତି ଭାବେ ସଫଳତାର ସହିତ ଦାୟିତ୍ୱ ତୁଲାଇ ସାରିଥିବା ବେଳେ ବର୍ତ୍ତମାନ କେନ୍ଦ୍ରାପଡ଼ା ଜିଲ୍ଲା ସ୍ୱାଧୀନତା ସଂଗ୍ରାମୀ ସମିତିର ସଭାପତି ଭାବେ କାର୍ଯ୍ୟରତ ଥିଲେ । ସେ କେନ୍ଦ୍ରାପଡ଼ା ଜିଲ୍ଲାର ଏକମାତ୍ର ଜୀବିତ ସ୍ୱାଧୀନତା ସଂଗ୍ରାମୀ ଭାବେ ପରିଚିତ ଥିଲେ । ତାଙ୍କ ଦୀର୍ଘ ସାର୍ବଜନୀନ ଜୀବନରେ ସେ ଦେଶପ୍ରେମ, ସରଳତା ଏବଂ ସମାଜ ପ୍ରତି ନିଷ୍ଠାର ଏକ ଉଜ୍ଜ୍ୱଳ ଉଦାହରଣ ହୋଇ ରହିଥିଲେ । ବାର୍ଦ୍ଧକ୍ୟଜନିତ ଅସୁସ୍ଥତା ଯୋଗୁଁ ସେ ଗତ ଦୁଇ ଦିନ ଧରି କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଥିଲେ । ଗତକାଲି ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଅବନତି ଘଟିବାରୁ ତାଙ୍କୁ ଉନ୍ନତ ଚିକିତ୍ସା ପାଇଁ କଟକସ୍ଥିତ ଏସ୍.ସି.ବି. ମେଡିକାଲ କଲେଜ ଓ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ଗତକାଲି ଭୋର ସମୟରେ ତାଙ୍କର ପରଲୋକ ଘଟିଥିଲା । ତାଙ୍କର ମୃତ୍ୟୁ ପରେ ମରଶରୀରକୁ କଟକରୁ ନିଜ ଗ୍ରାମ ଡେରାବିଶ ବ୍ଲକ ଅନ୍ତର୍ଗତ କାଉପଡ଼ା ଗ୍ରାମ ପଞ୍ଚାୟତର ନିଳିକଣା ଗ୍ରାମକୁ ଅଣାଯାଇଥିଲା । ସରକାରଙ୍କ ନିର୍ଦ୍ଧାରିତ ପ୍ରୋଟୋକଲ୍ ଅନୁଯାୟୀ ଜିଲ୍ଲା ପୋଲିସ ପକ୍ଷରୁ ସ୍ୱର୍ଗତ ଶ୍ରୀ ମୁଦୁଲିଙ୍କୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା । ଏହି ଅବସରରେ ଉପସ୍ଥିତ ଥିବା ଅଧିକାରୀ ଓ ସ୍ଥାନୀୟ ଜନସାଧାରଣ ତାଙ୍କ ମରଶରୀରରେ ପୁଷ୍ପମାଲ୍ୟ ଅର୍ପଣ କରି ଶେଷ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ଜିଲ୍ଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବୀନ୍ଦ୍ର କୁମାର ମଲ୍ଲିକ ଉପସ୍ଥିତ ରହି ସ୍ୱର୍ଗତ ମୁଦୁଲିଙ୍କୁ ଶେଷ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏହା ସହିତ ଡେରାବିଶ ତହସିଲଦାର ସରୋଜକାନ୍ତ ନାୟକ, ବ୍ଲକ ଉନ୍ନୟନ ଅଧିକାରୀ ନମିତା ବାରିକ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଫକୀର ମୋହନ ମାଝୀ ଏବଂ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶୋକ ବଳିଆରସିଂହ ପ୍ରମୁଖ ଉପସ୍ଥିତ ରହି ତାଙ୍କୁ ଭାବବିହ୍ୱଳ ବିଦାୟ ଜଣାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ପାଟକୁରାର ବିଧାୟକ ଅରବିନ୍ଦ ମହାପାତ୍ର, ପୂର୍ବତନ ବିଧାୟକ ଚିନ୍ମୟ କୁମାର ବେହୁରା, ବାସୁଦେବ ଦାସଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ସ୍ଥାନୀୟ ଜନପ୍ରତିନିଧି ଓ ଅଞ୍ଚଳବାସୀ ଉପସ୍ଥିତ ରହି ସ୍ୱର୍ଗତ ମୁଦୁଲିଙ୍କୁ ଶେଷ ବିଦାୟ ଜଣାଇଥିଲେ । ସ୍ୱର୍ଗତ ବିମ୍ବାଧର ମୁଦୁଲିଙ୍କ ବିୟୋଗ କେବଳ କେନ୍ଦ୍ରାପଡ଼ା ଜିଲ୍ଲା ପାଇଁ ନୁହେଁ, ସମଗ୍ର ରାଜ୍ୟ ପାଇଁ ଏକ ଅପୂରଣୀୟ କ୍ଷତି । ଦେଶର ସ୍ୱାଧୀନତା ପାଇଁ ତାଙ୍କର ଅବଦାନ ଏବଂ ସାରା ଜୀବନ ଧରି ସମାଜ ପ୍ରତି ତାଙ୍କର ନିଃସ୍ୱାର୍ଥ ସେବା ଆଗାମୀ ପିଢ଼ି ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ ।




# ପ୍ରଥମ ପୃଷ୍ଠାର ଅବଶିଷ୍ଟ ...

## କ୍ୟାଚ୍ ଦି ରେନ୍‌ରୁ ନେଇ ...

ମୋଦି କହିଛନ୍ତି, 'କିଛି ଦିନ ପୂର୍ବରୁ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆରମ୍ଭ ହୋଇଛି । ଆମର ଯୁବପିଢ଼ି ସମ୍ପ୍ରତି କ୍ରୀଡ଼ାରେ ଅନେକ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି । ପିଭି ସିନ୍ଧୁ ଜାପାନ ଓପନ୍ ବ୍ୟାଡମିଣ୍ଟନ୍ ଟାଇଟଲ୍ ଜିତିଥିବା ପ୍ରଥମ ଭାରତୀୟ ହୋଇଛନ୍ତି । ସମଗ୍ର ଦେଶ ତାଙ୍କ ସଫଳତା ପାଇଁ ଗର୍ବିତ । ଭାରତୀୟ ମହିଳା କ୍ରିକେଟ୍ ଦଳ ଲଣ୍ଡନର ଲର୍ଡସ୍ ଷ୍ଟାଡିୟମରେ ମଧ ପ୍ରଥମ ଟେଷ୍ଟ ମ୍ୟାଚ୍ ଜିତିଥିଲା । ଏହା ଏକ ଐତିହାସିକ ବିଜୟ । କିଛି ଛୋଟ ପ୍ରୟାସ ଅଛି ଯାହାର ଅର୍ଥ ବହୁତ ବଡ଼ । ମୁଁ କେରଳର ଏର୍ନାକୁଲମ୍‌ର ଦକ୍ଷିଣ ଚିତ୍ତୁରରେ ଏକ କ୍ରୀଡ଼ା ପଦକ୍ଷେପ ବିଷୟରେ ଜାଣିଲି । ସେଠାରେ ଏକ ସ୍କୁଲରେ ଏକ ସଂସ୍କୃତ କ୍ଲବ୍ ଅଛି । ପ୍ରଫେସର ଅଭିଲାଷ ଜୀ ସଂସ୍କୃତକୁ ଏକ ଅନନ୍ୟ ଉପାୟରେ ଲୋକପ୍ରିୟ କରୁଛନ୍ତି ।

କାର୍ଗିଲ ବିଜୟ ଦିବସର ଜଣାଇଲେ ଶୁଭେଚ୍ଛା- ମନ୍ କି ବାତ୍ର ୨୭ତମ କାର୍ଗିଲ ବିଜୟ ଦିବସର ଶୁଭେଚ୍ଛା ଜଣାଇଛନ୍ତି ପ୍ରଧାନମନ୍ତ୍ରୀ ମୋଦି । ସେ କହିଛନ୍ତି, 'ଏହା ଆମର ବୀର ଯବାନ ମାନଙ୍କ ବୀରତ୍ୱକୁ ମନେ ପକାଇବାର ଦିନ । ଯବାନଙ୍କ ବଳିଦାନ ପିଢିଙ୍କୁ ପ୍ରେରଣା ଦେବ । ଏହି ଦିନ ଆମକୁ ଗର୍ବିତ କରିଥାଏ । ମା ଭାରତୀଙ୍କ ସୁରକ୍ଷା ପାଇଁ ସର୍ବସ୍ୱ ବଳିଦାନ ଦେଇଥିଲେ ଆମେ ବୀର ଯବାନ ।' ଏହା ସହିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, 'ଆଜି, ପ୍ରତିରକ୍ଷା ଉତ୍ପାଦନ ହେଉ, ପ୍ରତିରକ୍ଷା ରପ୍ତାନି ହେଉ, କିମ୍ବା ବନ୍ଧୁତ୍ୱପୂର୍ଣ୍ଣ ଦେଶମାନଙ୍କ ସହିତ ରାଜନୈତିକ ସହଯୋଗ ହେଉ, ଭାରତ ନିରନ୍ତର ନୂତନ ଶିଖରରେ ପହଞ୍ଚିବାରେ ଲାଗିଛି । ମାସ ଆରମ୍ଭରେ, ମୁଁ ଇଣ୍ଡୋନେସିଆରେ ଥିଲି, ଯେଉଁଠାରେ ବ୍ରହ୍ମୋସ ଏବଂ ଆସ୍ତ୍ର କ୍ଷେପଣାସ୍ତ୍ର ପାଇଁ ଏକ ପ୍ରମୁଖ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା । କିଛି ଦିନ ତଳେ ଭାରତୀୟ ନୌସେନାରେ ସାମିଲ ହୋଇଛି ଆଇଏନଏସ ମହେନ୍ଦ୍ରଗିରି । ଭାରତର ପ୍ରତିରକ୍ଷା ଉପକରଣ ଏବଂ ପ୍ରଯୁକ୍ତିବିଦ୍ୟା ଉପରେ ବିଶ୍ୱର ବିଶ୍ୱାସ ବୃଦ୍ଧି ପାଉଛି' ।

## ଏଚ୍‌ସିଏଲ୍ କରିବ ଏଆଇ ଡାଟା ସେଣ୍ଟର ...

ସେଣ୍ଟରରେ କମ୍ପାନି ୧୪,୨୫୭ କୋଟି ଟଙ୍କା ନିବେଶ କରିବ । ଏହାର ଡେଭେଲପ୍ମେଣ୍ଟ ସେଣ୍ଟର ୨୦୨୮ ସୁଦ୍ଧା କାର୍ଯ୍ୟକ୍ଷମ ହେବ । ଏଚ୍‌ସିଏଲ୍ ଟେକ୍ନୋଲୋଜିସ୍‌ର ନୂଆ ଡାଟା ସେଣ୍ଟର୍ କମ୍ପାନିର ପୂର୍ଣ୍ଣକାଳୀନ ଏଆଇ କ୍ଷମତା ଓ ସର୍ବମର ଫାଉଣ୍ଡେସନ ମଡେଲ୍‌କୁ ଉପଯୋଗ କରି ସାର୍ବଜନୀନ ଓ ଘରୋଇ ସଂସ୍ଥାଗୁଡ଼ିକ ପାଇଁ ସ୍ୱତନ୍ତ୍ର ଏଆଇ ଆପ୍ଲିକେସନ ବିକାଶ କରିବ । ତାହା ସରକାରଙ୍କ ସୋଭରେଜନ ଏଆଇ ଲକ୍ଷ୍ୟକୁ ମଧ ପୂରଣ କରିବ । ଆଗାମୀ ଦିନରେ କମ୍ପାନି ବହୁଭାଷୀ ଏଆଇ ଟୁଲ୍ ମଧ ଆଣିବ ଯାହା ସରକାରଙ୍କ ଡିଜିଟାଲ ଇଣ୍ଡିଆ ଅଭିଯାନକୁ ସମର୍ଥନ କରିବ । ଏହି ଅବସରରେ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ଆଇଟି ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ବିଶାଲ କୁମାର ଦେବ ଓ ଅନ୍ୟମାନେ ଉପସ୍ଥିତ ଥିଲେ ।

## କାର୍ଗିଲ ବିଜୟ ଦିବସରେ ପାକିସ୍ତାନକୁ ...

ଅବୈଧ ଭାବେ କବଜା କରିଥିବା ଭୂମିକୁ ଛାଡିବାକୁ ପଡିବ । ଏବେ ପିଓକେ ବ୍ୟତୀତ ଅନ୍ୟ କୌଣସି ପ୍ରସଙ୍ଗରେ ଆଲୋଚନା ହେବ ନାହିଁ । ଅପରେସନ୍ ସିନ୍ଦୂରରେ ଦେଖିବାକୁ ମିଳିଛି ଆତଙ୍କବାଦରେ ସାମିଲ ଥିବା ଲୋକଙ୍କ ପରିଣାମ କଣ ହୁଏ । ପାକିସ୍ତାନର ପ୍ରତିଟି ଭୁଲ୍ କାର୍ଯ୍ୟ ପାଇଁ ଜବାବ ମିଳିବ । ଭାରତ ଡାଟା ସେଣ୍ଟର ନିର୍ମାଣ କରୁଥିବା ବେଳେ ପାକିସ୍ତାନ 'କଟ୍ରାପଲିଟିଜଶ ସେଣ୍ଟର' ନିର୍ମାଣ କରୁଛି । କାର୍ଗିଲ ସହିଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଦେଇ ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି,'' ଭବିଷ୍ୟତ ପିଢି କାର୍ଗିଲ ବୀରମାନଙ୍କ ସାହସିକତା କାହାଣୀରୁ ପ୍ରେରଣା ପାଇବେ । ଆମେ ଆମ ସୈନିକ ଏବଂ ସେମାନଙ୍କ ସାହସକୁ ସଲାମ୍ କରୁଛୁ । କାର୍ଗିଲ ବିଜୟ ଭାରତ ମାତର ମୁକୁଟରେ ସନ୍ନିହିତ ଏକ ହୀରା ପରି । କ୍ୟାପଟେନ୍ ବିକ୍ରମ ବାତ୍ରା କହିଥିଲେ, 'ୟେ ଦିଲ୍ ମାଙ୍ଗେ ମୋରେ,' । ଏହା ଆମ ସୈନିକମାନଙ୍କର ସ୍ୱଭାବ । ସମଗ୍ର ବିଶ୍ୱ ଏହାକୁ ବୁଝିବା ଉଚିତ୍, ଏବଂ ଆମର ପଡ଼ୋଶୀ ମଧ ଏହାକୁ ବୁଝିବା ଉଚିତ ।' ଦେଶ ପାଳୁଛି ୨୭ ତମ କାର୍ଗିଲ ବିଜୟ ଦିବସ । ଜାତି ପାଇଁ ଜୀବନ ଅର୍ପଣ କରିଥିବା ଅମର ବୀର ସୈନିକମାନଙ୍କ ଶୌର୍ଯ୍ୟ ଓ ବଳିଦାନକୁ ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି ଦେଶବାସୀ । ପ୍ରତିବର୍ଷ ଜୁଲାଇ ୨୬ ତାରିଖକୁ ଦେଶବ୍ୟାପୀ 'କାର୍ଗିଲ ବିଜୟ ଦିବସ' ଭାବରେ ଅତ୍ୟନ୍ତ ଗର୍ବ ଓ ସମ୍ମାନର ସହିତ ପାଳନ କରାଯାଏ । ଏହି ଦିନଟି ୧୯୯୯ ମସିହାରେ 'ଅପରେସନ ବିଜୟ'ରେ ଅଂଶଗ୍ରହଣ କରିଥିବା ଭାରତୀୟ ସେନାର ଅଦମ୍ୟ ସାହସ, ସର୍ବୋଚ୍ଚ ବଳିଦାନ ଏବଂ ଅଟଳ ସଂକଳ୍ପକୁ ସମ୍ମାନ ଜଣାଇବାର ଏକ ପବିତ୍ର ଅବସର । ମେ' ୧୯୯୯ରେ ପାକିସ୍ତାନୀ ଅନୁପ୍ରବେଶକାରୀମାନେ ନିୟନ୍ତ୍ରଣ ରେଖା ପାର କରି କାର୍ଗିଲ ଅଞ୍ଚଳର ପ୍ରମୁଖ ଉଚ୍ଚ ଶିଖରଗୁଡ଼ିକରେ ଥିବା ଭାରତୀୟ ପୋଷ୍ଟଗୁଡ଼ିକୁ ଅବୈଧ ଭାବରେ ଦଖଲ କରିଥିଲେ । ଶତ୍ରୁପକ୍ଷର ଏହି ଚ୍ୟାଲେଞ୍ଜର ମୁକାବିଲା କରିବା ପାଇଁ ଭାରତ ଆରମ୍ଭ କରିଥିଲା 'ଅପରେସନ ବିଜୟ' । ଦୁଇ ମାସରୁ ଅଧିକ ସମୟ ଧରି ଯୁଦ୍ଧ ଚାଲିଥିଲା । ଭାରତୀୟ ସୈନିକମାନେ ଅତ୍ୟନ୍ତ ଦୁର୍ଗମ ବରଫାବୃତ ପର୍ବତମାଳା ଏବଂ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଅଦମ୍ୟ ସାହସ ପ୍ରଦର୍ଶନ କରିଥିଲେ ।

## ଧର୍ମେନ୍ଦ୍ର ପ୍ରଧାନଙ୍କ ରାଜନୈତିକୁ ...

ମସିହାରେ ବିଜେପି ଜାତୀୟ ସମ୍ପାଦକ ପଦବୀରେ ରହିଥିଲେ । ୨୦୦୪ରେ ଚତୁର୍ଦ୍ଦଶ ଲୋକସଭାକୁ ସେ ନିର୍ବାଚିତ ହୋଇଥିଲେ । ସେହିବର୍ଷ ତାଙ୍କୁ ଭାରତୀୟ ଜନତା ଯୁବ ମୋର୍ଚ୍ଚା ଜାତୀୟ ଅଧକ୍ଷ ଭାବେ ନିଯୁକ୍ତ କରାଯାଇଥିଲା । ସାଂସଦ ଭାବେ ପ୍ରଧାନ ଅନେକ କମିଟି ଓ ସଂସଦୀୟ ଅନୁଷ୍ଠାନରେ କାର୍ଯ୍ୟ କରିଥିଲେ । ୨୦୦୪ ମସିହାରେ ଲୋକସଭାକୁ ପ୍ରବେଶ କରିବା ପରେ ସେ ପିଟିସନ୍ କମିଟି ଓ ଶକ୍ତି କମିଟିର ସଦସ୍ୟ ଥିଲେ । ଅଗଷ୍ଟ ୨୦୦୭ ପରେ ଶକ୍ତି ସ୍ଥାୟୀ କମିଟିର ସଦସ୍ୟ ଭାବରେ କାର୍ଯ୍ୟ କରିଥିଲେ । ୨୦୧୨ ରୁ ୨୦୧୪ ମଧରେ ସେ ସରକାରୀ ପ୍ରତିଶ୍ରୁତି କମିଟିର ସଦସ୍ୟ ଥିଲେ । ସେ ମେ ୨୦୧୨ ରୁ ଅକ୍ଟୋବର ୨୦୧୩ ପର୍ଯ୍ୟନ୍ତ ଟେଲିକମ୍ ଲାଇସେନ୍ସ ଏବଂ ସ୍ପେକ୍ଟ୍ରମର ଆବଣ୍ଟନ ଓ ମୂଲ୍ୟ ନିର୍ଦ୍ଧାରଣ ସମ୍ପର୍କିତ ପ୍ରସଙ୍ଗଗୁଡ଼ିକର ଯାଞ୍ଚ କରୁଥିବା ଯୁଗ୍ମ ସଂସଦୀୟ କମିଟିରେ ମଧ କାର୍ଯ୍ୟ କରିଥିଲେ । ସେ ଏପ୍ରିଲ ୨୦୧୨ ରୁ ୨୦୧୮ ପର୍ଯ୍ୟନ୍ତ ସଂସଦର ସଦସ୍ୟ ରହିଥିଲେ ଓ ଜୁନ ୨୦୨୪ ରେ ୧୮ତମ ଲୋକସଭାକୁ ନିର୍ବାଚିତ ହୋଇଥିଲେ । ଧର୍ମେନ୍ଦ୍ର ପ୍ରଧାନ ଏନ୍‌ଡିଏ ନେତୃତ୍ୱାଧୀନ କେନ୍ଦ୍ର ସରକାରରେ ବଡ଼ ବଡ଼ ମନ୍ତ୍ରଣାଳୟ ଦାୟିତ୍ୱରେ ରହିଥିଲେ । ସେପ୍ଟେମ୍ବର ୨୦୧୭ରେ ସେ ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ ଓ ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ହୋଇଥିଲେ । ମେ ୨୦୧୯ରୁ ଜୁଲାଇ ୨୦୨୧ ପର୍ଯ୍ୟନ୍ତ ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ଓ ଇସ୍ପାତ ମନ୍ତ୍ରୀ ପଦବୀରେ ରହିଥିଲେ । ୭ ଜୁଲାଇ, ୨୦୨୧ରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଓ ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଭାବରେ ଦାୟିତ୍ୱ ଗ୍ରହଣ କରିବା ତାଙ୍କ ରାଜନୈତିକ କ୍ୟାରିୟରରେ ଏକ ପ୍ରମୁଖ ମୋଡ଼ ଥିଲା । ଜୁନ୍ ୨୦୨୪ ନିର୍ବାଚନ ପରେ ଅଷ୍ଟାଦଶ (୧୮ତମ) ଲୋକସଭାରେ ଧର୍ମେନ୍ଦ୍ର ପ୍ରଧାନ କେନ୍ଦ୍ର କ୍ୟାବିନେଟରେ ଶିକ୍ଷାମନ୍ତ୍ରୀ ପଦରେ ରହିଥିଲେ । ଧର୍ମେନ୍ଦ୍ର ପ୍ରଧାନ ୧୯୬୯ ମସିହା ଜୁନ୍ ୨୬ ତାରିଖରେ ଓଡ଼ିଶାର ତାଳଚେରରେ ଜନ୍ମଗ୍ରହଣ କରିଥିଲେ । ସେ ଦେବେନ୍ଦ୍ର ପ୍ରଧାନ ଓ ବସନ୍ତ ମଞ୍ଜରୀ ପ୍ରଧାନଙ୍କ ପୁତ୍ର । ଧର୍ମେନ୍ଦ୍ର ପ୍ରଧାନ ଉତ୍କଳ ବିଶ୍ୱବିଦ୍ୟାଳୟରୁ ଆନଟ୍ରୋପଲଜିରେ ସ୍ନାତକୋତ୍ତର କରିଥିଲେ । ୧୯୯୮ରେ ସେ ମୃଦୁଳା ଠାକୁର ପ୍ରଧାନଙ୍କୁ ବିବାହ କରିଥିଲେ । ଦମ୍ପତିଙ୍କର ଗୋଟିଏ ପୁଅ ଓ ଗୋଟିଏ ଝିଅ ଅଛନ୍ତି ।

## ଅଗଷ୍ଟ ୧୭ ପରେ ରାଜ୍ୟ ଦେଖିବ ନୂଆ ଡିଜିପି ...

ପଠାଇଛନ୍ତି ରାଜ୍ୟ ସରକାର । ସେମାନେ ହେଲେ ୧୯୯୦ ବ୍ୟାଚର ଆଇପିଏସ୍ ସୁଧାଂଶୁ ଷଡ଼ଙ୍ଗୀ, ୧୯୯୩ ବ୍ୟାଚର ଆଇପିଏସ୍ ସୁଶାନ୍ତ ନାଥ ଓ ୧୯୯୩ ବ୍ୟାଚର ଆଇପିଏସ ଆର୍ ପି କୋଚେ । ୧୯୯୪ ବ୍ୟାଚର ଏଡିଜି ସଞ୍ଜୀବ ପଣ୍ଡା, ୧୯୯୪ ବ୍ୟାଚର ଯଶୱନ୍ତ କୁମାର ଜେଠୱା, ୧୯୯୫ ବ୍ୟାଚର ରିତୁ ଅରୋରା, ୧୯୯୫ ବ୍ୟାଚ୍ର ସୌମେନ୍ଦ୍ର ପ୍ରିୟଦର୍ଶୀ, ୧୯୯୫ ବ୍ୟାଚର ସନ୍ତୋଷ ବାଲା, ୧୯୯୫ବ୍ୟାଚର ପି.ଏସ୍ ରଣପିସେ, ୧୯୯୬ ବ୍ୟାଚର ଅରୁଣ ବୋଥ୍ରା, ୧୯୯୬ ବ୍ୟାଚର ଆଇପିଏସ୍ ସୁନୀତା କାକରାନ । ଗଣମାଧମର ଆକଳନ ଅନୁଯାୟୀ, ଅଗ୍ନିଶମ ଡିଜି ଶ୍ରୀ ଷଡଙ୍ଗୀ ଏବଂ ଗୁଇନ୍ଦା ନିର୍ଦ୍ଦେଶକ ଶ୍ରୀ କୋଚେ ଡିଜିପି ରେସ୍‌ରେ ସବୁଠାରୁ ଆଗରେ ଥିବା ବେଳେ ଏଡିଜି ଶ୍ରୀ ପଣ୍ଡା ଓ ଭିଜିଲାନ୍ସ ନିର୍ଦ୍ଦେଶକ ଶ୍ରୀ ଜେଠୱା ମଧ ଦୃଢ଼ ଦାବିଦାର ଭାବେ ଉଭା ହୋଇଛନ୍ତି । ସେପଟେ ଏହି ୧୧ ଜଣଙ୍କର ବ୍ୟକ୍ତିଗତ ତଥ୍ୟ ବା ବାୟୋଡାଟା ଗତ ମାସଠାରୁ, ଗୃହ ବିଭାଗ ନେଇଥିଲା । ଏକାଡେମିକ ଆଚିଭମେଣ୍ଟ ସହ ବାୟୋଡାଟାକୁ ରାଜ୍ୟ ସରକାର ୟୁପିଏସ୍‌ସିକୁ ପଠାଇ ଦେଇଥିଲେ । ୟୁପିଏସ୍‌ସି ଗାଇଡ୍‌ଲାଇନ୍ ଅନୁସାରେ ଡିଜିପି ପାଇଁ ଚାକିରି କାର୍ଯ୍ୟକାଳ ୨୫ରୁ ୩୦ ବର୍ଷ ହୋଇଥିବ । ଚାକିରିକାଳର ଭଲ ରେକର୍ଡ ଏବଂ ଅଭିଜ୍ଞତା ଥିବା ଆବଶ୍ୟକ । ଅବସର ପୂର୍ବରୁ ଅଧିକାରୀଙ୍କର ସେବାର ଅବଶିଷ୍ଟତା ଅତି କମରେ ୬ ମାସ ରହିବା ଆବଶ୍ୟକ । ଏମ୍ପାନେଲମେଣ୍ଟ କମିଟିରେ କେନ୍ଦ୍ର ଗୃହ ସଚିବ, ରାଜ୍ୟର ମୁଖ୍ୟ ସଚିବ ଏବଂ ବର୍ତ୍ତମାନର ଡିଜିପିଙ୍କ ସମେତ ଜଣେ ୟୁପିଏସ୍‌ସି ସଦସ୍ୟଙ୍କ ଅଧକ୍ଷତାରେ ଗଠିତ କମିଟି ଦ୍ୱାରା ପ୍ୟାନେଲ ଚୟନ କରାଯିବ । ୟୁପିଏସ୍‌ସି ତିନି ଜଣ ଅଧିକାରୀଙ୍କୁ ଚୟନ କରିବେ । ସେମାନଙ୍କ ମଧରୁ ରାଜ୍ୟ ଜଣଙ୍କୁ ନିଯୁକ୍ତ କରିବ । ଆସନ୍ତା ୭ ତାରିଖରେ ଏମ୍ପାନେଲମେଣ୍ଟ କମିଟିରେ ବସିବ ବୋଲି ଜଣାପଡ଼ିଛି । ବରିଷ୍ଠତା ଭିତ୍ତିରେ ଶ୍ରୀ ନାଥଙ୍କ ଉପରେ ୧୯୯୨ ବ୍ୟାଚର ସ୍ୱପ୍ନା ତିୱାରୀ ଅଛନ୍ତି । ଶ୍ରୀ କୋଚେଙ୍କ ଉପରେ ଅଛନ୍ତି ୧୯୯୩ ବ୍ୟାଚ୍ର ଆଇପିଏସ୍ ବିନୋୟତୋଷ ମିଶ୍ର । ତେବେ ଶ୍ରୀମତି ତିୱାରୀ ଏବେ କେନ୍ଦ୍ରୀୟ ଡେପୁଟେସନରେ ଯାଇଥିବା ବେଳେ ଶ୍ରୀ ମିଶ୍ର ଏବେ କ୍ରାଇମ୍‌ବ୍ରାଞ୍ଚ ଡିଜି ଅଛନ୍ତି । ଆଉ ଅଳ୍ପ କିଛି ମାସ ମଧରେ ଶ୍ରୀ ମିଶ୍ର ଓ ଶ୍ରୀମତି ତିୱାରୀ ଅବସର ନେବେ । ତା'ଛଡା ୧୯୯୫ ବ୍ୟାଚର ଆଇପିଏସ୍ ଆର. କେ ଶର୍ମା ୨୦୨୬ ଶେଷ ସୁଦ୍ଧା ଅବସର ନେଉଛନ୍ତି । ଗାଇଡ୍ଲାଇନ୍ ଅନୁସାରେ ଏହି ୩ ଜଣଙ୍କ ନାଁ ଡିଜିପି ଦୌଡରୁ ବାଦ୍ ରହିଛି ।

## ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲରେ ...

କଲେଜ ଏବଂ ହସ୍ପିଟାଲରେ ହୃତପିଣ୍ଡ ବିଜ୍ଞାନ ବିଭାଗ,ସ୍ନାୟୁ ବିଜ୍ଞାନ ବିଭାଗ,ସ୍ନାୟୁ ଶଲ୍ୟ ଚିକିତ୍ସା ବିଭାଗ, ପ୍ଲାଷ୍ଟିକ ସର୍ଜରୀ ବିଭାଗ, ବୃକକ ଚିକିତ୍ସା ବିଭାଗ । ବ୍ରହ୍ମପୁର ସ୍ଥିତ ଏମକେସିଜି ମେଡିକାଲ କଲେଜ ଏବଂ ହସ୍ପିଟାଲର ରକ୍ତ ଚିକିତ୍ସା ବିଭାଗ, ବୁର୍ଲା ସ୍ଥିତ ଭୀମସାର ହୃତପିଣ୍ଡ ଓ ରକ୍ତନଳୀ ଶଲ୍ୟ ଚିକିତ୍ସା ବିଭାଗ, ଶଲ୍ୟ ଗ୍ୟାଷ୍ଟ୍ରଏଣ୍ଟ୍ରୋଲୋଜୀ ବିଭାଗ । କଟକ ସ୍ଥିତ ଏସସିବି ମେଡିକାଲ କଲେଜ ଏବଂ ହସ୍ପିଟାଲରେ ହୃତପିଣ୍ଡ ଓ ରକ୍ତନଳୀ ଶଲ୍ୟ ଚିକିତ୍ସା । ତାଳଚେର ସ୍ଥିତ ପବିତ୍ରମୋହନ ପ୍ରଧାନ ମେଡିକାଲ କଲେଜ ଏବଂ ହସ୍ପିଟାଲରେ ହୃତପିଣ୍ଡ ବିଜ୍ଞାନ ବିଭାଗ, ସ୍ନାୟୁ ବିଜ୍ଞାନ ବିଭାଗ, ସ୍ନାୟୁ ଶଲ୍ୟ ଚିକିତ୍ସା ବିଭାଗ , ପ୍ଲାଷ୍ଟିକ ସର୍ଜରୀ ବିଭାଗ । ପୁର ସ୍ଥିତ ଶ୍ରୀଜଗନ୍ନାଥ ମେଡିକାଲ କଲେଜ ଏବଂ ହସ୍ପିଟାଲରେ ହୃତପିଣ୍ଡ ବିଜ୍ଞାନ ବିଭାଗ,ସ୍ନାୟୁ ବିଜ୍ଞାନ ବିଭାଗ,ସ୍ନାୟୁ ଶଲ୍ୟ ଚିକିତ୍ସା ବିଭାଗ, ପ୍ଲାଷ୍ଟିକ ସର୍ଜରୀର ସମସ୍ତ ବିଭାଗରେ ପ୍ରଫେସର, ଆସୋସିଏଟ ପ୍ରଫେସର, ଆସିଷ୍ଟାଣ୍ଟ ପ୍ରଫେସର ,ସିନିୟର ରେସିଡେଣ୍ଟ ପଦବି ମଞ୍ଜୁର ହୋଇଛି । ଏହି ନିଯୁକ୍ତି ମାଧମରେ ରାଜ୍ୟର ବିଭିନ୍ନ ସରକାରୀ ଚିକିତ୍ସାଳୟ ଓ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ଗୁଡିକରେ ଉନ୍ନତମାନର ଚିକିତ୍ସା ଆହୁରି ସହଜ ହେବ । ଏନେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ଼ ମୁକେଶ ମହାଲିଙ୍ଗ କହିଛନ୍ତି, ରାଜ୍ୟ ସରକାର ସର୍ବଦା ଲୋକଙ୍କୁ ଉତ୍କୃଷ୍ଟ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାକୁ ପ୍ରତିବଦ୍ଧ । ସରକାରଙ୍କ ଏହି ପଦକ୍ଷେପ ଗ୍ରହଣ ଫଳରେ ଆଗାମୀ ଦିନରେ ମାନବ ସମ୍ବଳ ବୃଦ୍ଧି ହେବା ସହ ସ୍ୱାସ୍ଥ୍ୟସେବା ଶିଖର ଛୁଇଁବ ବୋଲି ଆଶା ପ୍ରକାଶ କରିଛନ୍ତି ।

# ଉଦ୍ଧାର ହେଲା ଜୀବନ୍ତ ମାଇ ବଜ୍ରକାପ୍ତା, ଜଣେ ଗିରଫ

**ଗଞ୍ଜାମ (ଏନ୍.ଏମ୍.) :** ଗଞ୍ଜାମ ଜିଲ୍ଲା ବୁଗୁଡା ବନ ବିଭାଗକୁ ମିଳିଛି ଏକ ବଡ଼ ସଫଳତା । ଦକ୍ଷିଣ ଘୁମୁସର ବନଖଣ୍ଡ ଅନ୍ତର୍ଗତ ବୁଗୁଡ଼ା ବନାଞ୍ଚଳରେ ଜଣେ ବ୍ୟକ୍ତି ଠାରୁ ବିରଳ ପ୍ରଜାତି ଜୀବନ୍ତ ବନ୍ୟପ୍ରାଣୀ ମାଇ ବଜ୍ରକାପ୍ତା ବନବିଭାଗ କର୍ମଚାରୀ ବୃନ୍ଦ ଉଦ୍ଧାର କରିଥିବା ଜଣାପଡ଼ିଛି । ଏନେଇ ବେଲଗୁଣ୍ଠା ପୋଲିସ ଥାନା ଅନ୍ତର୍ଗତ କିରାପଲ୍ଲି ଗ୍ରାମର ଶୁକୁ ଗୌଡଙ୍କ ପୁତ୍ର ସନ୍ତୋଷ ଗୌଡ(ବକର)ଙ୍କୁ ଗିରଫକରି ବୁଗୁଡ଼ା ରେଞ୍ଜ ଅଫିସର ଓଆର କେଶ ନମ୍ବର ୧୦୦/୨୦୨୬-୨୭ ପ୍ରକାରେ ଏକ ମାମଲା କରି ଅଭିଯୁକ୍ତ ସନ୍ତୋଷ ଗୌଡଙ୍କୁ କୋର୍ଟ ଚାଲାଣ କରାଯାଇଛି । ସନ୍ତୋଷ ଗୌଡ ମାଇ ବଜ୍ରକାପ୍ତା ବିକ୍ରୀ କରିବା ପାଇଁ



ଯୋଜନା କରୁଥିବା ର ଖବର ବିଶେଷ ସୂତ୍ରରୁ ପାଇ ବୁଗୁଡ଼ା ବନାଞ୍ଚଳ ଅଧିକାରୀ ମାନସ କୁମାର ସାହୁଙ୍କ ନେତୃତ୍ୱରେ ବାଲିପଦର ବନପାଳ ଅଭିରାମ ଖିଲ, ମାଣିତରା ବନପାଳ ସୁକାନ୍ତ ପଟ୍ଟନାୟକ ଓ ବୁଗୁଡ଼ା ବନପାଳ ବୀରେନ୍ଦ୍ର ପଟ୍ଟନାୟକ ଏକ ଟିମ୍ ଆସାମୀ ସନ୍ତୋଷ ଗୌଡକୁ କାବୁକରି ମାଇ ବଜ୍ରକାପ୍ତା ଉଦ୍ଧାର ସହ ଆସାମୀ ସନ୍ତୋଷ ଗୌଡ଼ଙ୍କୁ ଗିରଫ କରି ବୁଗୁଡ଼ା ବନାଞ୍ଚଳ କାର୍ଯ୍ୟାଳୟକୁ ଆଣିଥିଲେ । ଉକ୍ତ ମାଇ ବଜ୍ରକାପ୍ତାର ଓଜନ ୭କେଜି ୧୦୦ଗ୍ରାମ ହୋଇଥିବା ବେଳେ ଏହାର ମୂଲ୍ୟ ଆନ୍ତର୍ଜାତିକ ବଜାରରେ ୩୫ଲକ୍ଷ୍ୟ ଟଙ୍କା ହେବ ବୋଲି ବୁଗୁଡା ବନବିଭାଗ ଅଧିକାରୀ ମତ ଦେଇଛନ୍ତି । ପ୍ରାଣୀ ଚିକିତ୍ସକଙ୍କ ଦ୍ୱାରା ସ୍ୱାସ୍ଥ୍ୟ ପରୀକ୍ଷା କରି ଏକ ଗୃହରେ ବଜ୍ରକାପ୍ତାକୁ ରଖାଯାଇଛି । ମାଇ ବଜ୍ରକାପ୍ତାଟି ସୁସ୍ଥ ଥିବା ରେଞ୍ଜର ମାନସ ସାହୁ ପ୍ରକାଶ କରିଛନ୍ତି । ଆଗାମୀ ଦିନରେ ଏହିଭଳି ନିରୀହ ଜୀବ କୁ ଶୀକାର କରିବା ଓ ତାକୁ ବିକ୍ରି ଭଳି ଘୃଣ୍ୟ କାମ କରୁଥିବା ବ୍ୟକ୍ତି ଓ ତାଙ୍କର ମୂଳ ଯାଏଁ ଯିବାକୁ ରେଞ୍ଜ କାର୍ଯାଳୟ ରେ ଏସିଏଫ ପ୍ରଶାନ୍ତ କୁମାର ସାହୁ ଓ ପ୍ରଦୀପ ବେହେରା ପହଞ୍ଚି ଅଭିଯୁକ୍ତ ସନ୍ତୋଷ ଗୌଡ଼ କୁ ପଚାରାପଚରି କରିବା ସହ ବିଭିନ୍ନ ଦିଗକୁ ନେଇ ତଦନ୍ତ ଆରମ୍ଭ କରିଦେଇଛନ୍ତି ।

# ଘୁମୁସର ଉଦୟଗିରିରେ ହାତୀ ଆତଙ୍କ

**କନ୍ଧମାଳ(ଏନ୍.ଏମ୍.) :** କିଛି ଦିନର ବ୍ୟବଧାନ ପରେ ପୁଣି ଥରେ କନ୍ଧମାଳ ଜିଲ୍ଲା ଘୁମୁସର ଉଦୟଗିରି ଅଞ୍ଚଳରେ ହାତୀ ଆତଙ୍କ ଦେଖାଦେଇଛି । ଗ୍ରେସିଙ୍ଗିଆ ପଞ୍ଚାୟତ ଅନ୍ତର୍ଗତ ସୁଗାମାହା ଗ୍ରାମରେ ହାତୀ ଉତ୍ପାତ କରି ଜଣେ ମହିଳାଙ୍କ ଘରର ସମ୍ମୁଖ ଓ ପଛପଟ ଭାଙ୍ଗି ଦେଇଥିବା ଜଣାପଡ଼ିଛି । ଏହାକୁ ନେଇ ଗ୍ରାମବାସୀଙ୍କ ମଧରେ ପୁଣି ଭୟର ବାତାବରଣ ସୃଷ୍ଟି ହୋଇଛି । ସୂଚନା ଅନୁସାରେ, ସୁଗାମାହା ଗ୍ରାମର ଉର୍ବଶୀ ପ୍ରଧାନଙ୍କ ଘରର ସମ୍ମୁଖ ଓ ପଛପଟକୁ ହାତୀ ଭାଙ୍ଗି ଦେଇଛି । ଘଟଣା ସମ୍ପର୍କରେ ଖବର ପାଇବା ପରେ ଗ୍ରେସିଙ୍ଗିଆ ସରପଞ୍ଚ ତ୍ରିଶିଳା ପ୍ରଧାନଘଟଣା ସ୍ଥଳରେ ପହଞ୍ଚି କ୍ଷୟକ୍ଷତିର ତଦାରଖ କରିଥିଲେ । ଏଥିସହିତ ସେ ପ୍ରଭାବିତ ପରିବାର ସହ ଆଲୋଚନା କରି ଘଟଣା ସମ୍ପର୍କରେ ଅବଗତ ହେବା ପରେ ସ୍ଥାନୀୟ ବନବିଭାଗ ରେଞ୍ଜରଙ୍କ ଆଲୋଚନା କରି ତୁରନ୍ତ ଏହି ଗ୍ରାମରେ ହାତୀ ଆସିଲେ ପୂର୍ବ ସୂଚନା ପାଇବା ନିମନ୍ତେ ସେନ୍ସର ଆଲରାମ ବ୍ୟବସ୍ଥା କରିବା ସହ ସୋଲାର ଲାଇଟ ଲଗେଇବାକୁ ଦାବି କରିଥିଲେ । ଅନ୍ୟପକ୍ଷରେ, ଗତ କିଛି ଦିନ ହେବ ସିରକି, ଡାକପଲା ଓ ସାକାଡ଼ି ଅଞ୍ଚଳରେ ମଧ ଦୁଇଟି ହାତୀ ଉତ୍ପାତ କରୁଥିବା ଅଭିଯୋଗ ହୋଇଛି । ହାତୀମାନେ ବିଭିନ୍ନ ଚାଷଜମିରେ ପଶି ଫସଲ ନଷ୍ଟ କରିବା ସହ କଦଳୀ ଓ ପଣସ ଗଛ ଭାଙ୍ଗି ନଷ୍ଟ କରୁଥିବା ଜଣାପଡ଼ିଛି । ଏଥିସହିତ ଗୋଟିଏ ଘର ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ଦେଇଥିବା ମଧ ସୂଚନା ମିଳିଛି । ବନବିଭାଗ ପକ୍ଷରୁ ହାତୀମାନଙ୍କ ଗତିବିଧି ଉପରେ ନଜର ରଖାଯାଉଛି । ଗୋଟିଏ ହାତୀ ମଳମା, ମାଳାନସୁଗା ଓ ସୁଗାମାହା ଅଞ୍ଚଳରେ ବୁଲୁଥିବା ବେଳେ ଅନ୍ୟ ହାତୀ ରାଇକଲା ପଞ୍ଚାୟତ ଅଞ୍ଚଳ ଆଡ଼କୁ ରହିଥିବା ଜଣାପଡ଼ିଛି । ହାତୀ ଉପଦ୍ରବ ଯୋଗୁଁ ଗ୍ରାମବାସୀ ଭୟଭୀତ ହୋଇପଡ଼ିଛନ୍ତି । ବିଶେଷକରି ଚାଷ ସମୟରେ ଲୋକମାନେ ବିଲକୁ ଯିବା ସହ ଜଙ୍ଗଲକୁ ଯିବାକୁ ମଧ ଭୟ କରୁଛନ୍ତି । ବନବିଭାଗ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନେବା ଏବଂ ହାତୀ ଦ୍ୱାରା ନଷ୍ଟ ହୋଇଥିବା ଘର ଓ ଫସଲର କ୍ଷୟକ୍ଷତି ଆକଳନ କରି ପ୍ରଭାବିତ ପରିବାରଙ୍କୁ ଶୀଘ୍ର କ୍ଷତିପୂରଣ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

### ଓଏସିସ ଫର୍ଟିଲିଟି ପକ୍ଷରୁ ଭୁବନେଶ୍ୱରରେ 'ଜନନୀ ଡାଏଲଗ୍‌ସ' ଆୟୋଜିତ

# ଭାରତର ପ୍ରଜନନ ସ୍ୱାସ୍ଥ୍ୟସେବାକୁ ସୁଦୃଢ଼ କରିବା ପାଇଁ 'ଓଏସିସ ଏକାଡେମୀ' ଘୋଷଣା

**ଭୁବେନଶ୍ୱର(ଏନ୍.ଏମ୍.) :** ଓଏସିସ ଫର୍ଟିଲିଟି ପକ୍ଷରୁ ଆଜି ପ୍ରଜନନ ସୁସ୍ଥତା, ନିବାରଣ ସଚେତନତା ଓ ସୂଚନା ଆଧାରିତ ପରିବାର ଗଠନ ଉପରେ ଏକ ଜନସ୍ୱାର୍ଥ ମଂଚ 'ଜନନୀ ଡାଏଲଗ୍‌ସ'ର ଭୁବେନଶ୍ୱର ସଂସ୍କରଣର ଆୟୋଜନ କରିଛି । 'ଦି ପ୍ୟାରେଣ୍ଟହୁଡ୍ ପାରାଡକ୍ସ: ବିଲ୍ଡିଂ ଏ ଫ୍ୟାମିଲି ଫ୍ରେଣ୍ଡଲି ଇଣ୍ଡିଆ' ବିଷୟବସ୍ତୁ ଉପରେ ଆଧାରିତ ଏହି ମଂଚ ଭାରତୀୟଙ୍କ ମନରେ କ୍ରମାଗତ ଭାବେ ଉଠୁଥିବା ଏକ ପ୍ରଶ୍ନ "ଏକ ପରିବାର-ଅନୁକୂଳ ଭାରତ ଗଠନ ପାଇଁ କ'ଣ ଆବଶ୍ୟକ 'ର ଅନୁଧ୍ୟାନ କରିବା ପାଇଁ ଭୁବେନଶ୍ୱରରେ ସ୍ୱାସ୍ଥ୍ୟସେବା ପେସାଦାର, ପରାମର୍ଶଦାତା ଚିକିତ୍ସକ ଓ ସମୁଦାୟର ଭାଗିଦାରମାନଙ୍କୁ ଏକାଠି କରିଥିଲା । ଏହା ଚିନ୍ତାଜନକ ଯେ ଦେଶର ମୋଟ ପ୍ରଜନନ ହାର ଇତିମଧରେ ପ୍ରତିସ୍ଥାପନ ସ୍ତରଠାରୁ କମିଯାଇଛି । ବକ୍ତାମାନେ ଉଲ୍ଲେଖ କରିଛନ୍ତି ଯେ ଏହି ଜନସଂଖ୍ୟାଗତ ପରିବର୍ତ୍ତନ ବିଳମ୍ବିତ ବିବାହ ତୁଳନାରେ ଦମ୍ପତିମାନେ ଶିକ୍ଷା, କ୍ୟାରିୟର, ଆର୍ଥିକ ସୁରକ୍ଷା ଓ ବ୍ୟକ୍ତିଗତ ଆକାଂକ୍ଷାକୁ ପ୍ରାଥମିକତା ଦେଇ ସଚେତନ ଭାବେ ପିତାମାତା ହେବାକୁ ବିଳମ୍ବ କରିବା ଦ୍ୱାରା ଅଧିକ ପରିଚାଳିତ ହେଉଛି । ଜୀବନଶୈଳୀ ବଦଳିବା ସହିତ ପ୍ରଜନନ ଜୈବ ବିଜ୍ଞାନ ତାହାର ନିଜସ୍ୱ ସମୟସୀମା ଅନୁସରଣ କରୁଛି ଯାହା ପ୍ରଜନନ ସଚେତନତା ଓ ନିବାରଣ ସ୍ୱାସ୍ଥ୍ୟସେବାକୁ ଅଧିକରୁ ଅଧିକ ଲୋକମାନେ ପରିବାର ଚାହୁଁନାହାଁନ୍ତି ବୋଲି ନୁହେଁ, ବରଂ ଜୈବିକ ସମୟଚକ୍ର, ପିତାମାତା ହେବାର ଅର୍ଥନୀତି ଓ ଆଧୁନିକ କ୍ୟାରିୟରର ଚାହିଦା ଭିନ୍ନ ଭିନ୍ନ ଦିଗକୁ ଟାଣୁଛି । ଜନନୀ ଡାଏଲଗ୍‌ସ ସରକାର, ସ୍ୱାସଚ୍ଛ୍ୟସବା, ନିଯୁକ୍ତିଦାତା, କରିଛି । ଏହି ଏକାଡେମୀ ତିନୋଟି କ୍ଷେତ୍ରରେ କାର୍ଯ୍ୟ କରିବ । ତାହା ହେଉଛି ଗବେଷଣା ଏବଂ ନବସୃଜନ ଯେଉଁଥିରେ ମୌଳିକ ଗବେଷଣା, କ୍ଲିନିକାଲ ଅଧ୍ୟୟନ ଓ ବୈଜ୍ଞାନିକ ପ୍ରକାଶନ ମାଧମରେ ପ୍ରଜନନ ସ୍ୱାସ୍ଥ୍ୟସେବା ବିଜ୍ଞାନକୁ ଆଗକୁ ନିଆଯିବ । ଚିକିତ୍ସାଗତ, କର୍ମକ୍ଷେତ୍ର ଓ ସାମାଜିକ ଯାହା ଦମ୍ପତି ଏବଂ ସେମାନେ ଗଢ଼ିବାକୁ ଆଶା କରୁଥିବା ପରିବାରଗୁଡ଼ିକ ମଧରେ ଠିଆ ହୋଇଛି ଏବଂ ସରକାର, ନିଯୁକ୍ତିଦାତା, ସ୍ୱାସ୍ଥ୍ୟସେବା ପ୍ରଦାନକାରୀ ଓ ସମୁଦାୟ ସେଗୁଡ଼ିକ ବିଷୟରେ କ'ଣ କରିପାରିବେ ତାହା ଉପରେ ଧ୍ୟାନ କେନ୍ଦ୍ରୀଭୂତ କରୁଛି । ଜାତୀୟ ଆଲୋଚନା 'ଜନନୀ ଘୋଷଣାନାମା' ସହିତ ଶେଷ ହୋଇଥିଲା ଯାହା ଆଜୀବନ ପ୍ରଜନନ ସ୍ୱାସ୍ଥ୍ୟ, ସୂଚିତ ପସନ୍ଦ, ମିଳିତ ଦାୟିତ୍ୱ, ପିତାମାତା ହେବାର ପ୍ରତ୍ୟେକ ମାର୍ଗ ପାଇଁ ସମ୍ମାନ, କ୍ୟାରିୟର୍ ଏବଂ ପରିବାର ଆକାଂକ୍ଷାର ସନ୍ତୁଳନ ଓ ଏକ ପରିବାର ଅନୁକୂଳ ଭାରତ ଗଠନ ପାଇଁ ଏକ ସାମୂହିକ ପ୍ରତିବଦ୍ଧତା ଉପରେ ଆଧାରିତ ଛଅଟି ମାର୍ଗଦର୍ଶୀ ସିଦ୍ଧାନ୍ତ ଅଟେ ।




ଗୁରୁତ୍ୱପୂର୍ଣ୍ଣ କରିପାରୁଛି ଏବଂ ପ୍ରଜନନ ସମସ୍ୟା ଆଡ଼କୁ ନେଉଥିବା ଅନେକ କାରକକୁ ପ୍ରତିରୋଧ କରାଯାଇପାରିବ । ଏହି ସମାବେଶକୁ ସମ୍ବୋଧିତ କରି ଓଏସିସ ଫର୍ଟିଲିଟିର ସହ-ପ୍ରତିଷ୍ଠାତା ତଥା ମେଡିକାଲ ଡାଇରେକ୍ଟର ଡଃ ଦୁର୍ଗା ଜି.ରାଓ କହିଛନ୍ତି ଯେ, 'ଭାରତର ପରିବାର ଗଠନ ପାଇଁ ଯୋଜନା କରିବା ନିରବେର କଷ୍ଟକର ହେଉଛି । ମନୋବିଜ୍ଞାନୀ ଓ ସମୁଦାୟକୁ ଗୋଟିଏ ମଂଚରେ ଏକାଠି କରୁଛି ଯାହାଫଳେର ପରିବାରଗୁଡ଼ିକୁ ଏହି ପସନ୍ଦଗୁଡ଼ିକୁ ଏକାକୀ ନିୟନ୍ତ୍ରଣ କରିବାକୁ ଛାଡ଼ି ଦିଆଯିବ ନାହିଁ ।' ଓଏସିସ ଫର୍ଟିଲିଟି ଭାରତରେ ପ୍ରଜନନ ଚିକିତ୍ସାକୁ ସୁଦୃଢ଼ କରିବା ପାଇଁ ସମର୍ପିତ ତାହାର ଶିକ୍ଷା ଏବଂ ପ୍ରଶିକ୍ଷଣ ପଦକ୍ଷେପ 'ଓଏସିସ ଏକାଡେମୀ' ବିଷୟରେ ମଧ ଘୋଷଣା ଓଏସିସ ଫର୍ଟିଲିଟି ସ୍ପଷ୍ଟ କରିଥିଲା ଯେ ଜନନୀ ଡାଏଲଗ୍ସ ଏକ ଜନସ୍ୱାର୍ଥ ମଂଚ କୌଣସି ଆଇଭିଏଫ୍ କିମ୍ବା ଫର୍ଟିଲିଟି-ଚିକିତ୍ସା ଅଭିଯାନ ନୁହେଁ । ଏହା କୌଣସି ଉତ୍ପାଦ କିମ୍ବା ପ୍ରକ୍ରିୟାକୁ ପ୍ରୋତ୍ସାହିତ କରେ ନାହିଁ ଏବଂ କୌଣସି ବ୍ୟକ୍ତି ସନ୍ତାନ ସନ୍ତତି କରିବା ଉଚିତ୍ ବୋଲି ସୁପାରିସ କରେ ନାହିଁ । ଏହା ପରିବର୍ତ୍ତେ ଗଠନମୂଳକ କାରକଗୁଡ଼ିକ ଯଥା ଅର୍ଥନୈତିକ, ଓଏସିସ ଫର୍ଟିଲିଟି ଭାରତ ସାରା ପ୍ରଜନନ ସ୍ୱାସ୍ଥ୍ୟ ଓ ପରିବାର ଗଠନେର ସେଚତନତା, ସୁଗମତା ଓ ସାମର୍ଥ୍ୟର ସୁଧାର ପାଇଁ ନୀତିଗତ ଭାଗିଦାରୀ, ଗବେଷଣା ଓ ବହୁ କ୍ଷେତ୍ରୀୟ ସହଯୋଗ ମାଧମରେ ଜନନୀ ଡାଏଲଗ୍ସକୁ ଏକ ବାର୍ଷିକ ଜନସ୍ୱାର୍ଥ ପଦକ୍ଷେପ ଭାବରେ ଆଗକୁ ନେବା ପାଇଁ ତାହାର ପ୍ରତିବଦ୍ଧତାକୁ ପୁନଃପ୍ରକାଶ କରିଛି ।

# ଅଗଣତାନ୍ତ୍ରିକ ଆଦର୍ଶ ଆଚରଣ ସଂହିତା ପ୍ରତ୍ୟାହାର ଓ ଅଧ୍ୟାପକ ନିଯୁକ୍ତି ଦାବିରେ ରେଭେନ୍ସା କୁଳପତିଙ୍କୁ ସ୍ମାରକପତ୍ର

**କଟକ(ଏନ୍.ଏମ୍.) :** ଅଗଣତାନ୍ତ୍ରିକ ତଥା ଛାତ୍ର ବିରୋଧୀ ଆଦର୍ଶ ଆଚରଣ ସଂହିତା ପ୍ରତ୍ୟାହାର, ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଖାଲି ପଡ଼ିଥିବା ସମସ୍ତ ଅଧ୍ୟାପକ ଏବଂ କର୍ମଚାରୀ ପଦବୀରେ ତୁରନ୍ତ ସ୍ଥାୟୀ ନିଯୁକ୍ତ କରିବା, ଲାଇବ୍ରେରୀରେ ପର୍ଯ୍ୟାପ୍ତ ସଂଖ୍ୟକ ବହି ସହିତ ରିଡ଼ିଂ ରୁମରେ ସିଟ୍ ସଂଖ୍ୟା ବୃଦ୍ଧି, ଲାବରୋଟରୀର ଆଧୁନିକୀକରଣ, ସମସ୍ତ ଆଶାୟୀଙ୍କ ପାଇଁ ହଷ୍ଟେଲ ସୁବିଧା ନିଶ୍ଚିତ କରିବା, ଆବଶ୍ୟକ ସଂଖ୍ୟକ ଶ୍ରେଣୀଗୃହ



ଯୋଗାଇଦେବା ସହିତ ଭାଙ୍ଗିଯାଇଥିବା ଗୃହଗୁଡ଼ିକୁ ତୁରନ୍ତ ମରାମତି କରିବା, କ୍ଲାସ୍ ବାତିଲ୍ କିମ୍ବା ପୁନଃ ଆରମ୍ଭ ବିଷୟରେ ୨୪ ଘଣ୍ଟା ପୂର୍ବରୁ ସୂଚନା ଦେବା, ଛାତ୍ରଛାତ୍ରୀଙ୍କ ପାଇଁ ଏକ ଘଣ୍ଟାର ମଧ୍ୟାହ୍ନ ଭୋଜନ ବିରତି ଘୋଷଣା କରିବା, ବାର୍ଷିକ କ୍ୟାଲେଣ୍ଡର ଏବଂ ଟାଇମଟେବୁଲ ଛାପି ପ୍ରଦାନ କରିବା,ଏକ ନିର୍ଦ୍ଧାରିତ ସମୟସୀମା ମଧରେ କୋର୍ସ ସାରିବା, ପ୍ରିଷ୍ଟେଡ ସିଲାବସ ପ୍ରଦାନ କରିବା, ଇଲେକ୍ଟିଭ୍ ଓ ଏମ.ଡି.ସି ବିଷୟ ଚୟନରେ ଥିବା ସମସ୍ତ ଅସୁବିଧା ଓ ଅନିୟମିତତା ଦୂର କରିବା, ପରୀକ୍ଷା ପରିଚାଳନା ଏବଂ ଫଳ ପ୍ରକାଶନରେ ଥିବା ସମସ୍ତ ଅନିୟମିତତା ଦୂର କରିବା, ମିଡ୍-ସେମିଷ୍ଟର ପରୀକ୍ଷାର ସୂଚନା ସ୍ୱନିମ୍ନ ୧୫ ଦିନ ପୂର୍ବରୁ ଜଣାଇବା, ଗୋଟିଏ ମହିଳା ହଷ୍ଟେଲର ଅନ୍ତେବାସୀଙ୍କୁ ଅନ୍ୟ ମହିଳା ହଷ୍ଟେଲକୁ ପ୍ରବେଶ ପାଇଁ ଅନୁମତି ଦିଆଯିବା ସହିତ ମହିଳା ହଷ୍ଟେଲକୁ ଆସୁଥିବା ଅଭିଭାବକମାନଙ୍କ ପାଇଁ ଶୌଚାଳୟର ବ୍ୟବସ୍ଥା କରିବା, ସମସ୍ତ ବିଭାଗ ଏବଂ ହଷ୍ଟେଲରେ ସଠିକ୍ ପରିମଳ ବ୍ୟବସ୍ଥା ଏବଂ ପାନୀୟ ଜଳ ଯୋଗାଣ ନିଶ୍ଚିତ କରିବା, କ୍ୟାମ୍ପସରେ ଜଳବନ୍ଦୀ ସମସ୍ୟା ସମାଧାନ କରିବା, ମହାନଦୀ କ୍ୟାମ୍ପସର ଶ୍ରେଣୀଗୃହ ଏବଂ ଅଡିଟୋରିୟମରେ ବସିବା ପାଇଁ ପର୍ଯ୍ୟାପ୍ତ ବ୍ୟବସ୍ଥା କରିବା, ମହାନଦୀ କ୍ୟାମ୍ପସ ଭିତରେ ସ୍ଥାୟୀ କ୍ୟାଣ୍ଟିନ ସୁବିଧା କରିବା, ମହାନଦୀ କ୍ୟାମ୍ପସରୁ ମୁଖ୍ୟ କ୍ୟାମ୍ପସ ପର୍ଯ୍ୟନ୍ତ ବିଶ୍ୱବିଦ୍ୟାଳୟର ନିଜସ୍ୱ ବସ୍ ସେବା ବ୍ୟବସ୍ଥା କରିବା, କ୍ୟାମ୍ପସ ମଧରେ ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କ ପାଇଁ ବ୍ୟାଟେରୀ ଚାଳିତ ଗାଡ଼ି ସେବାକୁ ନିୟମିତ କରିବା, ଦୃଷ୍ଟିହୀନ ପିଲାଙ୍କ ପାଇଁ ବ୍ରେଲି ଲାଇବ୍ରେରୀର ଉପଯୁକ୍ତ ପରିଚାଳନା କରିବା, ବିଶ୍ୱବିଦ୍ୟାଳୟର ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକ ସଂଖ୍ୟକ ଡାକ୍ତର, କର୍ମଚାରୀ ଓ ଉପଯୁକ୍ତ ଭିତ୍ତିଭୂମି ଯୋଗାଇ ଦେବା, ନିଉ ହଷ୍ଟେଲରେ ଏବଂ ଅନ୍ୟ ହଷ୍ଟେଲରେ ଆବଶ୍ୟକ ଖଟ,ଟେବୁଲ, ଚେୟାର ଯୋଗାଇବା, କ୍ୟାମ୍ପସରେ ସୁସ୍ଥ ଶୈକ୍ଷିକ ଏବଂ ଗଣତାନ୍ତ୍ରିକ ପରିବେଶକୁ ସୁନିଶ୍ଚିତ କରିବା ପାଇଁ ପଦକ୍ଷେପ ନେବା ସହିତ ତୁରନ୍ତ ବିଶ୍ୱବିଦ୍ୟାଳୟରେ ପ୍ରତ୍ୟକ୍ଷ ଛାତ୍ର ସଂସଦ ନିର୍ବାଚନ କରିବାକୁ ପଦକ୍ଷେପ ଗ୍ରହଣ କରିବା ଆଦି ୨୭ ଦଫା ଦାବିରେ ଏଆଇଡିଏସଓ ରେଭେନସା ବିଶ୍ୱବିଦ୍ୟାଳୟ କମିଟି ପକ୍ଷରୁ କୁଳପତିଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟ କମିଟିର ଉପ-ସଭାପତି କସକ ଜେନା ଓ ସମ୍ପାଦକ ଗାୟତ୍ରୀ ସାହୁଙ୍କ ନେତୃତ୍ୱରେ ଛାତ୍ରନେତା ଚନ୍ଦନ ବଳିୟାରସିଂହ, ପୂର୍ଣ୍ଣଚନ୍ଦ୍ର ଖେମୁଣ୍ଡୁ, ରାଜଲକ୍ଷ୍ମୀ ଜେନା, ବିଜୟଲକ୍ଷ୍ମୀ ଜେନା, ସୁଦୀପ୍ତ ରାଉଳ, ଭୋଲେଶ୍ୱର ମହାନନ୍ଦ ପ୍ରମୁଖ ସାମିଲ ହୋଇଥିଲେ ।

ଯଦି କର୍ତ୍ତୃପକ୍ଷ ଅବିଳମ୍ବେ ଦାବି ପୂରଣ ନକରନ୍ତି, ଆଗାମୀ ଦିନରେ ଶକ୍ତିଶାଳୀ ଆନ୍ଦୋଳନ କରାଯିବ ବୋଲି ଛାତ୍ରନେତାମାନେ ଚେତାବନୀ ଦେଇଛନ୍ତି ।




# ଜିମ୍ବାୱେ ବିପକ୍ଷରେ ୯୦ ରନ୍‌ରେ ଜିତିଲା ଭାରତ

## ୨-୦ରେ ଶୃଙ୍ଖଳା ଅଗ୍ରଣୀ, ଈଶାନ କିଶନ ହିରୋ




**ହରାରେ(ଏଜେନ୍ସି):** ଜିମ୍ବାୱେ ବିପକ୍ଷରେ ଭାରତ ଦ୍ୱିତୀୟ ଟି୨୦ ମ୍ୟାଚ୍ରେ ୯୦ ରନରେ ବିଜୟ ହାସଲ କରିଛି । ହରାରେ ସ୍ପୋର୍ଟ୍ସ କ୍ଲବରେ ଶନିବାର ଦିନ ପ୍ରଥମେ ବ୍ୟାଟିଂ କରି ଭାରତ ୨୧୯ ରନ୍ ସଂଗ୍ରହ କରିଥିଲା । ଜବାବରେ ପୁରା ଜିମ୍ବାୱେ ଦଳ ୧୭.୫ ଓଭରରେ ୧୨୯ ରନରେ ଅଲ୍‌ଆଉଟ୍ ହୋଇଥିଲା । ଭାରତ ପକ୍ଷରୁ ଅଭିଷେକ ଶର୍ମା ସର୍ବାଧିକ ୩ଟି ୱିକେଟ୍ ଅକ୍ତିଆର କରିଥିଲେ । ଯଶ ଠାକୁର ଏବଂ ପ୍ରିନ୍ସ ଯାଦବଙ୍କୁ ୨ଟି ଲେଖାଏଁ ୱିକେଟ୍ ମିଳିଟିଲା । ରବି ବିଷ୍ଣୋୟୀ, ଶିଭବ ଦୁବେ ଏବଂ ତିଲକ ବର୍ମା ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ । ଏହି ମୁକାବିଲାରେ ଘରୋଇ ଦଳ ଟସ୍ ଜିତି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା । ଈଶାନ କିଶନ ଏବଂ ତିଲକ ବର୍ମାଙ୍କ ବିସ୍ଫୋରକ ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୫ଟି ୱିକେଟ୍ ହରାଇ ୨୧୯ ରନ୍ ସଂଗ୍ରହ କରିଥିଲା । ଭାରତ ପାଇଁ ଇନିଂସ ଆରମ୍ଭ କରିଥିଲେ ବିସ୍ମୟ ବାଳକ ବୈଭବ ସୂର୍ଯ୍ୟବଂଶୀ ଏବଂ ଅଭିଷେକ ଶର୍ମା । ଉଭୟ ପ୍ରଥମ ୱିକେଟ୍ ପାଇଁ ୧୦ ରନ୍ ସଂଗ୍ରହ କରିଥିଲେ । ଅଭିଷେକ ୮ଟି ବଲ୍ ଖେଳି ୮ ରନ୍ ସଂଗ୍ରହ କରିଥିଲେ । ସେ ଆଉଟ୍ ହେଲା ପରେ ପଡ଼ିଆକୁ ପ୍ରବେଶ କରିଥିଲେ ଈଶାନ କିଶନ । ଈଶାନ କିଶନ ଦଳ ପାଇଁ ବିସ୍ଫୋରକ ବ୍ୟାଟିଂ କରିଥିଲେ, ଯିଏକି ୪୪ଟି ବଲ୍ ଖେଳି ୮୧ ରନ୍ ସଂଗ୍ରହ କରିଥିଲେ । ଏଥିରେ ୯ଟି ଚୌକା ଏବଂ ୨ଟି ଛକା ସାମିଲ କରିଥିଲେ । ତିଲକ ବର୍ମା ଅପରାଜିତ ରହି ୬୦ ରନ୍ ସଂଗ୍ରହ କରିଥିଲେ । ଏଥିରେ ୫ଟି ଚୌକା ଏବଂ ୩ଟି ଛକା ସାମିଲ ଥିଲା । ଅଧିନାୟକ ଶ୍ରେୟସ ଆୟର ୨୦ଟି ବଲ୍ ଖେଳି ୪ଟି ଚେ?କା ସହାୟତାରେ ୨୫ ରନ୍ ସଂଗ୍ରହ କରିଥିଲା ବେଳେ ବୈଭବ ସୂର୍ଯ୍ୟବଂଶୀ ୨୦ ରନ୍ କରିଥିଲେ । ଯୁବ ବ୍ୟାଟର ଶୁଭବ ଦୁବେ ଅପରାଜିତ ୬ ରନ୍ ସଂଗ୍ରହ କରିଥିଲେ । ଜିମ୍ବାୱେ ପାଇଁ ବ୍ଲେସିଂ ମୁଜରୱାନି, ରିଚାର୍ଡ ନଗ୍ରାଭା, ବ୍ରେଡ୍ ଇଭାନ, ନ୍ୟୁମାନ ନ୍ୟାମହୁରି ଏବଂ ବ୍ରେନ୍ ବେନେଟ୍ ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ ।



## ବିଶ୍ୱ ଟେଷ୍ଟ ଚମ୍ପିଆନସିପ୍ ୨୦୨୫-୨୭ ଫାଇନାଲ ଓଭାଲରେ

**ଲଣ୍ଡନ(ଏଜେନ୍ସି):** ବିଶ୍ୱ ଟେଷ୍ଟ ଚମ୍ପିଆନସିପ୍ ଚତୁର୍ଥ ସଂସ୍କରଣ ୨୦୨୫-୨୭ର ଫାଇନାଲ ଇଂଲଣ୍ଡର ଓଭାଲରେ ଖେଳାଯିବ । ୨୦୨୭ ଜୁନ୍ ୯ରୁ ୧୩ ପର୍ଯ୍ୟନ୍ତ ଉକ୍ତ ଫାଇନାଲ ଖେଳାଯିବ । ଇଂଲଣ୍ଡ ୱେଲ୍ସ କ୍ରିକେଟ ବୋର୍ଡ ପକ୍ଷରୁ ଉକ୍ତ ଫାଇନାଲ ଖେଳାଯିବ । ବିଶ୍ୱ ଟେଷ୍ଟ ଚମ୍ପିଆନ୍‌ସିପ ଫାଇନାଲ ଶେଷ ହେବା ପରେ ଆସେସ ଟେଷ୍ଟ ଶୃଙ୍ଖଳା ଖେଳାଯିବ । ଇଂଲଣ୍ଡରେ ଚତୁର୍ଥ ଥର ପାଇଁ ବିଶ୍ୱ ଟେଷ୍ଟ ଚମ୍ପିଆନସିପ୍ ଫାଇନାଲ ଖେଳାଯିବାକୁ ସ୍ଥିର ହୋଇଛି । ବିଶ୍ୱ ଟେଷ୍ଟ ଚମ୍ପିଆନସିପ୍ ପ୍ରଥମ ସଂସ୍କରଣ ୨୦୧୯-୨୧ ର ଫାଇନାଲ ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ସାଉଥହମ୍ପଟନରେ ଖେଳାଯାଇଥିଲା । ଏଥିରେ ନ୍ୟୁଜିଲାଣ୍ଡ ୮ ୱିକେଟରେ ଭାରତକୁ ପରାସ୍ତ କରି ଚମ୍ପିଆନ ହୋଇଥିଲା । ଦ୍ୱିତୀୟ ସଂସ୍କରଣ ୨୦୨୧-୨୩ର ଫାଇନାଲ ଦି ଓଭାଲରେ ଖେଳାଯାଇଥିଲା । ଫାଇନାଲରେ ଅଷ୍ଟ୍ରେଲିଆ ୨୦୯ରନରେ ଭାରତକୁ ପରାସ୍ତ କରି ଚମ୍ପିଆନ ହୋଇଥିଲା । ତୃତୀୟ ସଂସ୍କରଣ ୨୦୨୩-୨୫ର ଫାଇନାଲ ଐତିହାସିକ ଲର୍ଡସ ଗ୍ରାଉଣ୍ଡରେ ଦକ୍ଷିଣ ଆଫ୍ରିକା ଓ ଅଷ୍ଟ୍ରେଲିଆ ମଧ୍ୟରେ ଖେଳାଯାଇଥିଲା । ଏଥିରେ ଦକ୍ଷିଣ ଆଫ୍ରିକା ୫ ୱିକେଟରେ ଅଷ୍ଟ୍ରେଲିଆକୁ ପରାସ୍ତ କରି ଚମ୍ପିଆନ ହୋଇଥିଲା ।

# ଭାରତକୁ ଆର୍ଜେଣ୍ଟିନା ରାଜଦୂତଙ୍କ ଧନ୍ୟବାଦ: କହିଲେ, ବିଶ୍ୱକପ୍ ସିନା ହାରିଲୁ କିନ୍ତୁ ଭାରତୀୟଙ୍କ ମନ ଜିତିଲୁ

**ନୂଆଦିଲ୍ଲୀ(ଏଜେନ୍ସି):** ଫୁଟବଲ୍ ଦୁନିଆର ସବୁଠାରୁ ବଡ଼ ମହାକୁମ୍ଭ 'ଫିଫା ବିଶ୍ୱକପ୍ ୨୦୨୬'ର ରୋମାଞ୍ଚକର ସମାପ୍ତି ଘଟିଛି । ଫାଇନାଲ୍ ମ୍ୟାଚରେ ଆର୍ଜେଣ୍ଟିନା ଅତ୍ୟନ୍ତ ସଂଘର୍ଷପୂର୍ଣ୍ଣ ପ୍ରଦର୍ଶନ କରିଥିଲେ ମଧ୍ୟ ଶେଷ ମୂହୁର୍ତ୍ତରେ ପରାଜୟର ସମ୍ମୁଖୀନ ହୋଇଛି । ଏହି ପରାଜୟରେ ଆର୍ଜେଣ୍ଟିନାର କୋଟି କୋଟି ପ୍ରଶଂସକ ମର୍ମାହତ ହୋଇଥିବା ବେଳେ, ଭାରତରେ ଥିବା ଆର୍ଜେଣ୍ଟିନାର ରାଜଦୂତଙ୍କ ଏକ ବାର୍ତ୍ତା ଏବେ ସବୁଠି ଚର୍ଚ୍ଚାର ବିଷୟ ପାଲଟିଛି । ଫାଇନାଲରେ ହାରିବା ସତ୍ତ୍ୱେ ଆର୍ଜେଣ୍ଟିନା ରାଜଦୂତ ଭାରତୀୟ ପ୍ରଶଂସକମାନଙ୍କୁ ସମ୍ବୋଧିତ କରି କହିଛନ୍ତି । ଭାରତ ଫିଫା ବିଶ୍ୱକପ୍ ଖେଳୁ ନଥିଲେ ମଧ୍ୟ, ଏହି ଦେଶରେ ଫୁଟବଲ୍ ପ୍ରତି ଥିବା ପାଗଳାମି କୌଣସି ଗୁଣରେ କମ୍ ନୁହେଁ । ବିଶ୍ୱକପ୍ ସମୟରେ ଭାରତର ଗଳି କନ୍ଦିରେ ଆର୍ଜେଣ୍ଟିନାର ନୀଳ-ଧଳା ପତାକା ଏବଂ ମେସିଙ୍କ ବଡ଼ ବଡ଼ କଟ୍‌ଆଉଟ୍ ଦେଖିବାକୁ ମିଳିଥିଲା । ଭାରତୀୟଙ୍କ ଏହି ଅଦ୍ଭୁତ ଉତ୍ସାହ ଏବଂ ସମର୍ଥନ ଦେଖି ଆର୍ଜେଣ୍ଟିନା ରାଜଦୂତ ଅଭିଭୂତ ହୋଇପଡ଼ିଛନ୍ତି । ଖାଲି ସେତିକି ନୁହେଁ ବିଶ୍ୱକପ୍ ଖେଳ ସମୟରେ ଭାରତ ଯେପରି ଭାବେ ଆର୍ଜେଣ୍ଟିନାକୁ ଲଗାତାର ସମର୍ଥନ ଦେଉଥିଲା ତାହା ମୋତେ ଅଭିଭୁତ କରିଛି ବୋଲି କହିଛନ୍ତି ଆର୍ଜେଣ୍ଟିନା ରାଜଦୂତ । ଆର୍ଜେଣ୍ଟିନା ରାଜଦୂତ ନିଜ ବାର୍ତ୍ତାରେ କହିଛନ୍ତି ଯେ, 'ଆମେ ଫାଇନାଲରେ ହାରିଥାଇ ପାରୁ, କିନ୍ତୁ ଭାରତୀୟଙ୍କ ହୃଦୟ ଜିତିବାରେ ଆମେ ସଫଳ ହୋଇଛୁ । ବିଶ୍ୱକପ୍ ସାରା



ଭାରତର କୋଣ ଅନୁକୋଣରୁ ଆର୍ଜେଣ୍ଟିନା ଦଳ ପାଇଁ ଯେଉଁ ସମର୍ଥନ ଏବଂ ପ୍ରାର୍ଥନା ମିଳିଲା, ତାହା ଅବିଶ୍ୱସନୀୟ । ଆମ ଦଳ ଯେତେବେଳେ ପଡ଼ିଆରେ ଖେଳୁଥିଲା, ସେତେବେଳେ ସେମାନେ ଜାଣିଥିଲେ ଯେ ହଜାର ହଜାର ମାଇଲ୍ ଦୂରରେ ଥିବା ଏକ ଦେଶ ସେମାନଙ୍କ ପାଇଁ ଚିୟର କରୁଛି । ଏହି ଭଲପାଇବା ପାଇଁ ମୁଁ ସମଗ୍ର ଭାରତବାସୀଙ୍କୁ କୃତଜ୍ଞତା ଜଣାଉଛି ।' ଆର୍ଜେଣ୍ଟିନା ରାଜଦୂତଙ୍କ ଏହି ବାର୍ତ୍ତା କେବଳ ଖେଳ ସମ୍ପର୍କିତ ନୁହେଁ, ବରଂ ଏହା ଦୁଇ ଦେଶ ମଧ୍ୟରେ ଥିବା ସାଂସ୍କୃତିକ ଓ କୂଟନୈତିକ ସମ୍ପର୍କକୁ ଆହୁରି ମଜବୁତ କରିଛି । ସେ କହିଛନ୍ତି ଯେ, ଖେଳ ସୀମା ବାଧା ମାନେ ନାହିଁ । ଭାରତୀୟମାନେ ପ୍ରମାଣ କରିଛନ୍ତି ଯେ ସେମାନେ କେବଳ କ୍ରିକେଟ୍ ପ୍ରେମୀ ନୁହନ୍ତି, ବରଂ ଫୁଟବଲ୍‌କୁ ମଧ୍ୟ ସେତିକି ଗୁରୁତ୍ୱ ଦିଅନ୍ତି । ତେବେ ଏହି କିଛି ବର୍ଷ ମଧ୍ୟରେ ଭାରତରେ ଆର୍ଜେଣ୍ଟିନା ର ପ୍ରଶଂସକଙ୍କ ସଂଖ୍ୟା ବଢିବାରେ ଲାଗିଛି । ରାଜଦୂତଙ୍କ ଏହି 'ଧନ୍ୟବାଦ' ବାର୍ତ୍ତା ପରେ ସୋସିଆଲ ମିଡିଆରେ ଭାରତୀୟ ପ୍ରଶଂସକଙ୍କ ପ୍ରତିକ୍ରିୟାର ସୁଅ ଛୁଟିଛି । ଜଣେ ୟୁଜର୍ ଲେଖିଛନ୍ତି, 'ଆମେ ଆର୍ଜେଣ୍ଟିନାକୁ ଭଲ ପାଉ, କାରଣ ସେମାନେ ଖୁବ୍ ଭଲ ଫୁଟବଲ୍ ଖେଳନ୍ତି । ହାରିବା ବା ଜିତିବା ବଡ଼ କଥା ନୁହେଁ, ଖେଳର ଭାବନା ହିଁ ସବୁଠୁ ବଡ଼ ।' ଅନ୍ୟ ଜଣେ ଲେଖିଛନ୍ତି, 'ମେସି ଏବଂ ଆର୍ଜେଣ୍ଟିନା ସବୁବେଳେ ଆମ ହୃଦୟରେ ରହିବେ ।' ଫିଫା ବିଶ୍ୱକପ୍ ୨୦୨୬ର ଟ୍ରଫି ହୁଏତ ଆର୍ଜେଣ୍ଟିନା ହାତକୁ ଯାଇନାହିଁ, କିନ୍ତୁ ଭାରତୀୟ ପ୍ରଶଂସକଙ୍କ ସହିତ ସେମାନଙ୍କର ସମ୍ପର୍କ ଏକ ନୂଆ ଶିଖରରେ ପହଞ୍ଚିଛି । ଆର୍ଜେଣ୍ଟିନା ରାଜଦୂତଙ୍କ ଏହି ସୌଜନ୍ୟମୂଳକ ବାର୍ତ୍ତା ପ୍ରମାଣ କରୁଛି ଯେ ଖେଳ ଦୁଇଟି ଭିନ୍ନ ମହାଦେଶ ଓ ସଂସ୍କୃତିକୁ ଏକାଠି ବାନ୍ଧି ରଖିବାର କ୍ଷମତା ରଖେ । ଭାରତ ପାଇଁ ଏହା ଏକ ଗର୍ବର ବିଷୟ ଯେ, ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଫୁଟବଲ୍ ଖେଳୁଥିବା ଦେଶ ଭାରତୀୟଙ୍କ ଭଲପାଇବାକୁ ସମ୍ମାନ ଜଣାଉଛି । ୨୦୨୬ ବିଶ୍ୱକପ୍ ହୁଏତ ଶେଷ ହୋଇଛି, କିନ୍ତୁ ଭାରତ ଓ ଆର୍ଜେଣ୍ଟିନାର ଏହି 'ଫୁଟବଲ୍ ବନ୍ଧୁତା' ଚିରସ୍ଥାୟୀ ହୋଇ ରହିବ ।

ଫିଫା ବିଶ୍ୱକପ - ୨୦୨୬

# ସ୍ୱପ୍ନର ଏକାଦଶରେ କେପ୍ ଭର୍ଦେର ଭୋଜିନା



**ନ୍ୟୁୟର୍କ (ଏଜେନ୍ସି):** ଫିଫା ଫୁଟବଲ ବିଶ୍ୱକପ-୨୦୨୬ ଆମେରିକା, କାନାଡା ଓ ମେକ୍ସିକୋରେ ସଫଳତାର ସହିତ ଶେଷ ହୋଇଛି । ଏଥିରେ ସ୍ପେନ ଫାଇନାଲରେ ଆର୍ଜେଣ୍ଟିନାକୁ ପରାସ୍ତ କରି ଦ୍ୱିତୀୟ ଥର ପାଇଁ ବିଶ୍ୱକପ ଜିତିଛି । ଫିଫା ପକ୍ଷରୁ ବିଶ୍ୱକପରେ ଖେଳାଳିମାନଙ୍କ ପ୍ରଦର୍ଶନକୁ ଆଧାର କରି ସ୍ୱପ୍ନର ଏକାଦଶ ମନୋନୟନ କରାଯାଇଛି । ଅନ୍‌ଲାଇନ ଭୋଟିଂ ଆଧାରରେ ଫିଫା ପକ୍ଷରୁ ଉକ୍ତ ସ୍ୱପ୍ନର ଚୂଡାନ୍ତ ଏକାଦଶ ମନୋନୟନ କରାଯାଇଛି । ଫିଫା ସ୍ୱପ୍ନର ଏକାଦଶରେ ପଦାର୍ପଣରେ ଚମକ ଦେଖାଇଥିବା କେପ୍ ଭର୍ଦେର ଭୋଜିନାଙ୍କୁ ଗୋଲରକ୍ଷକ ଭାବେ ସ୍ଥାନ ମିଳିଛି । ୪୦ ବର୍ଷୀୟ ଭୋଜିନାଙ୍କୁ ସର୍ବାଧିକ ୩୯.୬ ପ୍ରତିଶତ ଭୋଟ୍ ମିଳିଛି । ଏହାଛଡ଼ା ନରୱେ ଷ୍ଟ୍ରାଇକର ଅର୍ଲିଙ୍ଗ ହାଲାଣ୍ଡ ଦ୍ୱିତୀୟ ସର୍ବାଧିକ ୨୭.୫ ପ୍ରତିଶତ ଭୋଟ ପାଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱକପରେ ସର୍ବାଧିକ ୧୦ଟି ଗୋଲ ଦେଇ ଗୋଲଡେନ ବୁଟ୍ ପୁରସ୍କାର ପାଇଥିବା ଫ୍ରାନ୍ସର କିଲିଆନେ ଏମ୍ବାପେ, ଆର୍ଜେଣ୍ଟିନା ଅଧିନାୟକ ଲିଓନେଲ ମେସି, ଇଂଲଣ୍ଡର ଜୁଡେ ବେଲିଙ୍ଗହାମ ରହିଛନ୍ତି ।

**ଫିଫା ସ୍ୱପ୍ନର ଏକାଦଶ :** ଗୋଲରକ୍ଷକ-ଭୋଜିନା (କେପ୍ ଭର୍ଦେ), ଡିଫେଣ୍ଡର-ପେଡ୍ରୋ ପୋରୋ (ସ୍ପେନ), ଲିସାଣ୍ଡ୍ରୋ ମାର୍ଟିନେଜ (ଆର୍ଜେଣ୍ଟିନା), ଡାୟୋଟ୍ ଉପାମିକାନୋ (ଫ୍ରାନ୍ସ), ମାର୍ସ କୁକୁରିଲା (ସ୍ପେନ), ମିଡ୍ ଫିଲଡର-ରୋଡ୍ରି (ସ୍ପେନ), ମିଚେଲ ଓଲିସ (ଫ୍ରାନ୍ସ), ଜୁଡେ ବେଲିଙ୍ଗହାମ (ଇଂଲଣ୍ଡ), ଫରୱାର୍ଡ-ଲିଓନେଲ ମେସି (ଆର୍ଜେଣ୍ଟିନା), ଅର୍ଲିଙ୍ଗ ହାଲାଣ୍ଡ (ନରୱେ), କିଲିଆନେ ଏମ୍ବାପେ (ଫ୍ରାନ୍ସ) ।

# ବୈଭବଙ୍କ ବିସ୍ଫୋରଣ

**ହରାରେ (ଏଜେନ୍ସି):** ଭାରତୀୟ ବିସ୍ମୟ ବାଳକ ବୈଭବ ସୂର୍ଯ୍ୟବଂଶୀ ବିଶ୍ୱ କୀର୍ତ୍ତିମାନ ସୃଷ୍ଟି କରିଛନ୍ତି । ବୈଭବ ଅନ୍ତର୍ଜାତୀୟ ଟ୍ୱେଣ୍ଟି୨୦ରେ ସର୍ବକନିଷ୍ଠ ଖେଳାଳି ଭାବେ ଅର୍ଦ୍ଧଶତକ ହାସଲ କରି ବିଶ୍ୱ କୀର୍ତ୍ତିମାନ ସୃଷ୍ଟି କରିଛନ୍ତି । ବୈଭବ ଗୁରୁବାର ହରାରେ ସ୍ପୋର୍ଟସ କ୍ଲବରେ ଖେଳାଯାଇଥିବା ଜିମ୍ବାୱେ ବିପକ୍ଷ ପ୍ରଥମ ଟ୍ୱେଣ୍ଟି୨୦ରେ ୧୯ଟି ବଲରୁ ୪ଟି ଛକା ଓ ୪ଟି ଚୌକା ସହ ୫୦ରନ କରିଥିଲେ । ଏଥିସହିତ ବୈଭବ ଅନ୍ତର୍ଜାତୀୟ ଟ୍ୱେଣ୍ଟି୨୦ରେ ସବୁଠାରୁ କମ୍ ବୟସ୍କ ଖେଳାଳି ଭାବେ ଅର୍ଦ୍ଧଶତକ ହାସଲ କରି ପୂର୍ବ କୀର୍ତ୍ତିମାନକୁ ଭାଙ୍ଗିଛନ୍ତି । ବୈଭବ ୧୫ ବର୍ଷ ୧୧୮ ଦିନରେ ଏହି କୀର୍ତ୍ତିମାନ ସ୍ଥାପନ କରିଛନ୍ତି । ସେ କ୍ୟାରିୟରର ଚତୁର୍ଥ ଟ୍ୱେଣ୍ଟି୨୦ରେ ଏହି କୀର୍ତ୍ତିମାନ ସୃଷ୍ଟି କରିଛନ୍ତି । ବୈଭବଙ୍କ ପୂର୍ବରୁ ଅନ୍ତର୍ଜାତୀୟ ଟ୍ୱେଣ୍ଟି୨୦ରେ କମ୍ ବୟସ୍କ ଖେଳାଳି ଭାବେ ଅର୍ଦ୍ଧଶତକ ହାସଲ କରିବାରେ ବିଶ୍ୱ କୀର୍ତ୍ତିମାନ ଗିବ୍ରାଲଟରର ଲୁଇସ ବ୍ରୁସଙ୍କ ନାମରେ ଥିଲା । ଲୁଇସ୍ ୨୦୨୧ ରେ ୧୬ ବର୍ଷ ୫୬ ଦିନରେ ମାଲ୍ଟା ବିପକ୍ଷରେ ଅର୍ଦ୍ଧଶତକ ହାସଲ କରିଥିଲେ । ଯାହା ଅନ୍ତର୍ଜାତୀୟ ଟ୍ୱେଣ୍ଟି୨୦ରେ ସର୍ବକନିଷ୍ଠ ଖେଳାଳି ଭାବେ ଅର୍ଦ୍ଧଶତକ କୀର୍ତ୍ତିମାନ ରହିଥିଲା । ଅନ୍ୟପକ୍ଷରେ ଆଇସିସି ପୂର୍ଣ୍ଣ ସଦସ୍ୟ ଦେଶ ଗୁଡ଼ିକୁ ବିଚାରକୁ ନେଲେ ଏହି କୀର୍ତ୍ତିମାନ ଆଫଗାନିସ୍ତାନର ରହମାନ୍ ଉଲ୍ଲା ଗୁର୍‌ବାଜଙ୍କ ନାମରେ ଥିଲା । ଯିଏ; ୨୦୧୯ରେ ୧୭ ବର୍ଷ ୨୯୬ ଦିନରେ ଜିମ୍ବାୱେ ବିପକ୍ଷ ଟ୍ୱେଣ୍ଟି୨୦ରେ ଅର୍ଦ୍ଧଶତକ ହାସଲ କରିଥିଲେ । ସୂଚନାଯୋଗ୍ୟ, ବୈଭବ ଚଳିତ ଜୁଲାଇ ୪ରେ ଟ୍ରେଣ୍ଟବ୍ରିଜରେ ଇଂଲଣ୍ଡ ବିପକ୍ଷରେ ସର୍ବକନିଷ୍ଠ ଭାରତୀୟ ଭାବେ ଅନ୍ତର୍ଜାତୀୟ ଟ୍ୱେଣ୍ଟି୨୦ ପଦାର୍ପଣ କରିଥିଲେ ।

**ପ୍ରଥମ ଟ୍ୱେଣ୍ଟି୨୦ରେ ଜିମ୍ବାୱେ ପରାସ୍ତ**




# ଗ୍ଲାସ୍‌ଗୋରେ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ୨୩ତମ ସଂସ୍କରଣ

## କେଉଁ କ୍ରୀଡ଼ାରେ ଭାରତକୁ କେତେ ପଦକ ମିଳିବାର ଆଶା

**ନୂଆଦିଲ୍ଲୀ (ଏଜେନ୍ସି) :** ଆସନ୍ତା ଅଗଷ୍ଟ ୨ ପର୍ଯ୍ୟନ୍ତ ସ୍କଟ୍‌ଲାଣ୍ଡର ଗ୍ଲାସ୍‌ଗୋରେ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ୨୩ତମ ସଂସ୍କରଣ ଅନୁଷ୍ଠିତ ହେବ । ଏହି କ୍ରୀଡ଼ାରେ ଭାରତର ୧୨୫ ଜଣିଆ ଦଳ ଭାଗନେବ । କିଛି ଭାରତୀୟ କ୍ରୀଡ଼ାବିତ୍ ଗ୍ଲାସ୍ ଗୋରେ ପହଞ୍ଚି ସାରିଛନ୍ତି । ୨୩ରେ ଉଦ୍‌ଘାଟନ ଉତ୍ସବ ପରେ ୧୦ ଦିନ ଧରି ପଦକ ପାଇଁ ସେମାନେ ପ୍ରତିଦ୍ୱନ୍ଦ୍ୱିତା କରିବେ । ୨୦୨୨ ବର୍ମିଂହାମ୍ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ୨୦ଟି କ୍ରୀଡ଼ା ଥିବା ବେଳେ ୨୧୦ ଜଣ ଭାରତୀୟ କ୍ରୀଡ଼ାବିତ୍ ୨୨ଟି ସ୍ୱର୍ଣ୍ଣ ସହ ମୋଟ ୬୧ଟି ପଦକ ଜିତି ୪ର୍ଥ ସ୍ଥାନରେ ରହିଥିଲା । ଗ୍ଲାସ୍ ଗୋରେ ୧୦ଟି କ୍ରୀଡ଼ାରେ ପ୍ରତିଯୋଗିତା ହେବ । ତେଣୁ ସମସ୍ତ ପ୍ରତିଯୋଗୀ ଦେଶଙ୍କ ପଦକ ସଂଖ୍ୟା ହ୍ରାସପାଇବା ସ୍ୱାଭାବିକ । ଦୌଡ଼କୁଦ, ବକ୍ସିଂ ଓ ଭାରୋତ୍ତୋଳନରୁ ଭାରତ ଅଧିକ ପଦକର ଆଶା ରଖିଛି । ପୁଣି ଜୁଡୋ ଓ ପାରା ଦୌଡ଼କୁଦରୁ ମଧ୍ୟ ଭାରତ ପଦକ ପାଇପାରେ । ୨୦୧୮ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସ୍ୱର୍ଣ୍ଣ ଜିତିବା ପରେ ଅଲିମ୍ପିକ୍ସ ଓ ବିଶ୍ୱ ଚମ୍ପିଆନ୍ ଜାଭେଲିନ୍ ତାରକା ନୀରଜ ଚୋପ୍ରା ଗ୍ଲାସ୍ ଗୋରେ ଭାଗ ନେଉଛନ୍ତି । ତାଙ୍କୁ ଛାଡ଼ି ଭାରୋତ୍ତୋଳନରେ ମୀରାବାଈ ଚାନୁ, ବକ୍ସିଂରେ ଲଭ୍‌ଲିନା ବର୍ଗୋହାଇଁ ପ୍ରମୁଖ ଭାରତକୁ ସ୍ୱର୍ଣ୍ଣପଦକ ଦେଇପାରନ୍ତି । ଦୌଡ଼କୁଦରେ ଭାରତର ୩୨ ଜଣ ଭାଗ ନେଉଛନ୍ତି । ଏଥିରୁ ଦେଶ ସର୍ବାଧିକ ପଦକର ଆଶାରଖିଛି । ସେମାନେ ୨୨ଟି ପଦକ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିବେ । ଜାମାଇକା, କେନିୟା, ଇଂଲଣ୍ଡ ଓ କାନାଡାର ଆଥ୍‌ଲେଟ୍ ଭାରତୀୟଙ୍କର କଡ଼ା ମୁକାବିଲା କରିବେ । ହାଇଜମ୍ପ୍‌ରେ ସର୍ବେଶ କୁଶାରେ, ଲଙ୍ଗ୍ ଜମ୍ପ୍ ରେ ମୁରଲୀ ଶ୍ରୀଶଙ୍କର ଓ ଟ୍ରିପ୍ ଲ ଜମ୍ପରେ ପ୍ରବୀଣ ଚିତ୍ରାଭେଲ ଭାରତକୁ ପଦକ ଜିତାଇ ପାରନ୍ତି । ଗୁଲବୀର ସିଂହ (୧୦,୦୦ ମିଟର) ଓ ପାରୁଲ ଚୌଧୁରୀ (୩୦୦୦ ମିଟର ଷ୍ଟିପ୍ଲଚେସ୍ )ରେ ମଧ୍ୟ ପଦକ ଜିତିପାରନ୍ତି । ନୀରଜ ଚୋପ୍ରାଙ୍କୁ ପାକିସ୍ତାନର ଅର୍ସଦ ନଦିମ୍, ଶ୍ରୀଲଙ୍କାର ରୁମେଶ ପାଥିରାଗେ, ଗ୍ରେନାଡାର ଆଣ୍ଡରସନ୍ ପିଟର୍ସ, କେନିୟାର ଜୁଲିୟସ୍ ୟେଗୋଙ୍କ ସହ ମୁକାବିଲା କରିବାକୁ ପଡ଼ିବ । ଦୌଡ଼କୁଦରୁ ଭାରତ ୫ରୁ ୭ଟି ପଦକ ଜିତିପାରେ । ବକ୍ସିଂରେ ଭାରତର ୧୪ ଜଣିଆ ଦଳ ଭାଗନେଉଛି । ସେମାନେ ସମସ୍ତ ୧୪ଟି ବର୍ଗରେ ଭାଗନେବେ । ବକ୍ସିଂରେ ଭାରତ ୧୦ରୁ ୧୧ଟି ପଦକ ଜିତିବ ବୋଲି ଅନୁମାନ କରାଯାଉଛି । ପୁଣି ପୁରୁଷ ଅପେକ୍ଷା ଭାରତୀୟ ମହିଳା ଅଧିକ ପଦକ ଜିତିପାରନ୍ତି । କାରଣ ବକ୍ସିଂରେ ଶକ୍ତିଶାଳୀ ଦେଶମାନେ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାଗ ନେଉନାହାନ୍ତି । ବିଶ୍ୱ ଚମ୍ପିଆନ୍ ଜାସ୍ମିନ୍ ଲାମ୍ବୋରିଆ ଓ ପୂର୍ବତନ ଅଲିମ୍ପିକ୍ ପଦକ ବିଜୟିନୀ ଲଭ୍ ଲିନା ବର୍ଗୋହାଇଁ ଦେଶକୁ ସ୍ୱର୍ଣ୍ଣ ଜିତାଇ ପାରନ୍ତି । ସେମାନଙ୍କ ସହ ସାକ୍ଷୀ ଚୌଧୁରୀ (୫୧ କିଗ୍ରା) ଓ ପ୍ରୀତି ପାୱାର (୫୪ କିଗ୍ରା) ମଧ୍ୟ ସ୍ୱର୍ଣ୍ଣପଦକ ଜିତିପାରନ୍ତି ।




# ୧୬ ବର୍ଷ ପରେ ଭାରତ ଫେରିବେ ଲଳିତ ମୋଦୀ

**ନୂଆଦିଲ୍ଲୀ (ଏଜେନ୍ସି):** ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍)ର ପ୍ରତିଷ୍ଠାତା ଏବଂ ଏହାର ପୂର୍ବତନ ଅଧକ୍ଷ ଲଳିତ ମୋଦୀ ଚଳିତବର୍ଷ ଶେଷରେ କିମ୍ବା ୨୦୨୭ ଆରମ୍ଭରେ ସ୍ୱଦେଶ ଭାରତ ଫେରିବେ । ୨୦୦୯ରେ ଆଇପିଏଲ୍ ଦକ୍ଷିଣ ଆଫ୍ରିକାରେ ଆୟୋଜନ ହୋଇଥିଲା । ଉକ୍ତ ଆଇପିଏଲ୍ ସମୟରେ ମୋଦୀଙ୍କ ସହ ତତ୍କାଳୀନ ବିସିସିଆଇ ସଭାପତି ଏନ୍. ଶ୍ରୀନିବାସନ୍, ସମ୍ପାଦକ ଏମ୍.ପି. ପାଣ୍ଡବ ଓ ଉପସଭାପତି ଲଳିତ ମୋଦୀଙ୍କ ବିରୋଧରେ ବିଦେଶୀ ମୁଦ୍ରା ପରିଚାଳନା ଆଇନ (ଫେମା) ମାମଲା ରୁଜୁ ହୋଇଥିଲା । ତେବେ ଦକ୍ଷିଣ ଆଫ୍ରିକାର ଏକ ଟ୍ରାଇବ୍ୟୁନାଲ୍ ନିକଟରେ ଏହି ମାମଲାରେ ଲଳିତ ମୋଦୀଙ୍କୁ ଦୋଷମୁକ୍ତ ଘୋଷଣା କରିଛି । ଫଳରେ ୧୬ ବର୍ଷ ପରେ ସେ ଭାରତ ଫେରିବାକୁ ନିଷ୍ପତ୍ତି ନେଇଛନ୍ତି । ୨୦୧୦ରୁ ଲଳିତ ମୋଦୀ ବିଦେଶରେ ରହୁଥିଲେ । ମୋଦୀ କହିଛନ୍ତି ଯେ ଟ୍ରିବ୍ୟୁନାଲ୍‌ର ଏହି ରାୟ ସହ ୧୬ ବର୍ଷ ଧରି ଚାଲିଥିବା ତାଙ୍କର ଆଇନଗତ ଲଢ଼େଇର ସମାପ୍ତି ଘଟିଛି । ଜଲ୍‌ଦି ସେ ଭାରତ ଫେରିବାକୁ ଆଶା କରୁଛନ୍ତି । ମୋଦୀ କହିଛନ୍ତି,



ଏତେଦିନ ଧରି ଗଣମାଧ୍ୟମ ଏବଂ ସମସ୍ତଙ୍କୁ ଯାହା କହୁଥିଲି; ତାହା ସତ୍ୟ ପ୍ରମାଣିତ ହୋଇଛି । ଟ୍ରିବ୍ୟୁନାଲ୍ ମୋ ସପକ୍ଷରେ ରାୟ ଦେଇଥିବାରୁ ବହୁତ ଖୁସି । ମୋର ଏକମାତ୍ର ଉଦ୍ଦେଶ୍ୟ ଥିଲା ଆଇପିଏଲ୍‌ର ହିତ ଓ କଲ୍ୟାଣ । ଆଇପିଏଲ୍ ମୋ ପାଇଁ ସବୁଠାରୁ ପ୍ରିୟ । ମୁଁ ଜୀବନରେ ଆଗକୁ ବଢ଼ିବାକୁ ଚାହୁଁଛି ଏବଂ ଭାରତକୁ ଫେରିବାକୁ ଅପେକ୍ଷା କରିଛି । ଚଳିତ ବର୍ଷ ଶେଷଆଡ଼କୁ ମୋ ନାତିର ଜନ୍ମ ପରେ ଭାରତ ଫେରିପାରେ । ତେବେ ଟ୍ରାଇବ୍ୟୁନାଲ୍ କହିଥିଲେ, ଆଇପିଏଲ୍ ପରିଚାଳନାରେ ଲଳିତ ମୋଦୀ ଫେମା ଉଲ୍ଲଙ୍ଘନ ପାଇଁ ଦାୟୀ ଥିଲେ ବୋଲି ପ୍ରମାଣ କରିବାକୁ କୌଣସି କାଗଜାତ ମିଳିନାହିଁ । ୨୦୦୯ରେ ଭାରତରେ ସାଧାରଣ ନିର୍ବାଚନ ଥିବାରୁ ଦକ୍ଷିଣ ଆଫ୍ରିକାରେ ଆଇପିଏଲ୍ ଆୟୋଜନ ହୋଇଥିଲା । ବିଦେଶରେ ଟୁର୍ଣ୍ଣାମେଣ୍ଟ ଆୟୋଜନ ହୋଇଥିବାରୁ ବିଦେଶୀ ମୁଦ୍ରା ପରିଚାଳନା ଆଇନର ଉଲ୍ଲଙ୍ଘନ ହୋଇଥିବା ଅଭିଯୋଗ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) କରିଥିଲା । ଏଥିପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କର ପୂର୍ବ ଅନୁମତି ଆବଶ୍ୟକ ଥିଲା ବୋଲି ଇଡି ଦାବି କରିଥିଲା ।

Printed and Published by Smt. Manasi Sahoo on behalf of Nishkarsha Media Entertainment & Publication. Published at Badachanchoo, Po- Nakhara, Via- Choudwar, Dist.Cuttack, PIN- 754025 (ODISHA).
Printed at Durga Madhav Printers, At- Bajrakbati Road, Po- Buxi Bazar, Dist-Cuttack (Odisha). Mob- 8895134289, 9938725879. Email : nishkarsha.media@gmail.com.
Our Website: nishkarsha.com & nishkarsha.site
Editor : TAPAN KUMAR SAHOO
Email for Admin.: nishkarshamedia.admn@gmail.com, Email for Editor: nishkarsha.editor@gmail.com, Email for Advertisement: nishkarsha.advt@gmail.com
ସମ୍ପାଦକ: ତପନ କୁମାର ସାହୁ